READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୨୭ ୧୭ - ୨୩ ଜୁଲାଇ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-27 17th - 23rd JULY, 2023 BHUBANESWAR ₹ 5/- (8 Pages)

### କେବଳ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ କାହିଁକି

## ସମସ୍ତଙ୍କୁ ମିଳୁ ସମାନ ନ୍ୟାୟ

**ଭୁବନେଶ୍ୱର :** ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ କ୍ଲିକରେ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ସହାୟତା ପାଇଁ ୱେବ ପୋର୍ଟାଲର ଲୋକାର୍ପଣ କରିଥିଲେ। ସ୍ୱାସ୍ଥ୍ୟ ବୀମା ହେଉ କି ଅନ୍ୟାନ୍ୟ ସହାୟତା ପାଇଁ ସାମ୍ବାଦିକଙ୍କୁ ଆଉ ଜିଲ୍ଲା କିମ୍ବା ରାଜ୍ୟ ମୁଖ୍ୟାଳୟକୁ ଆସିବାକୁ ପଡ଼ିବନାହିଁ। ଏହାଦ୍ୱାରା ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରେ କାମ କରୁଥିବା ଓଡ଼ିଆ ସାମ୍ବାଦିକ ଅନଲାଇନ କଲ୍ୟାଣ ଯୋଜନାର ସୁବିଧା ନେଇପାରିବେ। ରାଜ୍ୟ ସରକାର ଗୋପବନ୍ଧୁ କର୍ମୀଜୀବୀ ସାମ୍ବାଦିକ ସ୍ୱାସ୍ଥ୍ୟବୀମା ଯୋଜନା କରିଛନ୍ତି। ଚିକିତ୍ସା ପାଇଁ ସାମ୍ବାଦିକ ଓ ତାଙ୍କ ପରିବାରକୁ ୨ଲକ୍ଷ ଟଙ୍କା, ମୃତ୍ୟୁ ହେଲେ ୪ଲକ୍ଷ ସହାୟତା ରାଶି ଯୋଗାଇ ଦିଆଯାଉଛି। ସାମ୍ବାଦିକତା ଏକ ବୃତ୍ତି ନୁହେଁ ଏକ ମିଶନ। ସାମ୍ବାଦିକମାନେ ସଚେତନ ସମାଜ ଗଠନ ପାଇଁ କାମ ଜାରି ରଖନ୍ତୁ ବୋଲି ଆହ୍ୱାନ ଦେଇଥିଲେ ମୁଖ୍ୟମନ୍ତ୍ରୀ। ସାମ୍ବାଦିକଙ୍କୁ ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ହେଲେ ଏହି ଯୋଜନା କେବଳ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କ କ୍ଷେତ୍ରରେ ଲାଗୁ ହେଉଥିଲା ବେଳେ ରାଜ୍ୟରେ ଅସଂଖ୍ୟ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ କରୁଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମ ବ୍ୟତିରେକ ଅନେକ ମୁଦ୍ରିତ ଗଣମାଧ୍ୟମ ସେମାନଙ୍କ ଖବରକାଗଜ ଦୈନିକ ହେଉ ବା ସାପ୍ତାହିକ ନିୟମିତ ପ୍ରକାଶ କରୁଛନ୍ତି। ଏହାର କପି ମଧ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ପିଆଇବି, ଲୋକସେବା ଭବନ ଏବଂ ଅନ୍ୟାନ୍ୟ ସରକାରୀ ଦପ୍ତରକୁ ମଧ୍ୟ ଯାଉଛି। ହେଲେ ବିଡମ୍ବନାର ବିଷୟ ଦୀର୍ଘବର୍ଷ ଧରି ପ୍ରିଣ୍ଟ ମିଡିଆରେ କାର୍ଯ୍ୟ କରୁଥିଲେ ସୁଦ୍ଧା ସେମାନଙ୍କୁ କୌଣସି ପ୍ରକାର ସରକାରୀ ସ୍ୱୀକୃତି କିମ୍ବା ସହାୟତା ମିଳୁନାହିଁ। ଯଦି କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ରାଜ୍ୟ ସରକାରଙ୍କର ଏତେ ଦରଦ ଅଛି ଯେଉଁମାନେ ଏ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନଙ୍କ ବିଷୟରେ ତଥ୍ୟ ସଂଗ୍ରହ କରାଯାଇ ସରକାରୀ ସୁବିଧା ସୁଯୋଗ ଏବଂ ସହାୟତା ପ୍ରଦାନ କରାଯିବା ଉଚିତ ନୁହେଁ କି ? ତେଣୁ ସରକାର ଏ ଦିଗରେ ନିଜର ଆନ୍ତରିକତା ଦେଖାଇ ସୁରକ୍ଷା ଓ ସୁବିଧାରୁ ବଞ୍ଚିତ ସାମ୍ବାଦିକ ମାନଙ୍କୁ ସମାନ ନ୍ୟାୟ ପ୍ରଦାନ କରନ୍ତୁ।

### ରାଜ୍ୟ ସରକାରଙ୍କ ସୁଶାସନର ବିକଳ ଚିତ୍ର

# ରାସ୍ତା ନାହିଁ; ଚାରି କିଲୋମିଟର ଖଟିଆରେ ବୁହାହେଲେ ପ୍ରସୂତି

**ବାରିପଦା, (ବିଜୁ ସିଂ):** ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକ ମାନଙ୍କ ପାଇଁ ପ୍ରତିବର୍ଷ ଉଭୟେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର କୋଟିକୋଟି ଟଙ୍କା ରାସ୍ତା, ପାନୀୟ ଜଳ, ବିଦ୍ୟୁତ, ବାସଗୃହ ଭଳି ଅନେକ କାମ ପାଇଁ ଯୋଜନା ମାଧ୍ୟମରେ ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜିବି ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକେ ରାସ୍ତା, ପାନୀୟଜଳ, ବିଦ୍ୟୁତ, ବାସଗୃହ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଦୁର୍ଦ୍ଦିନରେ କାଳାତିପାତ କରିବାକୁ ବାଧ୍ୟ ହେଉଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଖଡମବେଡା ପଞ୍ଚାୟତ ଅଧୀନ ହାତିଛାଡ଼, ବରୁଡ଼ି



ଗାଁରେ। ଆମ୍ବୁଲାନ୍ସ ପହଁଞ୍ଚି ନପାରିବାରୁ ଜଣେ ପ୍ରସୂତିଙ୍କୁ ଖଟିଆରେ ବୋହି ମେଡିକାଲ ନେବା ଘଟଣା ଦେଖିବାକୁ ମିଳିଛି। ଗାଁର ଜୈନେକ ମହିଳାଙ୍କୁ ପ୍ରସବ ବେଦନା ହେବାରୁ ମେଡ଼ିକାଲ ନେବାକୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। ହେଲେ ଭଲ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗାଁ ପର୍ଯ୍ୟନ୍ତ ଯିବାକୁ ଅମଙ୍ଗ ହୋଇ କେଶରଗଡ଼ିଆ ନିକଟରେ ଅଟକି ରହିଥିଲା। ତେବେ ପ୍ରସୂତିଙ୍କ ପ୍ରସବ ବେଦନା ବଢିଚାଲିଥୁବା ବେଳେ ଶେଷରେ ବାଧ୍ୟ ହୋଇ ଗ୍ରାମବାସୀ ଉକ୍ତ ମହିଳାଙ୍କୁ ଏକ ଖଟିଆରେ ସାଙ୍ଗି ଭାର କରି ୪କିଲୋମିଟର ବୋହି କେଶରଗାଡିଆରେ ଅଟକି ଥିବା ➤ ପୃ-୬

# ଜହ୍ନ ରାଇଜକୁ ଗଲା ଚନ୍ଦ୍ରଯାନ-୩

**ଶ୍ରୀହରିକୋଟା,୧୪।୭ :** ଇତିହାସ ରଚିଛି ଭାରତ। ଭାରତର ଚନ୍ଦ୍ରଯାନ-୩ ମିସନ ସଫଳତାର ସହ ପୃଥିବୀର କକ୍ଷପଥରେ ପ୍ରବେଶ କରିଛି। ଏହା ସହିତ ଏହି ମହାକାଶ ଯାନ ସମସ୍ତ ଅଙ୍ଗ ସ୍ୱାଭାବିକଭାବେ କାମ କରୁଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଘୋଷଣା କରିଛି। ଉତକ୍ଷେପଣର ପ୍ରାୟ ୩୦ ମିନିଟ ପରେ ଇସ୍ରୋ ପକ୍ଷରୁ ଟୁଇଟ୍ କରି କୁହାଯାଇଛି ଯେ ମିସନ ସଫଳ ହୋଇଛି। ଚନ୍ଦ୍ରଯାନ-୩ ସଫଳତାର ସହ ପୃଥିବୀର କକ୍ଷପଥରେ ସାମିଲ ହୋଇଛି ଓ ନିର୍ଭୁଲଭାବେ ଉକ୍ତ କକ୍ଷପଥରେ ହିଁ ଗତି କରୁଛି। ଶୁକ୍ରବାର ଅପରାହ୍ନ ୨ଟା ୩୫ ମିନିଟରେ ଚନ୍ଦ୍ର ଅଭିମୁଖେ ଯାତ୍ରା କରିଛି ଚନ୍ଦ୍ରଯାନ-୩। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାର ଦ୍ୱିତୀୟ ଲଞ୍ଚପ୍ୟାଡରୁ ଉତକ୍ଷେପଣ ହୋଇଛି ଚନ୍ଦ୍ରଯାନ-୩। ଏହାକୁ ଏଲଭିଏମ-୩ ରକେଟ୍ ଦ୍ୱାରା ମହାକାଶକୁ ପ୍ରେରଣ କରାଯାଇଛି। କୋଟି କୋଟି ଭାରତୀୟଙ୍କ ନଜର ଚନ୍ଦ୍ରଯାନ-୩ ଉପରେ ରହିଛି। ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ (ଇସ୍ରୋ) ଏହି ଉତ୍କ୍ଷେପଣ ଶ୍ରୀହାରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ କରିଛି। ଏକ ସଫଳ ମିସନ ପାଇଁ ସମସ୍ତ ଆବଶ୍ୟକ ପାରାମିଟର ପୂରଣ ହୋଇଥିବାରୁ ଇସ୍ରୋର ମିସନ୍ ପ୍ରସ୍ତୁତି ସମୀକ୍ଷା କମିଟି ଉତ୍କ୍ଷେପଣ ପାଇଁ ମଞ୍ଜୁରି ଦେଇଥିଲା। କମିଟିର ଅନୁମୋଦନ ପରେ ଲଞ୍ଚ ପ୍ରାଧିକରଣ ବୋର୍ଡ ମଧ ଚନ୍ଦ୍ରଯାନ-୩ ମିସନ ଆରମ୍ଭ କରିବାକୁ ଅନୁମତି ଦେଇଥିଲା। ୪୩.୫ ମିଟର ଲମ୍ବ ଏଲଭିଏମ୍-୩ ଲଞ୍ଚ ରକେଟ୍ ଚନ୍ଦ୍ରଯାନକୁ ପ୍ରଥମେ ଏକ ଅର୍ଦ୍ଧବୃତ୍ତାକାର ପୃଥିବୀ କକ୍ଷପଥକୁ



ପଠାଇବା ପରେ ଚନ୍ଦ୍ରଯାନ ତା'ର ଗତିପଥରେ ଅଗ୍ରସର ହୋଇ ଅଗଷ୍ଟ ୨୩ରେ ଚନ୍ଦ୍ର ଦକ୍ଷିଣ ମେରୁ ନିକଟରେ ନିର୍ଦ୍ଧାରିତ ସ୍ଥାନରେ ଅବତରଣ କରିବା ଆଶା କରାଯାଉଛି। ଏଲ୍‌ଭିଏମ୍-୩ ହେଉଛି ଏକ ହେଭି-ଲିଫ୍ଟ ଲଞ୍ଚ ଭେହିକ୍ଲ ଯାହା ମହାକାଶକୁ ଏକ ଉଲ୍ଲେଖନୀୟ ପେଲୋଡ୍ ପଠାଇବାର କ୍ଷମତା ପାଇଁ ପ୍ରସିଦ୍ଧ। ଏହା ଇସ୍ରୋ ଦ୍ୱାରା ବିକଶିତ ସବୁଠାରୁ ଶକ୍ତିଶାଳୀ ରକେଟ୍ ଏବଂ ଏହି ଶ୍ରେଣୀର ରକେଟ୍ ଭିତରେ ଏହା ଅଦ୍ୱିତୀୟ। ରକେଟ୍ ଗୁଡ଼ିକ ଭିତରେ 'ବାହୁବଳୀ' ଭାବରେ ଜଣାଶୁଣା ଏଲ୍‌ଭିଏମ୍-୩ ହେଉଛି ଏକ ତିନି ପର୍ଯ୍ୟାୟ ରକେଟ୍ ଯାହା ଦୁଇଟି କଠିନ-ଇନ୍ଧନ ବୁଷ୍ଟର ଏବଂ ଏକ ତରଳ-ଇନ୍ଧନ କୋର୍ ଷ୍ଟେଜ୍ ସହିତ ସଜ୍ଜିତ। କଠିନ-ଇନ୍ଧନ ବୁଷ୍ଟରଗୁଡ଼ିକ ପ୍ରାରମ୍ଭିକ ଥ୍ରଷ୍ଟ ପ୍ରଦାନ କରୁଥିବାବେଳେ ତରଳ-ଇନ୍ଧନ କୋର୍ ଷ୍ଟେଜ୍ ରକେଟକୁ କକ୍ଷପଥରେ ପ୍ରବେଶ କରାଇବା ପାଇଁ ସ୍ଥାୟୀ ଶକ୍ତି ପ୍ରଦାନ କରିବ। ➤ ପୃ-୬

### କ୍ଷୁଦ୍ର ଚାଷୀଙ୍କୁ 'ଫସଲ ବୀମା ପ୍ରିମିୟମ' ଥୋପ

## ସରକାର ଭରିବେ ପ୍ରିମିୟମ



**ଭୁବନେଶ୍ୱର :** ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର 'ଫସଲ ବୀମା'ର ପ୍ରିମିୟମ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ୨ହେକ୍ଟର ବା ୫ଏକର ପର୍ଯ୍ୟନ୍ତ ଜମି ପାଇଁ ଚାଷୀଙ୍କୁ ଶସ୍ୟ ବୀମା ପ୍ରିମିୟମ ଦେବାକୁ ପଡ଼ିବ ନାହିଁ। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ରାଜ୍ୟ ସରକାର ବିଭିନ୍ନ ବୀମା କମ୍ପାନୀ ମାଧ୍ୟମରେ ଚାଷୀଙ୍କୁ ଫସଲ ବୀମା ସୁବିଧା ଯୋଗାଇ ଦେଉଛନ୍ତି। ସୂଚନା ଅନୁସାରେ, ରାଜ୍ୟରେ ୨୦୧୬ ଖରିଫ ଋତୁରୁ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ବିଭିନ୍ନ କାରଣରୁ ଚାଷୀର ଫସଲ କ୍ଷତି ହେଲେ ସେ ବୀମା ଟଙ୍କା ପାଇବାକୁ ହକଦାର ହୋଇଥାଏ। ଚାଷୀଙ୍କୁ ଖରିଫ ଋତୁରେ ମୋଟ୍ ବୀମାରାଶିର ୨ପ୍ରତିଶତ ପ୍ରିମିୟମ ଓ ରବି ଋତୁରେ ୧.୫% ପ୍ରିମିୟମ ଦେବାକୁ ପଡ଼ିଥାଏ। ବାକି ପ୍ରିମିୟମ ଟଙ୍କାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ବହନ କରିଥାନ୍ତି। ତେବେ ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷୁଦ୍ର ଚାଷୀଙ୍କ ପ୍ରିମିୟମ ଅର୍ଥ ନିଜେ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ପାଇଁ ୪ଟି ବୀମା କମ୍ପାନୀ ଚୟନ ହୋଇଛନ୍ତି। ଏହି ବୀମା କମ୍ପାନୀଗୁଡ଼ିକ ସେମାନଙ୍କୁ ଆବଣ୍ଟିତ ଜିଲ୍ଲାଗୁଡ଼ିକରେ ଫସଲବୀମା ପାଇଁ ଚାଷୀଙ୍କ ପଞ୍ଜିକରଣ କରିବେ। ଏହି ବୀମା କମ୍ପାନୀଗୁଡ଼ିକ ୨୦୨୫-୨୬ ରବି ଋତୁ ପର୍ଯ୍ୟନ୍ତ ରାଜ୍ୟରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ➤ ପୃ-୬

### ବକ୍ରବାଣୀ



ଲୋକ ଦେଖାଣିଆ କଳି କରନ୍ତି
ଭିତରେ ସମିତେ ସଲାସୁତୁରା
ଗୋଟିଏ ଦଳରେ ଚାକର ଥାଇ
ଆର ପଟେ ଭକ୍ତ ପୁଅ ପୁତୁରା
କ୍ରିକେଟ ବଲ୍ ଲାଗିଲାନି ଭଲ
ଶିରୀକାନ୍ତ ଖେଳିଲା ଫୁଟବଲ
ଗୋଟି ଗୋଟି କରି ମରମ ଖୋଲୁଚି
ମିଡ଼ିଆ ଆଗରେ ସଞ୍ଜୁ ମହଲ
ନାଗୁଣୀ କୋଠାକୁ ଆଉ ଯିବକି
ଗୁପ୍ତ ରୋଗେ ପଡ଼ି ନାମ ନବକି।

——— ଟୁଟୁ

### ନବ ଦାସ ହତ୍ୟା ମାମଲା

# ସାମ୍ନାକୁ ଆସିଲା ୫୪୪ ପୃଷ୍ଠାର ଚାର୍ଜସିଟ୍

**ଭୁବନେଶ୍ୱର :** ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା ମାମଲାରେ ସାମନାକୁ ଆସିଛି ଚାଞ୍ଚଲ୍ୟକର ତଥ୍ୟ। ନବ ଦାସଙ୍କୁ ହତ୍ୟା କରିବା ପାଇଁ ଲଣ୍ଡା ହୋଇ ଶପଥ ନେଇଥିଲା ଅଭିଯୁକ୍ତ ଗୋପାଳ ଦାସ। କ୍ରାଇମବ୍ରାଞ୍ଚ ଦାଖଲ କରିଥିବା ୫ ଶହ ପୃଷ୍ଠାର ଚାର୍ଜସିଟରେ ଏଭଳି କିଛି ତଥ୍ୟ ଉଲ୍ଲେଖ ଅଛି। ନବ ଦାସଙ୍କୁ ହତ୍ୟା କରିବାକୁ ନିଜ ଭାଇ ସତ୍ୟନାରାୟଣ ଦାସଙ୍କ ସହ ସମ୍ବଲପୁର ସମଲେଇ ମନ୍ଦିରକୁ ଯାଇ ଶପଥ ନେଇଥିଲା ଗୋପାଳ ଦାସ। ଏଥିସହ ସେ ସେଠାରେ ଲଣ୍ଡା ହୋଇ ନିକଟ ଭବିଷ୍ୟତରେ ନବ ଦାସଙ୍କୁ ମାରିବାକୁ ଶପଥ ନେଇଥିଲେ। ମାତ୍ର ଏଥିନିମନ୍ତେ ବାରମ୍ବାର ପ୍ରୟାସ କରି ସେ ବିଫଳ ହୋଇଥିଲା। ବ୍ରଜରାଜନଗରରେ ସ୍ୱର୍ଗତ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ବେଳେ ନବଙ୍କୁ



ହତ୍ୟା ପାଇଁ ଯୋଜନା କରି ଫେଲ୍ ମାରିଥିଲେ ଗୋପାଳ ଦାସ। ସେହି ଦିନଠୁ ନିଜ ସର୍ଭିସ୍ ପିସ୍ତଲରେ ସେ ଗୁଳି ଲୋଡ୍ କରି ବି ରଖୁଥିଲେ। ବିନା କାରଣରେ ହତ୍ୟାକାଣ୍ଡ ଘଟାଇବା ସମ୍ଭବପର ନୁହେଁ। ତେଣୁ ନବ ଦାସ ହତ୍ୟା ପଛର କାରଣ ସମ୍ପର୍କରେ ଚାର୍ଜସିଟରେ ସମ୍ୟକ ତଥ୍ୟ ରଖିଛି କ୍ରାଇମବ୍ରାଞ୍ଚ। ଚାର୍ଜସିଟ୍‌ରେ ଉଲ୍ଲେଖ ଥିବା କାରଣ ଅନୁଯାୟୀ, ଗୋପାଳ ବଡ଼ମାଲ ଥାନାରେ ଥିବା ବେଳେ ଅନେକ ସମୟରେ ➤ ପୃ-୬

### ରଦ୍ଦି କାଗଜ ସହ ସମାନ : ସୁରେଶ



**ଭୁବନେଶ୍ୱର :** ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ନବ କିଶୋର ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଦାଖଲ କରିଥିବା ଚାର୍ଜସିଟ୍‌କୁ ରଦ୍ଦି କାଗଜ କହିଲେ ବରଗଡ଼ ସାଂସଦ ସୁରେଶ ପୂଜାରୀ। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ପୂଜାରୀ କହିଛନ୍ତି, ନବ ଦାସ ହତ୍ୟା ମାମଲାର ତଦନ୍ତ ଗୋପାଳ ଦାସଠାରୁ ଆରମ୍ଭ ହୋଇ ଗୋପାଳ ପାଖରେ ଶେଷ ହୋଇଛି। ତଦନ୍ତ ଆରମ୍ଭରୁ ବାଟବଣା ହୋଇଛି। ଆଜି ପର୍ଯ୍ୟନ୍ତ ହତ୍ୟାର ଉଦ୍ଦେଶ୍ୟ ଜଣାପଡ଼ୁନି। ହତ୍ୟା କାଣ୍ଡ ➤ ପୃ-୬

### ନବୀନଙ୍କ ନାଁରେ ନୂଆ ରେକର୍ଡ

# ହେବେ ଦେଶର ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ନବୀନଙ୍କ ନାଁରେ ନୂଆ ରେକର୍ଡ। ଖୁବଶୀଘ୍ର ହେବେ ଦେଶର ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ। ଜୁଲାଇ ୨୨ରେ ଜ୍ୟୋତି ବସୁଙ୍କୁ ପଛରେ ପକାଇବେ ନବୀନ। ୨୪ରେ ନବୀନଙ୍କ ରାଜନୈତିକ କ୍ୟାରିଅରରେ ଯୋଡ଼ିହେବ ନୂଆ ରେକର୍ଡ। ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ନବୀନ ପଟ୍ଟନାୟକ। ୨୫ ବର୍ଷ ଜନସେବାରେ ଏଯାଏଁ ୨୩ ବର୍ଷ ୧୨୭ ଦିନ ଧରି ମୁଖ୍ୟମନ୍ତ୍ରୀ ପଦବୀରେ ରହିଆସିଛନ୍ତି ନବୀନ। ଜୁଲାଇ ୨୨ ତାରିଖରେ ସେ ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ ଭାବେ ରେକର୍ଡ କରିବେ। ଜ୍ୟୋତି ବସୁ ପଶ୍ଚିମବଙ୍ଗରେ ସିପିଏମର ୩୪ ବର୍ଷ ସରକାରରେ ୨୩ ବର୍ଷ ୧୩୮ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ଜୁଲାଇ ୨୨ରେ ଏହି ରେକର୍ଡକୁ



ଭାଙ୍ଗିବେ ନବୀନ। ଭାରତ ବର୍ଷରେ ଦ୍ୱିତୀୟ ସର୍ବାଧିକ ସମୟ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିବା ନେଇ ନବୀନଙ୍କ ନାଁରେ ଯୋଡ଼ିହେବ ନୂଆ ରେକର୍ଡ। ଓଡ଼ିଶାବାସୀଙ୍କ ପାଇଁ ଏହା ଗର୍ବର ବିଷୟ ବୋଲି ବିଜେଡି କହିଛି। ରାଜ୍ୟବାସୀଙ୍କ ଆଶୀର୍ବାଦରେ ୨୦୨୪ରେ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହୋଇ ନବୀନ ଭାରତ ରାଜନୀତିର ସବୁ ରେକର୍ଡ ହାସଲ କରିବେ ➤ ପୃ-୬




### ହାଇକୋର୍ଟଙ୍କ ରିପୋର୍ଟ କାର୍ଡ ପ୍ରକାଶ

# ମାମଲା ଫଇସଲାରେ ରେକର୍ଡ

**କଟକ :** ରାଜ୍ୟରେ ନ୍ୟାୟପାଳିକାର କାର୍ଯ୍ୟ ଓ ପ୍ରଦର୍ଶନର ରିପୋର୍ଟ କାର୍ଡ ପ୍ରକାଶ ପାଇଛି। ଉଭୟ ହାଇକୋର୍ଟ ଓ ଜିଲ୍ଲା କୋର୍ଟର ପ୍ରଦର୍ଶନର ପରିସଂଖ୍ୟାନ ରିପୋର୍ଟକୁ ଓଡ଼ିଶା ହାଇକୋର୍ଟ ନିଜର ୱେବସାଇଟ୍ ମାଧ୍ୟମରେ ସାର୍ବଜନୀନ କରିଛନ୍ତି। ନ୍ୟାୟପାଳିକା ନିଜ ପ୍ରଦର୍ଶନର ରିପୋର୍ଟକୁ ସର୍ବସାଧାରଣଙ୍କ ଅବଗତି ଉଦ୍ଦେଶ୍ୟରେ ପ୍ରକାଶିତ କରିବାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଥିବାବେଳେ ୨୦୨୧ ଓ ୨୦୨୨ ମସିହା ତୁଳନାରେ ୨୦୨୩ ମସିହାରେ ଉଭୟ ହାଇକୋର୍ଟ ଓ ଜିଲ୍ଲାକୋର୍ଟରେ ଶୁଣାଣି ଓ ମାମଲା ଫଇସଲା ହାରରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଅବଶ୍ୟ ଏସବୁ ସତ୍ତ୍ୱେ ଚଳିତବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ଓଡ଼ିଶା ହାଇକୋର୍ଟରେ ୧.୪୬ଲକ୍ଷ ଓ ଜିଲ୍ଲା କୋର୍ଟଗୁଡ଼ିକରେ ୧୮.୫୬ଲକ୍ଷ ଏଭଳି ମୋଟ ୨୦,୦୨,୮୩୫ଟି ମାମଲା ବିଚାରାଧୀନ ରହିଛି। ୨୦୨୩ ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ଓଡ଼ିଶା ହାଇକୋର୍ଟରେ ମୋଟ୍ ୪୯୬୩୫ଟି ମାମଲା ରୁଜୁ ହୋଇଥିଲାବେଳେ ବିଚାରପତିମାନଙ୍କ ଦ୍ୱାରା ୧୩୬୮ଥର ଶୁଣାଣିରେ ୬୨,୮୬୯ଟି ମାମଲାର ଫଇସଲା ହୋଇଛି।



ଏହି ଅବଧିରେ ହାଇକୋର୍ଟରେ ଫଇସଲା ହାର ୧୨୬.୬୬% ରହିଛି। ୨୦୨୨ ଜାନୁୟାରୀରୁ ଜୁନ୍ ମଧ୍ୟରେ ୫୩୧୫୫ଟି ମାମଲା ରୁଜୁ ଓ ୯୮୨ଥର ଶୁଣାଣିରେ ୫୯୮୫୦ଟି ମାମଲାର ଫଇସଲା ହୋଇଛି। ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୪୨୨୭୮ଟି ମାମଲା ରୁଜୁ ଓ ୩୪୧ଥର ଶୁଣାଣିରେ ମୋଟ ୩୯୨୫୯ଟି ମାମଲାର ଫଇସଲା ହୋଇଛି । ୨୦୨୧ରେ ହାଇକୋର୍ଟରେ ମାମଲା ଫଇସଲା ହାର ୯୨.୮୫% ଥିବାବେଳେ ୨୦୨୨ରେ ଏହା ୧୧୨.୬୬%କୁ ବୃଦ୍ଧି ପାଇଥିଲା। ୨୦୨୨ ଜୁନ୍ ୩୦ତାରିଖ ସୁଦ୍ଧା ହାଇକୋର୍ଟରେ ମୋଟ ୧,୮୯,୮୪୭ଟି ମାମଲା ବିଚାରାଧୀନ ଥିବାବେଳେ ୨୦୨୩ ଜୁନ୍ ଶେଷବେଳକୁ ଏହି ସଂଖ୍ୟା ହ୍ରାସ ପାଇଁ ୧,୪୬,୫୮୨କୁ ହ୍ରାସ ପାଇଛି। ବିଭିନ୍ନ କାରଣ ଯଥା- କୋର୍ଟରେ ବାର୍ ଓକିଲଙ୍କ ଅନୁପସ୍ଥିତି, ବିଚାରପତି ଓ ଓକିଲଙ୍କ ଅକାଳ ମୃତ୍ୟୁ, ବିଚାରପତିଙ୍କ ଛୁଟି ଆଦି କାରଣରୁ ମଧ୍ୟ ବିଗତବର୍ଷମାନଙ୍କରେ କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। ତେବେ ସୁପ୍ରିମକୋର୍ଟଙ୍କ ୨୦୨୨ ଡିସେମ୍ବର ୧୨ ଓ ୧୪ତାରିଖ ରାୟ ପରେ ଏସବୁ ପରିସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ୨୦୨୩ ଜାନୁୟାରୀରୁ କୋର୍ଟରେ ବାର୍ ସଦସ୍ୟ(ଓକିଲ)ମାନେ ଆଉ ଅନୁପସ୍ଥିତ ରହୁନାହାନ୍ତି। ଏହି କାରଣରୁ ୨୦୨୧ର ପ୍ରଥମ ୬ମାସରେ ହାଇକୋର୍ଟଙ୍କ ୧୩୯୫.୬୫ଘଣ୍ଟା କାର୍ଯ୍ୟଅବଧି ବାଧାପ୍ରାପ୍ତ ବା ନଷ୍ଟ ହୋଇଥିବାବେଳେ ୨୦୨୩ ପ୍ରଥମାର୍ଦ୍ଧରେ ଏହା ୯୧୩.୬ଘଣ୍ଟାକୁ ହ୍ରାସ ପାଇଛି। ଅବଶ୍ୟ ୨୦୨୨ ପ୍ରଥମାର୍ଦ୍ଧରେ କାର୍ଯ୍ୟ ନଷ୍ଟ ଅବଧି ପରିମାଣ ୧୫୫୯.୧୫ଘଣ୍ଟା ଥିଲା। ୨୦୨୩ ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ରାଜ୍ୟର ଜିଲ୍ଲା କୋର୍ଟଗୁଡ଼ିକରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ**
କାର୍ଯ୍ୟ କ୍ଷେତ୍ରରେ ସଂଯମତା ରକ୍ଷା କରନ୍ତୁ। ବ୍ୟବସାୟରେ ଶୁଭ ଖବର ମିଳିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ହୋଇପାରେ। ଛାତ୍ରମାନେ ସଂଯମତାର ସହ ଅଗ୍ରସର ହୁଅନ୍ତୁ। ଦମ୍ପତ୍ତିମାନଙ୍କୁ ହଠାତ୍ ଖୁସି ପାଇବେ। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ହଠାତ୍ ନିର୍ଣ୍ଣୟ ନିଅନ୍ତୁ। ଖର୍ଚ୍ଚ ଉପରେ ଲଗାମ ଦିଅନ୍ତୁ। ପରିବାରରେ ବିବାଦ ଦୂର ହେବ। ବ୍ୟବସାୟରେ ନୂଆ ନିଷ୍ପତ୍ତି ନେବେ। ଛାତ୍ରମାନେ ପାଠରେ ମନଦେବେ। ପ୍ରେମରେ ନୂଆ ଖବର ପାଇବେ। ବିଦେଶ ଭ୍ରମଣ ସୁଯୋଗ ରହିଛି।

**ମିଥୁନ**
ମୁହଁ ଥିବା ସମସ୍ୟା ଦୂର ହେବ। ଆର୍ଥିକ ସ୍ଥିତି ଭଲ ରହିବ। ପରିବାରରେ ଶାନ୍ତି ମିଳିବ। କାର୍ଯ୍ୟକ୍ଷେତ୍ରରେ ନିଜର ମତାମତ ରଖିପାରିବେ ନାହିଁ। ଛାତ୍ରମାନେ ନୂଆ ଜିନିଷ ଶିଖିବା ପାଇଁ ଚେଷ୍ଟା କରି ବିଫଳ ହେବେ।

**କର୍କଟ**
ମାନସିକ ସ୍ଥିତି ଦୃଢ଼ କରିବା ପାଇଁ ଚେଷ୍ଟା କରନ୍ତୁ। ବାସି ଖାଦ୍ୟ ଖାଆନ୍ତୁ ନାହିଁ। ଆର୍ଥିକ ସ୍ଥିତି ବିଗିଡ଼ିପାରେ। ଘରେ ଥିବା ଛୋଟ ମାନଙ୍କୁ ନୂଆ ଚାକିରି ମିଳିପାରେ। ଛାତ୍ରମାନେ ପୁରୁଣା କଥା ପ୍ରତି ନଜର ଦେଇପାରନ୍ତି।

**ସିଂହ**
ପତି କିମ୍ବା ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ବ୍ୟବସାୟରେ ଧନ ପ୍ରାପ୍ତି ଓ ସମାଜରୁ ସମ୍ମାନପ୍ରାପ୍ତି ଯୋଗ ଅଛି। କାର୍ଯ୍ୟ କ୍ଷେତ୍ରରେ କାମ ସମୟରେ ସାରି ପାରିବେ ନାହିଁ। ଛାତ୍ରମାନେ ପାଠରେ ମନ ଲଗାଇ ପାରିବେ ନାହିଁ।

**କନ୍ୟା**
ସ୍ୱାସ୍ଥ୍ୟ ଉତ୍ତମ ରହିବ। ଅଟକିଥିବା ଧନ ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଛାତ୍ରମାନେ ଅନୁକୂଳ ପରିଣାମ ପାଇବେ। ପ୍ରେମ ଜୀବନ ସୁନ୍ଦର ରହିବ। କ୍ରୋଧ ଉପରେ କାବୁ ରଖନ୍ତୁ।

**ତୁଳା**
ଧ୍ୟାନ ଓ ଯୋଗ କରନ୍ତୁ। ମନସ୍ଥିର ରହିବ। କୌଣସି ନିଜ ଲୋକ ଟଙ୍କା ଉଧାର ମାଗିପାରନ୍ତି। ଘର ଲୋକଙ୍କ ଉପରେ ଅଧିକ ଧ୍ୟାନ ଦିଅନ୍ତୁ। ଶତ୍ରୁମାନେ ସକ୍ରିୟ ହେବେ ଓ ଷଡଯନ୍ତ୍ର କରିପାରନ୍ତି।

**ବିଛା**
ମନ ନାକାରାତ୍ମକ ରହିବ। ବିଚାର କରି ନିଷ୍ପତ୍ତି ନିଅନ୍ତୁ। ଇଚ୍ଛାନୁସାରେ ଚାକିରୀ ମିଳିପାରେ। ଆର୍ଥିକ ସ୍ଥିତି ଭଲ ରହିବ। ପରିବାରରେ ଅସ୍ଥିରତା ଦେଖାଦେବ। ଛାତ୍ରମାନେ ଭଲ ସୁଯୋଗ ପାଇବେ।

**ଧନୁ**
ଖେଳକୁଦରେ ଭାଗ ନିଅନ୍ତୁ। ଖର୍ଚ୍ଚରେ ଧ୍ୟାନ ଦିଅନ୍ତୁ। ମା'ଙ୍କର ପୁରୁଣା ରୋଗ ଦୂର ହେବ। ଭାଗିଦାର ଉପରେ ନଜର ଦିଅନ୍ତୁ। ଛାତ୍ରମାନେ ପାଠରେ ମନଦେବେ। ପ୍ରେମୀମାନେ ଭଲ ନିଷ୍ପତ୍ତି ନେଇପାରନ୍ତି।

**ମକର**
ଆଣ୍ଠୁଗଣ୍ଠି ବାତ ରୋଗରୁ ମୁକ୍ତି ପାଇବେ। ଗହଣା ଓ ଘର କିଣିପାରନ୍ତି। ପରିବାରରେ ଖୁଉସିର ପରିବେଶ ରହିବ। ବୁଝିବିଚାରି ବ୍ୟବସାୟରେ ନିବେଶ କରନ୍ତୁ। ଛାତ୍ରମାନେ ପାଠରୁ ଦୂରେଇ ଯିବେ।

**କୁମ୍ଭ**
ଲୋକ ମାନଙ୍କ ସହ ମିଳାମିଶାରୁ ଦୂରେଇ ଯାଆନ୍ତୁ। ଧନ ଚୋରି ହେବାର ସମ୍ଭାବନା ଅଛି। ଘର କୌଣସି ପୁରୁଣା କାମ ପୂର୍ଣ୍ଣ ହେବ। କାର୍ଯ୍ୟ କ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ। ପ୍ରେମୀମାନଙ୍କୁ ସଫଳତା ମିଳିବ।

**ମୀନ**
ନିଶା ଦ୍ରବ୍ୟ ସେବନରୁ ଦୂରେଇ ରହନ୍ତୁ। କ୍ଷତି ହୋଇପାରେ। ଆର୍ଥିକ ବିନିଯୋଗର ସଠିକ୍ ନିର୍ଣ୍ଣୟ ନେବେ। କମ ଚେଷ୍ଟାରେ ଅଧିକ ଧନ ପ୍ରାପ୍ତି ହେବ। ପ୍ରେମିକଙ୍କ ଅନାବଶ୍ୟକ ଓ ଅତିୟ ଦାବିର ସାମନା କରିପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

## ଫ୍ରାନ୍ସରୁ ୨୬ ରାଫେଲ, ୩ ସ୍କର୍ପିନ ବୁଡ଼ାଜାହାଜ କ୍ରୟ ପାଇଁ ପ୍ରତିରକ୍ଷା ମଞ୍ଜୁରି



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ଦୁଇ ଦିନିଆ ଫ୍ରାନ୍ସ ଗସ୍ତରେ ଥିବା ବେଳେ ପ୍ରତିରକ୍ଷା ମନ୍ତ୍ରାଳୟ ଫ୍ରାନ୍ସଠାରୁ ୨୬ଟି ରାଫେଲ ଯୁଦ୍ଧ ବିମାନ ଏବଂ ୩ଟି ସ୍କର୍ପିନ ବୁଡ଼ାଜାହାଜ କ୍ରୟ ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ନେତୃତ୍ୱରେ ହୋଇଥିବା ଡିଏସି ( ଡିଫେନ୍ସ ଆକ୍ୱିଜିସନ କାଉନସିଲ) ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହି ପ୍ରତିରକ୍ଷା ଚୁକ୍ତିର ମୂଲ୍ୟ ପ୍ରାୟ ୫.୫ ବିଲିଅନ୍ ୟୁରୋ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ମଧ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦ୍ୱିପାକ୍ଷିକ କଥାବାର୍ତ୍ତା ପରେ ଏହି ପ୍ରତିରକ୍ଷା ଚୁକ୍ତି ଘୋଷଣା ହୋଇପାରେ। ଉଲ୍ଲେଖଯୋଗ୍ୟ,ଭାରତ ପୂର୍ବରୁ ବାୟୁ ସେନା ପାଇଁ ଫ୍ରାନ୍ସଠାରୁ ୩୬ଟି ରାଫେଲ୍ ଯୁଦ୍ଧ ବିମାନ କ୍ରୟ କରିସାରିଛି।

### ପାକିସ୍ତାନକୁ ପାଣ୍ଠି ଦେଲା ଆଇଏମ୍ଏଫ୍

## ପ୍ରଥମ କିସ୍ତିରେ ମିଳିଲା ୧୨୦ କୋଟି ଡଲାର

**ଇସଲାମାବାଦ:** ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନକୁ ଉଦ୍ଧାର କରିବା ଲାଗି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ରାଜି ହୋଇଛି। ଏଥି ସହିତ ପାକିସ୍ତାନକୁ ଏହା ୧୨୦ କୋଟି ଡଲାର ପ୍ରଦାନ କରିଛି। ମୋଟ ୩୦୦ କୋଟି ଡଲାର ଦେବାକୁ ଉଭୟ ପକ୍ଷ ମଧ୍ୟରେ ଚୁକ୍ତି ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟ କିସ୍ତି ତୁରନ୍ତ ଜାରି କରାଯାଇଛି ବୋଲି ପାକିସ୍ତାନ ଅର୍ଥମନ୍ତ୍ରୀ ଇସକ୍ ଦର୍ କହିଛନ୍ତି। କରୋନା ମହାମାରୀର ପ୍ରଭାବ ଓ ତା' ସହିତ ଗତବର୍ଷ ଘଟିଥିବା ପ୍ରଳୟଙ୍କରୀ ବନ୍ୟାରେ ପାକିସ୍ତାନ ଅର୍ଥନୀତି ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ବୈଦେଶିକ ମୁଦ୍ରା ଭଣ୍ଡାର ଖାଲି ହୋଇଯିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନି କରିବା କଷ୍ଟକର ହୋଇପଡ଼ିଥିଲା। ସଙ୍କଟରୁ ଉଦ୍ଧାର ପାଇବା ଲାଗି ପାକିସ୍ତାନ ସରକାର ଆଇଏମ୍ଏଫ୍‌ର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପାଣ୍ଠି ଦେବା ପୂର୍ବରୁ ବହୁ କଠୋର ସର୍ତ୍ତ ପାଳନ କରବାକୁ




ଆଇଏମ୍ଏଫ୍ ଦାବି କରିଥିଲା। ଇତି ମଧ୍ୟରେ ନିଜ ବନ୍ଧୁ ରାଷ୍ଟ୍ରଗୁଡ଼ିକଠାରୁ ପାଣ୍ଠି ଯୋଗାଡ଼ କରିବା ଲାଗି ପାକିସ୍ତାନ ଯେତେ ଉଦ୍ୟମ କରିଥିଲା ସବୁ ବିଫଳ ହୋଇଥିଲା। ଶେଷରେ ଅନ୍ୟ ଉପାୟ ନପାଇ ପେଟ୍ରୋଲ୍ ଓ ଡିଜେଲ୍ ଦାମ୍ ବଢ଼ାଇବା, ରାତିରେ ଶୀଘ୍ର ବଜାର ଓ ବିବାହ ମଣ୍ଡପ ବନ୍ଦ କରିବା ଆଦି କଠୋର ପଦକ୍ଷେପକୁ କାର୍ଯ୍ୟକାରୀ କରିଥିଲା। ଦୀର୍ଘଦିନ ଅପେକ୍ଷା କରାଇବା ପରେ ଆଇଏମ୍ଏଫ୍ ପାଣ୍ଠି ଦେବାକୁ ଏବେ ରାଜି ହୋଇଛି। ଆସନ୍ତା ୯ ମାସ ଭିତରେ ପାକିସ୍ତାନକୁ ଆଇଏମ୍ଏଫ୍ ୩୦୦ କୋଟି ଡଲାର ଦେବ। ପାଣ୍ଠି ହସ୍ତାନ୍ତର ନେଇ ଦୁଇ ସପ୍ତାହ ତଳେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା। ଆଇଏମ୍ଏଫ୍ ପାଣ୍ଠି ପାଇବା ପରେ ପାକିସ୍ତାନର ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାର ବୃଦ୍ଧି ପାଇଛି। ୟୁଏଇ ମଧ୍ୟ ପାକିସ୍ତାନକୁ ୧୦୦ କୋଟି ଡାର ସହାୟତା ଦେଇଥିବା ବେଳେ ସାଉଦିଆରବ ୨୦୦ କୋଟି ଡଲାର ପ୍ରଦାନ କରିଛି। ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବାରୁ ପାକିସ୍ତାନ ନାଗରିକ ବହୁ କଷ୍ଟରେ ଜୀବନଯାପନ କରୁଛନ୍ତି। ଅଟା ପାଇବା ଲାଗି ସେମାନଙ୍କୁ ଗାଡ଼ି ପଛରେ ଦୌଡ଼ିବାକୁ ପଡୁଛି। ବିଭିନ୍ନ ସାମଗ୍ରୀର ଦରଦାମ୍ ଆକାଶଛୁଆଁ ସ୍ତରରେ ପହଞ୍ଚିଛି। ଦୈନନ୍ଦୀନ ଆବଶ୍ୟକ ସାମଗ୍ରୀ ଯୋଗାଡ଼ କରିବା ବହୁ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥିଲା। ଆଇଏମ୍ଏଫ୍ ପାଣ୍ଠି ମିଳିଥିବାରୁ ପାକିସ୍ତାନବାସୀଙ୍କୁ ଦରବୃଦ୍ଧିରୁ ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି।

## ବିଶ୍ୱବ୍ୟାପୀ ବାର୍ଡ ଫ୍ଲୁ ବ୍ୟାପୁଛି ସତର୍କ ରହିବାକୁ ହୁ'ର ପରାମର୍ଶ



**ଜାତିସଂଘ :** ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ବାର୍ଡ ଫ୍ଲୁ ବ୍ୟାପୁଥିବା ଖବର ମିଳୁଥିବା ବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ସତର୍କ କରାଇ କୁହାଯାଇଛି ଯେ, ଏହି ଭୂତାଣୁ ମଣିଷକୁ ସହଜରେ ସଂକ୍ରମିତ ହୋଇପାରେ। ଏଣୁ କୁକୁଡ଼ା ଫାର୍ମଗୁଡ଼ିକରେ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ସହ ରୋଗ ତଦାରଖ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ଜାତିସଂଘ ଏଜେନ୍ସି ପକ୍ଷରୁ ସବୁ ଦେଶକୁ ପରାମର୍ଶ ଦିଆଯାଇଛି। ନୂତନ ଭେ ?ଗୋଳିକ ଅଞ୍ଚଳଗୁଡ଼ିକରେ ବାର୍ଡ ଫ୍ଲୁର ଅତି ସଂକ୍ରମଣଶୀଳ ଏଚ୍୫ଏନ୍୧ ଷ୍ଟ୍ରେନ୍ ଚିହ୍ନଟ ହେବା ପରେ 'ହୁ' ପକ୍ଷରୁ ମଣିଷଙ୍କ ଭିତରେ ମହାମାରୀ ବ୍ୟାପିପାରେ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। 'ହୁ' ପକ୍ଷରୁ କୁହାଯାଇଛି, କୁକୁଡ଼ାଙ୍କ ସହ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ପରେ ପ୍ରାୟ ୬ ଜଣ ଲୋକ ସଂକ୍ରମିତ ହୋଇଛନ୍ତି। ଏହି ଭୂତାଣୁ ପକ୍ଷୀରୁ ମଣିଷ ଓ ମଣିଷରୁ ମଣିଷକୁ ସହଜରେ ସଂକ୍ରମିତ ହୋଇପାରେ। ନୂତନ ଭୌଗୋଳିକ ଅଞ୍ଚଳଗୁଡ଼ିକରେ ବାର୍ଡ ଫ୍ଲୁ ଦେଖାଯିବା ଏବଂ ବନ୍ୟ ପକ୍ଷୀମାନଙ୍କର ଅସ୍ୱାଭାବିକ ମୃତ୍ୟୁ ହେଉଥିବାରୁ ଏହା ଏକ ଉଦ୍ବେଗଜନକ ବିଷୟ ବୋଲି 'ହୁ' ବୈଜ୍ଞାନିକ ବିଭାଗ ମୁଖ୍ୟ ଡ ଗ୍ରେଗୋରିଓ ଟରେସ କହିଛନ୍ତି। ଜାତିସଂଘର ଖାଦ୍ୟ ଓ କୃଷି ସଂସ୍ଥା ଏବଂ ବିଶ୍ୱ ପ୍ରାଣୀ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏ ନେଇ ଦେଶଗୁଡ଼ିକ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। 'ହୁ'ର ମହାମାରୀ ବିଭାଗ ନିର୍ଦ୍ଦେଶକ ଡ ସିଲଭି ବ୍ରିୟାଣ୍ଡ କହିଛନ୍ତି, ସବୁ ଦେଶ ଭୂତାଣୁକୁ ମନିଟର କରନ୍ତୁ ଓ ମଣିଷକୁ ସଂକ୍ରମିତ ହେଉଥିଲେ ତାହା ଚିହ୍ନଟ କରନ୍ତୁ। ଭୂତାଣୁମାନଙ୍କର ଜେନିଟିକ୍ ତଥ୍ୟ ମଧ୍ୟ ସେୟାର କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୨୨ରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦ଟି ଦେଶ ବାର୍ଡ ଫ୍ଲୁ ସଂକ୍ରମଣ ନେଇ ସୂଚନା ଦେଇଥିବା ସେ କହିଛନ୍ତି।

### ଅନଲାଇନ୍ ଗେମିଂ ଉପରେ ୨୮% ଜିଏସ୍‌ଟି

## ମହଙ୍ଗା ହେବ କାର, ଶସ୍ତା ହେବ କ୍ୟାନ୍ସର ଔଷଧ

**ନୂଆଦିଲ୍ଲୀ :** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଜିଏସଟି ପରିଷଦର ୫୦ତମ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଏସଟି ପରିଷଦ ଅନଲାଇନ ଗେମିଂ, ହର୍ସ ରେସିଂ ଏବଂ କ୍ୟାସିନୋ ଉପରେ ୨୮ ପ୍ରତିଶତ ଟ୍ୟାକ୍ସ ଲଗାଇବାକୁ ମଞ୍ଜୁରୀ ଦେଇଛି। ପୂର୍ବରୁ ଏହା ଉପରେ ଟ୍ୟାକ୍ସ ଦର ୧୮ ପ୍ରତିଶତ ଥିଲା। ସେହିପରି ସିନେମା ହଲରେ ଖାଦ୍ୟ ଓ ପାନୀୟ ପଦାର୍ଥ ଉପରେ ଲାଗୁଥିବା ବିଲ୍ ଉପରେ ଜିଏସଟି କମ୍ କରିବାକୁ ନେଇ ହୋଇଥିବା ସୁପାରିଶକୁ ମଞ୍ଜୁରୀ ମିଳିଛି। ଏବେ ଏହି ପଦାର୍ଥ ଉପରେ ୧୮ ପ୍ରତିଶତ ବଦଳରେ ୫ ପ୍ରତିଶତ ଜିଏସଟି ଲାଗୁ ହେବ। ଏହି ସମସ୍ତ ନିଷ୍ପତ୍ତିର ସୂଚନା କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରେସ କନଫରେନ୍ସ କରି ଦେଇଛନ୍ତି। ଏହା ବ୍ୟତୀତ କ୍ୟାନ୍ସରରେ ପୀଡିତ ରୋଗୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ଦେଇଛନ୍ତି ସରକାର। କ୍ୟାନ୍ସରର ଇମ୍ପୋର୍ଟେଡ ଔଷଧ ଉପରେ ଆଇଜିଏସଟି ଏବେ ଆଉ ଲାଗିବ ନାହିଁ। ଅର୍ଥାତ ଔଷଧ ମୂଲ୍ୟରେ ହ୍ରାସ ଆସିବ। ରନ୍ଧା ହୋଇନଥିବା ସ୍ନାକ୍ସ ଉପରେ ଜିଏସଟି ୧୮ ପ୍ରତିଶତରୁ ହ୍ରାସ କରାଯାଇ ୫ ପ୍ରତିଶତ କରାଯାଇଛି। ସେହିପରି ଇମିଟେସନ, ଜରି ସୂତ୍ର ଉପରେ ଜିଏସଟି ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି।



ଏଲଇଡି ସ୍ଲାଗ ଉପରେ ମଧ୍ୟ ଜିଏସଟି ହାର ୫ ପ୍ରତିଶତକୁ ହ୍ରାସ କରାଯାଇଛି। ଦୀର୍ଘ ଦିନ ହେବ ଜିଏସଟି ପରିଷଦ ଅନଲାଇନ ଗେମିଙ୍ଗକୁ ନେଇ ଚର୍ଚ୍ଚା କରୁଥିଲା। ହେଲେ ଏଥର ପରିଷଦ ଅନଲାଇନ ଗେମିଙ୍ଗ ଉପରେ ୨୮ ପ୍ରତିଶତ ଲଗାଇବା ନେଇ ନିଷ୍ପତ୍ତି କରିଛି। ଜିଏସଟି ପରିଷଦ ଅନଲାଇନ ଗେମିଙ୍ଗରେ କିଛି ସଂଶୋଧନ କରିବା ସହ ୨୮ ପ୍ରତିଶତ ଜିଏସଟି ଲଗାଇବା ନେଇ ନିଷ୍ପତ୍ତି ନେଇଛି। ହର୍ସ ରେସିଂ, କ୍ୟାସିନୋ ଉପରେ ୨୮ ପ୍ରତିଶତ ଜିଏସଟି ଲଗାଇବା ଉପରେ ସହମତି ହୋଇଛି। କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ଜିଏସଟି ପରିଷଦରେ ମଲ୍ଟି ୟୁଟିଲିଟି ଭେଇକିଲ ଉପରେ ୨୨ ପ୍ରତିଶତ ସେସ୍ ଲଗାଇବାକୁ ମଞ୍ଜୁରୀ ଦେଇଛି। ଅବଶ୍ୟ ସେଡାନ କାରଗୁଡ଼ିକୁ ଏଥିରେ ସାମିଲ କରାଯାଇନାହିଁ। ଅର୍ଥମନ୍ତ୍ରୀ କହିଛନ୍ତି ଯେ ଜିଏସଟି ପରିଷଦ ଘରୋଇ ଅପରେଟର ଦ୍ୱାରା ଉପଗ୍ରହ ପ୍ରକ୍ଷେପଣ ସେବା ଉପରେ ଜିଏସଟି ଛାଡ଼ କରିଛି।

### ୨୦୭୫ ସୁଦ୍ଧା ଭାରତ ହେବ ବିଶ୍ୱର ଦ୍ୱିତୀୟ ବୃହତ୍ତ ଅର୍ଥନୀତି

## ଜିଡିପି ଅଭିବୃଦ୍ଧିରେ ଆମେରିକାକୁ ପଛରେ ପକାଇବ ଭାରତ

**ନୂଆଦିଲ୍ଲୀ :** ଖୁବ୍ ଶୀଘ୍ର ଭାରତ ବିଶ୍ୱର ଶ୍ରେଷ୍ଠ ଶକ୍ତିଶାଳୀ ଦେଶଗୁଡିକ ମଧ୍ୟରେ ଅନ୍ତର୍ଭୁକ୍ତ ହେବ। ବିଶ୍ୱର ସମସ୍ତ ବଡ ଦେଶ ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସ୍ୟାଚ୍ ଏ ନେଇ ଭବିଷ୍ୟବାଣୀ କରିଛି। ଗୋଲ୍ଡମ୍ୟାନ୍ ସ୍ୟାଚ୍ କହିଛି ଯେ ୨୦୭୫ ସୁଦ୍ଧା ଭାରତର ଅର୍ଥନୀତି ଆମେରିକାକୁ ଅତିକ୍ରମ କରିବ। ଯାହା ଫଳରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ଏହି ସମୟରେ ଚୀନ୍ ବିଶ୍ୱର ଏକ ନମ୍ବର ଅର୍ଥନୀତି ବିଶିଷ୍ଟ ରାଷ୍ଟ୍ର ହେବ। ୧୪୦ କୋଟିର ଜନସଂଖ୍ୟା ସହ ଭାରତ ବିଶ୍ୱର ସବୁଠାରୁ ଜନବହୁଳ ରାଷ୍ଟ୍ର। ହୋଇପାରିଛି। ବର୍ତ୍ତମାନ ଭାରତର ମୋଟ ଜନସଂଖ୍ୟା ମଧ୍ୟରୁ ୩୧% ହେଉଛନ୍ତି ମଧ୍ୟବିତ୍ତ। ୨୦୩୧ ସୁଦ୍ଧା ଏହା ୩୮% ଏବଂ ୨୦୪୭ ସୁଦ୍ଧା ୬୦%ରେ ପହଞ୍ଚିବ




ବୋଲି ଆକଳନ କରାଯାଇଛି। ତେଣୁ ଭାରତ ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ବେଳକୁ ଦେଶର ୧୦୦ କୋଟି ଅଧିକ ଲୋକ ମଧ୍ୟବିତ୍ତ ଶ୍ରେଣୀରେ ରହିବେ। ଗୋଲ୍ଡମ୍ୟାନ୍ ସ୍ୟାଚ୍‌ର ରିପୋର୍ଟ ଅନୁଯାୟୀ, ୧୯୮୦ରୁ ୨୦୧୦ ପର୍ଯ୍ୟନ୍ତ ଭାରତର ଜିଡିପି ଅନ୍ୟ ଦେଶ ତୁଳନାରେ ବହୁତ କମ୍ ଥିଲା। ତେବେ ୨୦୨୦ରୁ ୨୦୭୫ ମଧ୍ୟରେ ଭାରତର ଜିଡିପି କ୍ରମାଗତ ଭାବରେ ଏବଂ ବୃହତ ବେଗରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ପୂର୍ବାନୁମାନ ଅନୁଯାୟୀ ୨୦୭୫ ସୁଦ୍ଧା ଭାରତର ଜିଡିପି ୫୨.୫ ଟ୍ରିଲିୟନ ଡଲାର ହେବ। ୫୭ ଟ୍ରିଲିୟନ ଡଲାର ଜିଡିପି ସହିତ ଚୀନ୍ ଶୀର୍ଷରେ ରହିବ। ଏଥିସହିତ ୫୧.୫ ଟ୍ରିଲିୟନ ଡଲାର ସହିତ ଆମେରିକା ତୃତୀୟ ସ୍ଥାନରେ, ୩୦.୩ ଟ୍ରିଲିୟନ ଡଲାର ସହିତ ୟୁରୋପ ଚତୁର୍ଥ ସ୍ଥାନରେ ଏବଂ ୭.୫ ଟ୍ରିଲିୟନ ଡଲାର ସହିତ ଜାପାନ ୫ମ ସ୍ଥାନରେ ରହିବ। ବର୍ତ୍ତମାନ ବିଶ୍ୱର ବୃହତ୍ତମ ଅର୍ଥନୀତି ତାଲିକାରେ ଭାରତ ୫ମ ସ୍ଥାନରେ ରହିଛି। ୨୩.୩ ଟ୍ରିଲିୟନ ଡଲାର ଜିଡିପି ସହ ଆମେରିକା ବିଶ୍ୱର ବୃହତ ଅର୍ଥନୀତି ହୋଇରହିଛି। ୧୭.୭ ଟ୍ରିଲିୟନ ଡଲାର ସହିତ ଚୀନ୍ ବିଶ୍ୱର ଦ୍ୱିତୀୟ, ୪.୯ ଟ୍ରିଲିୟନ୍ ଡଲାର ସହ ଜାପାନ ତୃତୀୟ , ୪.୩ ଟ୍ରିଲିୟନ ଡଲାର ସହିତ ଜର୍ମାନୀ ଚତୁର୍ଥ ଏବଂ ୩.୨ ଟ୍ରିଲିୟନ ଡଲାରର ଜିଡିପି ସହ ଭାରତ ପଞ୍ଚମ ସ୍ଥାନରେ ରହିଛି। ତେବେ ୩.୧ ଟ୍ରିଲିୟନ ଡଲାରର ଜିଡିପିକୁ ନେଇ ବ୍ରିଟେନ ଷଷ୍ଠ ସ୍ଥାନରେ ଅଛି।

## ଅଗଷ୍ଟ ୨ରୁ ୩୭୦ ଧାରା ଉଚ୍ଛେଦ ମାମଲା ଶୁଣାଣି

**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଧାରା ୩୭୦ ଉଚ୍ଛେଦକୁ ବିରୋଧ କରି କରାଯାଇଥିବା ଆବେଦନଗୁଡ଼ିକ ଉପରେ ଅଗଷ୍ଟ ୨ରୁ ଅନ୍ତିମ ପର୍ଯ୍ୟାୟ ଶୁଣାଣି ଆରମ୍ଭ କରିବେ ଏବଂ ତାହା କେବଳ ସୋମବାର ଓ ଶୁକ୍ରବାରକୁ ଛାଡ଼ି ଦୈନନ୍ଦିନ ଭିତ୍ତିରେ ଚାଲିବ। ପ୍ରଧାନବିଚାରପତି ଜଷ୍ଟିସ୍ ଡିଓ୍ୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ସଞ୍ଜୟ କିଷନ କୌଲ, ସଞ୍ଜୀବ ଖାନ୍ନା, ବିଆର୍ ଗଓ୍ୱାଇ ଓ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ୫ ଜଣିଆ ସମ୍ବିଧାନ ଖଣ୍ଡପୀଠ କହିଲେ ଯେ, ସବୁ ପକ୍ଷଙ୍କୁ ଜୁଲାଇ ୨୭ ସୁଦ୍ଧା ସେମାନଙ୍କର ସମସ୍ତ ତଥ୍ୟ, ଲିଖିତ ଯୁକ୍ତି ଓ କାଜଗପତ୍ର ଇତ୍ୟାଦି ଦାଖଲ କରିବାକୁ ପଡ଼ିବ। ଓକିଲ ପ୍ରସନ୍ନ ଓ କାନୁ ଅଗ୍ରଓ୍ୱାଲ ନୋଡାଲ କାଉନସେଲ ଭାବରେ ସେଗୁଡ଼ିକର ସଂକଳନ ପ୍ରସ୍ତୁତି ଦାୟିତ୍ୱରେ ରହିବେ। ଦୁଇ ଜଣ ପିଟିସନର ଶାହ ଫୈଜଲ ଓ ଶେହଲା ରଶିଦ ତାଙ୍କ ପିଟିସନ ଫେରାଇ ନେବାକୁ ଅନୁରୋଧ କରିଥିବା ବେଳେ କୋର୍ଟ ସେମାନଙ୍କୁ ସେଥିପାଇଁ ଅନୁମତି ପ୍ରଦାନ କରିଛନ୍ତି। ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଦେଉଥିବା ୩୭୦ ଧାରା ଉଚ୍ଛେଦ ହେବାର ପ୍ରାୟ ୪ ବର୍ଷ ପରେ ଏହି ଅଗ୍ରଗତି ଘଟିଛି। ୩୭୦ ଧାରା ଉଚ୍ଛେଦ ବିରୋଧରେ ଆଉ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପିଟିସନ ବିଚାରାଧୀନ ରହିଛି। ଏହା ପୂର୍ବରୁ ୭ ଜଣିଆ ସମ୍ବିଧାନ ବେଞ୍ଚକୁ ମାମଲା ସ୍ଥାନାନ୍ତର ପାଇଁ କରାଯାଇଥିବା ଆବେଦନକୁ ମାର୍ଚ୍ଚ ୨୦୨୦ରେ ଶୁଣାଣି ସମୟରେ କୋର୍ଟ ଅଗ୍ରାହ୍ୟ କରିଦେଇଥିଲେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦାଖଲ କରାଯାଇଥିବା ସଦ୍ୟ ସତ୍ୟପାଠରେ ଦର୍ଶାଯାଇଛି ଯେ, ୩୭୦ ଧାରା ଉଚ୍ଛେଦ ପରେ ଜାମ୍ମୁ-କାଶ୍ମୀରରେ ଅଧିକ ସ୍ଥିରତା ଆସିଛି। ଟେକାପଥର ଫିଙ୍ଗା ଓ ସ୍କୁଲ ବନ୍ଦ ହେବା ଘଟଣା ଏବେ ଅତୀତର ବିଷୟ ହୋଇଯାଇଛି। କେନ୍ଦ୍ର ସରକାରଙ୍କର ଏହି ସତ୍ୟପାଠ ଉପରେ ଯୁକ୍ତି ରଖିବା ପାଇଁ ମଙ୍ଗଳବାର ପିଟିସନରମାନେ ଅଧିକ ସମୟ ମାଗିଥିଲେ। ତେବେ ବାରମ୍ବାର ନୂଆ ସତ୍ୟପାଠ ଦାଖଲ ପରମ୍ପରାକୁ କୋର୍ଟ ନାପସନ୍ଦ କରିଥିଲେ। କେନ୍ଦ୍ର ସରକାରଙ୍କ ସଦ୍ୟ ସତ୍ୟପାଠରେ ସାମ୍ବିଧାନିକତା ପ୍ରଶ୍ନର ଉତ୍ତର ନାହିଁ ବୋଲି କୋର୍ଟ କହିଥିଲେ।

### ମିଳିତ ଜାତିସଂଘ ରିପୋର୍ଟ

## ୧୫ ବର୍ଷରେ ଦାରିଦ୍ର୍ୟତାରୁ ମୁକୁଳିଛନ୍ତି ୪୧.୫ କୋଟି ଭାରତୀୟ

**ଓ୍ୱାଶିଂଟନ୍:** ଭାରତରେ ଦାରିଦ୍ର୍ୟ କମିଛି। ମିଳିତ ଜାତିସଂଘ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। ଜାତିସଂଘ କହିଛି ଯେ ୨୦୦୫-୦୬ରୁ ୨୦୧୯-୧୧ ମଧ୍ୟରେ ମାତ୍ର ୧୫ ବର୍ଷ ମଧ୍ୟରେ ଭାରତରେ ମୋଟ ୪୧.୫ କୋଟି ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଗ୍ଲୋବାଲ୍ ମଲ୍ଟିଡାଇମେନସନାଲ୍ ଦାରିଦ୍ର୍ୟ ସୂଚକାଙ୍କ (ଏମ୍‌ପିଆଇ)ର ସର୍ବଶେଷ ସର୍ବେକ୍ଷଣ ରିପୋର୍ଟରେ ଏହା କୁହାଯାଇଛି। ମିଳିତ ଜାତିସଂଘର ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି) ଏବଂ ଅକ୍ସଫୋର୍ଡ ୟୁନିଭରସିଟିର ଅକ୍ସଫୋର୍ଡ ଦାରିଦ୍ର୍ୟ ଏବଂ ମାନବ ବିକାଶ ଉଦ୍ୟମ (ଓପିଏଚ୍‌ଆଇ) ଦ୍ୱାରା ଏହି ରିପୋର୍ଟ ପାଇଛି। ରିପୋର୍ଟ ଅନୁଯାୟୀ, ଭାରତ ସମେତ ୨୫ଟି ଦେଶ ବିଗତ ୧୫ ବର୍ଷ ମଧ୍ୟରେ ବିଶ୍ୱରେ ଏମ୍‌ପିଆଇକୁ ସଫଳତାର ସହ ଅଧା କରିଦେଇଛନ୍ତି, ଯାହା ଏହି ଦେଶଗୁଡିକରେ ଦ୍ରୁତ ଅଗ୍ରଗତି ଦର୍ଶାଉଛି। ଏହି ଦେଶଗୁଡ଼ିକ ହେଉଛି କାମ୍ବୋଡିଆ, ଚୀନ୍, କଙ୍ଗୋ, ହଣ୍ଡୁରାସ୍, ଭାରତ, ଇଣ୍ଡୋନେସିଆ, ମୋରୋକୋ, ସର୍ବିଆ ଏବଂ ଭିଏତନାମ। ଏପ୍ରିଲ୍ ୨୦୨୩ରେ ଭାରତ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାବେ ଚୀନ୍ ଅତିକ୍ରମ କରିଛି। ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ଭାରତରେ ଦାରିଦ୍ର୍ୟରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ଥିଲା। କୋଭିଡ୍ ୧୯ ମହାମାରୀ ସମୟରେ ବ୍ୟାପକ ତଥ୍ୟର ଅଭାବ ଯୋଗୁ ସେ ସମୟରେ ସମ୍ଭାବନାର ଆକଳନ କରିବା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ୨୦୦୫-୦୬ରୁ ୨୦୧୯-୨୧ ମଧ୍ୟରେ ଭାରତରେ ୪୧.୫



କୋଟି ଲୋକ ଦାରିଦ୍ର୍ୟରୁ ବାହାରି ଆସିଛନ୍ତି। ଯେଉଁଠାରେ ୨୦୦୫-୦୬ରେ ଭାରତରେ ଗରିବଙ୍କ ସଂଖ୍ୟା ୫୫.୧ ପ୍ରତିଶତ ରହିଥିଲା, ୨୦୧୯-୨୧ରେ ଏହା ୧୬.୪ ପ୍ରତିଶତକୁ ହ୍ରାସ ପାଇଛି। ୨୦୦୫-୦୬ରେ, ଭାରତରେ ପ୍ରାୟ ୬୪୫ ନିୟୁତ ଲୋକ ଗରିବ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ, ଏହି ସଂଖ୍ୟା ୨୦୧୫-୧୬ରେ ପ୍ରାୟ ୩୭୦ ନିୟୁତକୁ ଏବଂ ୨୦୧୯-୨୧ ରେ ୨୩୦ ନିୟୁତକୁ ଖସିଆସିଥିଲା। ରିପୋର୍ଟ ଅନୁଯାୟୀ, ଭାରତର ସମସ୍ତ ସୂଚକାଙ୍କରେ ଦାରିଦ୍ର୍ୟ ହ୍ରାସ ଘଟିଛି। ସବୁଠାରୁ ଗରିବ ରାଜ୍ୟ ଏବଂ ଗୋଷ୍ଠୀ ଯେଉଁଥିରେ ଶିଶୁ ଏବଂ ଅସାମାଜିକ ଗୋଷ୍ଠୀର ଲୋକମାନେ ଦ୍ରୁତତମ ଅଗ୍ରଗତି କରିଛନ୍ତି। ରିପୋର୍ଟ ଅନୁଯାୟୀ, ଭାରତରେ ପୁଷ୍ଟିକର ସୂଚକାଙ୍କରେ ବହୁମୁଖୀ ଗରିବ ଏବଂ ଅବହେଳିତ ଲୋକଙ୍କ ସଂଖ୍ୟା ୨୦୦୫-୦୬ ରେ ୪୪.୩ ପ୍ରତିଶତରୁ ୨୦୧୯-୨୧ରେ ୧୧.୮ ପ୍ରତିଶତକୁ ଖସିଆସିଛି। ଅପରପକ୍ଷେ ଏହି ଅବଧିରେ ଶିଶୁ ମୃତ୍ୟୁ ହାର ୪.୫ ପ୍ରତିଶତରୁ ୧.୫ ପ୍ରତିଶତକୁ ହ୍ରାସ ପାଇଛି। ରିପୋର୍ଟ ଅନୁଯାୟୀ, ୨୦୦୫-୦୬ରେ ୫୦.୪% ଲୋକ ପରିମଳରୁ ବଞ୍ଚିତ ହୋଇଥିଲେ, ୨୦୧୯-୨୧ରେ ସେମାନଙ୍କ ସଂଖ୍ୟା ୧୧.୩% ଖସିଆସିଛି। ବିନା ବିଦ୍ୟୁତ୍ ସଂଯୋଗରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ୨୯%ରୁ ୨.୧%କୁ ହ୍ରାସ ପାଇଛି। ତେବେ ବାସଗୃହ ନଥିବା ଗରିବଙ୍କ ସଂଖ୍ୟା ୪୪.୯%ରୁ ୧୩.୬%କୁ ହ୍ରାସ ପାଇଛି। ରିପୋର୍ଟରେ କୁହାଯାଇଛି ଯେ ଭାରତ ବ୍ୟତୀତ ଅନ୍ୟ ଅନେକ ଦେଶ ମଧ୍ୟ ଗରିବଙ୍କ ସଂଖ୍ୟାରେ ହ୍ରାସ କରିଛନ୍ତି। ଦାରିଦ୍ର୍ୟ ହ୍ରାସ କରିବାରେ ସଫଳତା ହାସଲ କରିଥିବା ଦେଶ ତାଲିକାରେ ୧୭ଟି ଦେଶ ରହିଛନ୍ତି ଯେଉଁଠାରେ ଉକ୍ତ ଅବଧି ଆରମ୍ଭରେ ୨୫ ପ୍ରତିଶତରୁ କମ୍ ଲୋକ ଗରିବ ଥିଲେ।

# ଗୁଣାତ୍ମକ ଶୈକ୍ଷିକ ବ୍ୟବସ୍ଥାକୁ ଗୁରୁତ୍ୱ

**ଭୁବନେଶ୍ୱର :** ଶିକ୍ଷା ଗୋଟିଏ ଜାତିର ଭାଗ୍ୟ ପରିବର୍ତ୍ତନ କରିବାର କ୍ଷମତା ରଖେ। ଶିକ୍ଷା ଦ୍ୱାରା ହିଁ ରାଷ୍ଟ୍ରର ସାମଗ୍ରିକ ବିକାଶ ସମ୍ଭବ। ତେଣୁ ଗୁଣାତ୍ମକ ଶିକ୍ଷାକୁ ସର୍ବଦା ପ୍ରାଥମିକତା ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିକ୍ଷା ରୂପାନ୍ତରଣରେ ଆଉ ଏକ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛନ୍ତି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୯୦୨ ନୂତନ ପଦବୀ ସୃଷ୍ଟି। ୬୪୨ ଶିକ୍ଷକ, ୨୬୦ ଅଣଶିକ୍ଷକ ପଦବୀ ସୃଷ୍ଟି ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମିଳିବ ନିଯୁକ୍ତି। ରାଜ୍ୟର ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ନୂତନ ପଦବୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ମୋଟ ୯୦୨ଟି ପଦବୀ ସୃଷ୍ଟି କରିଛନ୍ତି। ଏଥିରେ ୬୪୨ଟି ଶିକ୍ଷକ ଓ ୨୬୦ଟି ଅଣଶିକ୍ଷକ ପଦ ରହିଛି। ଖୁବ୍ ଶୀଘ୍ର ଏନେଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ୬୪୨ ପୋଷ୍ଟ ଗ୍ରାଜୁଏଟ ଟିଚର ପଦବୀ ସମେତ ୨୪ ଲାବୋରେଟୋରୀ ଆସିଷ୍ଟାଣ୍ଟ, ୨୪ ଲାବୋରେଟୋରୀ ଆଟେଣ୍ଡାଣ୍ଟ, ୧୦୬ ଆସିଷ୍ଟାଣ୍ଟ୍

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ୯୦୨ ନୂତନ ପଦବୀ ସୃଷ୍ଟି

ଲାଇବ୍ରେରିଆନ, ୧୦୬ ଜୁନିୟର କ୍ଲର୍କ ପଦବୀ ସୃଷ୍ଟି ହୋଇଛି। ସରକାରୀ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶେଷ ଧ୍ୟାନ ଦେଇଆସୁଛନ୍ତି। ବିଦ୍ୟାଳୟଗୁଡ଼ିକର ବିକାଶ ସହ ଶିକ୍ଷକ, ଅଣଶିକ୍ଷକ ପଦରେ ନିଯୁକ୍ତି ଦେଇଛନ୍ତି। ଏହି କ୍ରମରେ ୯୦୨ ପଦବୀକୁ ମଞ୍ଜୁରି ଦେଇ ଆଉ ଏକ ପଦକ୍ଷେପ ନେଇଛନ୍ତି। ଚଳିତ ବର୍ଷ ୧୦୬ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ସରକାର ଉନ୍ନୀତ କରିଛନ୍ତି। ଏ ସବୁ ବିଦ୍ୟାଳୟରେ ଯୁକ୍ତ-୨ ଖୋଲିଛି। ଦଶମ ପଢ଼ିସାରିବା ପରେ ଛାତ୍ରଛାତ୍ରୀ ସିଧାସଳଖ ନିଜ ବିଦ୍ୟାଳୟରେ ଯୁକ୍ତ-ଦୁଇ ପଢ଼ିପାରିବେ। ସେମାନଙ୍କୁ ଶିକ୍ଷାଦାନ ପାଇଁ ଏହି ନୂତନ ଶିକ୍ଷକ ପଦବୀଗୁଡ଼ିକ ସୃଷ୍ଟି ହୋଇଛି। ସେହିପରି ପ୍ରତି ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟରେ ଅଫିସ କାର୍ଯ୍ୟ, ଲାବ୍ର ସୁପରିଚାଳନା ଓ ପାଠାଗାର ପରିଚାଳନା ପାଇଁ ମଧ୍ୟ ସରକାର ବିଶେଷ ଧ୍ୟାନ ଦେଇ ଅଣ-ଶିକ୍ଷକ ପଦବୀଗୁଡ଼ିକୁ ମଞ୍ଜୁରୀ ଦେଇଛନ୍ତି।

# ଜନ ଅଭିଯୋଗ ଶୁଣାଣିକୁ ଅଗ୍ରାଧିକାର

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ଜିଲ୍ଲାରେ କରାଯାଉଥିବା ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଢେଙ୍କାନାଳରୁ ଭିଡିଓ କନ୍ଫରେସନ୍ସ ଜରିଆରେ ଯୋଡି ହୋଇ ୫-ଟି ସଚିବ ଭି.କେ. ପାଣ୍ଡିଆନ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ଯେ, ସେ ଅନୁଗୁଳ ଜିଲ୍ଲା ଗସ୍ତ କରି ଲୋକଙ୍କ ଅଭିଯୋଗ ଓ ସମସ୍ୟା ସଂପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ସେ କହିଥିଲେ ଯେ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ବର୍ତ୍ତମାନ ସୁଦ୍ଧା ଲୋକଙ୍କ ଠାରୁ ୧୮ ହଜାର ଅଭିଯୋଗ ଗ୍ରହଣ କରାଯାଇଛି। ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗ୍ରହଣ କରାଯାଉଥିବା ଅଭିଯୋଗ ସଂପର୍କରେ ପଦକ୍ଷେପ ନିଆଯାଉଛି। ବିଭିନ୍ନ ବିଭାଗ ଦ୍ୱାରା ସମୀକ୍ଷା ବୈଠକରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ପ୍ରାଥମିକତା ଦିଆଯାଉଛି। ମୁଖ୍ୟମନ୍ତ୍ରୀ କହିଲେ ଯେ ଜନ ଅଭିଯୋଗ ଶୁଣାଣୀ ମୋ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସବୁ ବିଭାଗ ଓ ଜିଲ୍ଲା ପ୍ରଶାସନ ଲୋକଙ୍କ ଅଭିଯୋଗ, ଅସୁବିଧାକୁ ସମ୍ବେଦନଶୀଳ ହୋଇ ଶୁଣିବା ସହିତ ଶୀଘ୍ର ସମାଧାନ କରିବା ଆବଶ୍ୟକ। ଆମର ଅଧିକାରୀମାନେ ବିଭିନ୍ନ ଜିଲ୍ଲା, ଏପରି କି ବ୍ଲକ୍ ସ୍ତରକୁ ଯାଇ ଅଭିଯୋଗ ଶୁଣାଣୀ କରୁଛନ୍ତି ଏବଂ ଏହିସବୁ କାର୍ଯ୍ୟକ୍ରମରୁ ବର୍ତ୍ତମାନ ସୁଦ୍ଧା ୧୮ ହଜାରରୁ ଅଧିକ ଯାଚିକା ଗ୍ରହଣ କରାଯାଇଛି। ଆଶା କରୁଛି ସମସ୍ତ ବିଭାଗ ଗୁଡିକ ଲୋକଙ୍କ ଅଭିଯୋଗକୁ ପ୍ରାଥମିକତା ଭିତ୍ତିରେ ଶୁଣାଣୀ କରି ସମାଧାନ କରିବେ। ରାଜ୍ୟର ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଲୋକଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ସମାଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନ ଅଭିଯୋଗ ଶୁଣାଣୀ ପ୍ରକ୍ରିୟାକୁ 'ମୋ ସରକାର' ଅଧିନରେ ଗ୍ରହଣ କରାଯାଇ ଲୋକଙ୍କ ସମସ୍ୟାର ସମାଧାନ କିପରି କରାଯାଉଛି। ସେ ବିଷୟରେ ତଥ୍ୟ ସଂଗ୍ରହ କରାଯିବ। ଆସନ୍ତା ମାସ ଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ଫୋନ କରାଯାଇ ସେମାନଙ୍କ ସମସ୍ୟାର କିପରି ସମାଧାନ କରାଯାଉଛି, ସେ ସଂପର୍କରେ ମତାମତ ନିଆଯିବ। ଦେଶର ସ୍ୱାଧୀନତା ସଂଗ୍ରାମରେ ତଥା ଓଡିଶାର ବିକାଶରେ ବିଶିଷ୍ଟ ଜନନେତା ପବିତ୍ର ମୋହନ ପ୍ରଧାନଙ୍କ ଅବଦାନକୁ ସମ୍ମାନ ଦେଇ ତାଙ୍କ ସ୍ମୃତିପୀଠର ବିକାଶ କରାଯିବ। ତାଳଚେର ମେଡିକାଲ କଲେଜ ଓ ହସ୍ପିଟାଲକୁ ମଧ୍ୟ ତାଙ୍କ ନାମରେ ନାମିତ କରାଯିବ। କଣିହାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣାଧୀନ ସେତୁକୁ ମଧ୍ୟ ତାଙ୍କ ନାମରେ ନାମିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ମଳ ପରିଚାଳନାକୁ ବିଏମ୍‌ସିର ଗୁରୁତ୍ୱ

### ନିୟମ ଖିଲାପକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର :** ମଳ ପରିଚାଳନାକୁ ବିଏମସିର ଗୁରୁତ୍ୱ। ସରକାରଙ୍କ ଗରିମା ଯୋଜନା ଅଧିନରେ ସେସପୁଲ୍ ଗାଡିର ସମସ୍ତ ନିୟମ ବିଧିବଦ୍ଧ ଭାବେ ରହିଥିବା ବେଳେ ଏହାର ଖିଲାପ ବେଳେବେଳେ ଦେଖିବାକୁ ମିଳୁଛି। ଦଣ୍ଡ ବିଧାନ ମଧ୍ୟ କରାଯାଉଛି। ଏନେଇ ବିଏମ୍‌ସିର ଏକ ବୈଠକରେ ଆଲୋଚନା ହୋଇଛି। ତେବେ ଏଥିପାଇଁ ସଂପୃକ୍ତ ବିଭାଗର ସମ୍ମିଳିତ କାର୍ଯ୍ୟାନୁଷ୍ଠାନ ଏହି ସେବାକୁ ଆହୁରି ଗୁଣାତ୍ମକ କରିପାରିବ। ମଳ ପରିଚାଳନା ନିୟମ ଅନୁଯାୟୀ ଯେତେବଡ଼ ମଳଟାଙ୍କି ହେଉନା କାହିଁକି, ଅଢ଼େଇବର୍ଷରୁ ତିନିବର୍ଷ ମଧ୍ୟରେ ଏହାକୁ ଖାଲି କରାଯିବା ଆବଶ୍ୟକ। ଏଥିପାଇଁ ପୌରସଂସ୍ଥା କିମ୍ବା ପଞ୍ଜିକୃତ ଘରୋଇସେବା ପ୍ରଦାନକାରୀଙ୍କ ସହଯୋଗରେ କରିବାକୁ ହେବ। ଏହି କାର୍ଯ୍ୟର ବିଜ୍ଞାନ ସମ୍ମତ ପରିଚାଳନାରେ କୌଣସି ପ୍ରକାରର ସାଲିସ୍ କରାଯିବନାହିଁ। ଟାଙ୍କିରୁ ନିୟମିତ ମଳ ଖାଲି କରାଯିବା, ଏହାକୁ ସେସ୍କୁଲରେ ନେବା, ନେବା ବେଳେ ଆବଶ୍ୟକୀୟ ଯତ୍ନନେବା, ମଳ ଉପଚାର କେନ୍ଦ୍ରରେ ଏହି ସଂଗୃହିତ ମଳକୁ ପକାଇବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସମସ୍ତ ଗାଡିରେ ଜିପିଏସ୍ ମଧ୍ୟ ରହିବ। ଯେଉଁ ଗାଡ଼ି ପଞ୍ଜୀକୃତ ହୋଇନାହାନ୍ତି ଶୀଘ୍ର ସେମାନେ ଆରଟିଓଙ୍କ ସହିତ ଯୋଗାଯୋଗ କରି ଗାଡି ଗୁଡ଼ିକର ଫିଟନେସ୍ କରି ପଞ୍ଜୀକୃତ କରିବାକୁ ନିର୍ଦ୍ଦେଶ।

## ଗାଁରେ ମିଳିବ ସହରୀ ସୁବିଧା

**ଭୁବନେଶ୍ୱର :** ଗାଁରେ ମିଳିବ ସହରୀ ସୁବିଧା। ଓଡିଶା ଗ୍ରାମୀଣ ସହରୀ ରୂପାନ୍ତରଣ ନୀତିକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏଭଳି ନୀତି ପ୍ରଣୟନ କରିବାରେ ଓଡିଶା ହେଉଛି ପ୍ରଥମ ରାଜ୍ୟ। ଏହି ନୀତି ଜରିଆରେ ଅଣଯୋଜନାବଦ୍ଧ ଓ ଅନିୟମିତ ସହରୀକରଣ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକୁ ବିଭିନ୍ନ ପ୍ରଗତିଶୀଳ ଏବଂ ପ୍ରୟୋଗାତ୍ମକ ପଦକ୍ଷେପ ମାଧ୍ୟମରେ ସମାଧାନ କରାଯାଇପାରିବ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସହରାଞ୍ଚଳ ନାଗରିକ ଭଳି ସୁବିଧା, ସେବା ଏବଂ ଭିତ୍ତିଭୂମି ଯୋଗାଇଦେଇ ଅଞ୍ଚଳଗୁଡ଼ିକୁ ସହରାଞ୍ଚଳ ଭାବରେ ବିଜ୍ଞାପିତ କରାଯିବା ହେଉଛି ଏହି ନୀତିର ମୂଳ ଲକ୍ଷ୍ୟ। ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ ତଥା ସେବା ପ୍ରଦାନ ପାଇଁ ସ୍ୱତନ୍ତ୍ର ବଜେଟ୍ ବ୍ୟବସ୍ଥା, ନିର୍ବାଚିତ ପ୍ରତିନିଧୀ, ଅଧିକାରୀ ଏବଂ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ଏହି ପରିବର୍ତ୍ତନ ପ୍ରକ୍ରିୟାର ଯୋଜନା, କାର୍ଯ୍ୟକାରିତା ଏବଂ ତଦାରଖରେ ସକ୍ରିୟ ଭାବରେ ଜଡିତ କରିବା ଏହି ନୀତିର ଅନ୍ୟତମ ଲକ୍ଷ୍ୟ। ଚିହ୍ନଟ ଗ୍ରାମାଞ୍ଚଳଗୁଡିକର ନିର୍ବାଚିତ ପ୍ରତିନିଧୀଙ୍କ କାର୍ଯ୍ୟକାଳ ସମାପ୍ତ ହେବାପରେ ସେଗୁଡିକୁ ସହରାଞ୍ଚଳ ଭାବରେ ଘୋଷଣା କରାଯିବ। ଗ୍ରାମାଞ୍ଚଳରେ ସଂଲଗ୍ନ ସହରାଞ୍ଚଳ ଭଳି ସମସ୍ତ ସହରୀ ସେବା ଯୋଗାଇବା ପାଇଁ ଭିତ୍ତିଭୂମି ଉନ୍ନତିକରଣ କରାଯିବ। ପରିବର୍ତ୍ତନ ଅବଧି ମଧ୍ୟରେ ୱାର୍ଡ ଚିହ୍ନଟକରଣ ଏବଂ ଅନ୍ୟାନ୍ୟ ପ୍ରଶାସନିକ ପଦକ୍ଷେପ ନିଆଯିବ। ମୁଖ୍ୟ ଶାସନ ସଚିବ ଏବଂ ବିଭିନ୍ନ କାର୍ଯ୍ୟକ୍ଷେତ୍ରରୁ ଆସିଥିବା ବିଶେଷଜ୍ଞଙ୍କ ସହରୀ ଯୋଜନା, ଅର୍ଥ, ଇଞ୍ଜିନିୟରିଂ, ପରିଚାଳନା, ଆଇଟି, ଇତ୍ୟାଦି ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କୁ ନେଇ ପରିଚାଳନା ଏବଂ କାର୍ଯ୍ୟକାରିତା କମିଟି ଗଠନ ପାଇଁ ବ୍ୟବସ୍ଥା ରହିଛି।

# ରାଜ୍ୟରେ ନିଯୁକ୍ତିର ସମ୍ଭାର

## ୩ ହଜାର ୨୬୬ କୋଟି ଟଙ୍କାର ୧୧ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର :** ରାଜ୍ୟରେ ନିବେଶର ସମ୍ଭାର। ୧୧ଟି ଶିଳ୍ପ ପ୍ରକଳ୍ପକୁ ମିଳିଛି ଅନୁମୋଦନ। ୧୧୯ ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ବୈଠକରେ ୩ ହଜାର ୨୬୬ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ୯ ହଜାର ୧୪୬ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଧାତବ ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ କ୍ଷେତ୍ର, ରାସାୟନିକ ପଦାର୍ଥ, ଖାଦ୍ୟ ପ୍ରକ୍ରିୟାକରଣ, କୃଷି ପ୍ରକ୍ରିୟାକରଣ, ପ୍ଲାଷ୍ଟିକ, ବୟନ ପୋଷାକ, ଆଇଟି ଏବଂ ଇଏସଡିଏମ ଏବଂ ଅକ୍ଷୟ ଶକ୍ତି ଭଳି ବିଭିନ୍ନ କ୍ଷେତ୍ରରେ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ବାଲେଶ୍ୱର, ବଲାଙ୍ଗୀର, କଳାହାଣ୍ଡି, ଖୋର୍ଦ୍ଧା ଓ ଯାଜପୁର ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ। ଖୋର୍ଦ୍ଧାରେ ନେଷ୍ଟଲ ଇଣ୍ଡିଆ ଲିମିଟେଡ୍ ତରଫରୁ ୮୯୦ କୋଟି ଟଙ୍କାରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରାଯିବ। ଏଥିରେ ୮୦୦ରୁ ଅଧିକ ଲୋକଙ୍କୁ ରୋଜଗାର ମିଳିବ। ଖୋର୍ଦ୍ଧାରେ ମେସର୍ସ କଲଗଟୋଜ୍ ଗାର୍ମେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ୨୦୦ କୋଟି ଟଙ୍କାରୁ ଅଧିକ ବିନିଯୋଗରେ ୧.୨ ମେଗାୱାଟ୍ ରୁଫ୍ ଟପ୍ କ୍ୟାପ୍ଟିଭ୍ ସୋଲାର ପାୱାର ପ୍ଲାଣ୍ଟ ସହିତ ଏକ ସମନ୍ୱିତ ପୋଷାକ ଉତ୍ପାଦନ କାରଖାନା ସ୍ଥାପନ କରିବ। ଏହାଦ୍ୱାରା ୪୮୨୦ରୁ ଅଧିକ ଲୋକଙ୍କୁ ରୋଜଗାର ମିଳିବ। ଯାଜପୁରରେ ହିମାଦ୍ରି ସ୍ପେଶାଲିଟି କେମିକାଲ ଲିମିଟେଡ୍ ତରଫରୁ ୯୮୦ କୋଟି ଟଙ୍କାରେ ରସାୟନିକ ଉତ୍ପାଦନ ୟୁନିଟ ପ୍ରତିଷ୍ଠା ହେବାକୁ ରହିଛି। ସେହିପରି ପ୍ଲାଷ୍ଟିକ କ୍ଷେତ୍ରରେ ଖୋର୍ଦ୍ଧାରେ ଆଇଡିଭିବି ରିସାଇକ୍ଲିଂ ଅପରେସନ୍ସ ପ୍ରାଇଭେଟ୍ ଲିମିଟେଡ୍ ୩୧୮ କୋଟି ଟଙ୍କା ନିବେଶ କରିବ। ପର୍ଭ ପ୍ୟାକିଂ ତରଫରୁ ୧୫୨ କୋଟି ଟଙ୍କା ନିବେଶ କରାଯିବ। ସେହିପରି ଆର୍ତ୍ତି ବି ରାସାୟନସ ଲିମିଟେଡ ୫୯ କୋଟି ଟଙ୍କା ବିନିଯୋଗରେ ଫ୍ଲେକିବଲ ଇଣ୍ଟରମିଡିଏଟ ବଲ୍କ କଣ୍ଟେନର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଉତ୍ପାଦ ଉତ୍ପାଦନ କରିବ। ମେଟାଲ ଡାଉନଷ୍ଟ୍ରିମ୍ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଦୁଇଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ବିକେ ଉତ୍କଳ ଷ୍ଟିଲ୍ ପ୍ରାଇଭେଟ୍ ଲିମିଟେଡ୍ ଓ ଆଇଏଫ୍ ଜିଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଯେଉଁଥିରେ ୨୬୦ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶରେ ୩୫୦ରୁ ଅଧିକ ଲୋକଙ୍କୁ ନିଯୁକ୍ତ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆଇଟି ଏବଂ ଇଏସଡିଏମ କ୍ଷେତ୍ରରେ ନିସୁମ କନସଲଟିଂ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ୨୦୦ କୋଟି ଟଙ୍କା ନିବେଶକୁ ମଞ୍ଜୁରୀ ମିଳିଛି। ଗୋଟିଏ ସଫ୍ଟୱେର ଡେଭଲପମେଣ୍ଟ ସେଣ୍ଟର ପ୍ରତିଷ୍ଠା ପାଇଁ କମ୍ପାନୀ ପ୍ରସ୍ତାବ ଦେଇଛି, ଯାହା ଓଡ଼ିଶାରେ ୬୪୦ରୁ ଅଧିକ ଲୋକଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରିବ।

# ନବମ, ଦଶମ ଛାତ୍ରଛାତ୍ରୀଙ୍କୁ ମାଗଣା ସ୍କୁଲ ୟୁନିଫର୍ମ



**ଭୁବନେଶ୍ୱର :** ନବମ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିବ ପୋଷାକ ଓ ଜୋତା-ମୋଜା। ସମସ୍ତ ସରକାରୀ ହାଇସ୍କୁଲ୍ ତଥା ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲ୍‌ରେ ପଢୁଥିବା ଛାତ୍ରଛାତ୍ରୀ ଏଥିରେ ସାମିଲ କରାଯିବ। 'ମୁଖ୍ୟମନ୍ତ୍ରୀ ପରିଧାନ' ଯୋଜନାରେ ହାଇସ୍କଲ୍ ଛାତ୍ରଛାତ୍ରୀ ଏହି ସୁବିଧା ପାଇବେ। ଚଳିତ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ। ଏସଂକ୍ରାନ୍ତରେ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି। ସ୍କୁଲ୍ ୟୁନିଫର୍ମ ଓ ଆନୁଷଙ୍ଗିକ ସାମଗ୍ରୀର ବ୍ୟବସ୍ଥା ପାଇଁ ସହାୟତା ରାଶି ୬୦୦ ଟଙ୍କା ମିଳୁଥିଲା ବେଳେ ଏବେ ଏକ ହଜାର ଟଙ୍କା ମିଳିବ। ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ୍‌ରେ ଏହି ବ୍ୟବସ୍ଥା ରଖାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଜଣେ ପିଲା ପିଛା ୫୫୦ ଟଙ୍କା ମୂଲ୍ୟରେ ଦୁଇ ହଳ ପୋଷାକ, ୨୦୦ ଟଙ୍କା ମୂଲ୍ୟରେ ହଳେ ଜୋତା ଓ ଦୁଇ ହଳ ମୋଜା ଦିଆଯିବ। ଏଥିସହ ୧୨୫ ଟଙ୍କା ମୂଲ୍ୟର ଗୋଟିଏ ଟି-ସାର୍ଟ, ୧୨୫ ଟଙ୍କା ମୂଲ୍ୟର ଗୋଟିଏ ଟ୍ରାକ୍ ପ୍ୟାଣ୍ଟପ୍ରତି ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରାଯିବ। ପୂର୍ବରୁ କେବଳ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀ ପୋଷାକ ଓ ଜୋତା-ମୋଜା ପାଉଥିବା ବେଳେ ଏବେ ହାଇସ୍କୁଲ ପିଲାଙ୍କୁ ଏହି ସୁବିଧା ମିଳିବାକୁ ନେଇ ସରକାରୀ ହାଇସ୍କୁଲ୍‌ରେ ଉତ୍ସାହ ଦେଖା ଦେଇଛି। ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ପୋଷାକ ଓ ଜୋତା- ମୋଜା ଯୋଜନା ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେଉଥିବାରୁ ଏଥିପାଇଁ ପ୍ରକ୍ରିୟାକରଣ ଆରମ୍ଭ ହୋଇଯାଇଛି। ପୋଷାକ, ଜୋତା-ମୋଜା କ୍ରୟ ଓ ବିତରଣ ପାଇଁ ବ୍ଲକ୍‌ସ୍ତରରେ ଏକ କମିଟି ଗଠିତ ହେବ। ଏହି କମିଟି ନେତୃତ୍ୱରେ ଏମ୍‌ଏସ୍‌ଏମ୍‌ଇ ବା ସ୍ୱୀକୃତିପ୍ରାପ୍ତ ଏସ୍‌ଏଚ୍‌ଜିଙ୍କୁ ପୋଷାକ କ୍ରୟ ବା ବଣ୍ଟନ ଦାୟିତ୍ୱ ଦିଆଯିବ। ସେମାନେ ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ପୋଷାକ ସହିତ ଜୋତା-ମୋଜା ଯୋଗାଡ଼ କରି ପିଲାମାନଙ୍କୁ ବଣ୍ଟନ କରିବେ। ଜଣେ ଛାତ୍ର/ଛାତ୍ରୀଙ୍କୁ ବର୍ଷକ ପାଇଁ ୨ହଳ ପୋଷାକ ଓ ଏକ ହଳ ଯୋତା, ଏକ ହଳ ମୋଜା ପ୍ରଦାନ କରାଯିବ। ଛାତ୍ରଙ୍କ ପାଇଁ ଫୁଲପ୍ୟାଣ୍ଟ ଓ ସାର୍ଟ ରହିଥିବା ବେଳେ ଛାତ୍ରୀଙ୍କ ପାଇଁ ଚୁଡ଼ିଦାର-ପଞ୍ଜାବୀ ପୋଷାକ ରହିଛି।

### ଯୁବଶକ୍ତିଙ୍କ ପାଇଁ ନୂଆ ସୁଯୋଗ

## ୩ ବିଭାଗରେ ୧୮୧ ଜଣଙ୍କୁ ମିଳିଲା ନୂଆ ନିଯୁକ୍ତି

**ଭୁବନେଶ୍ୱର :** ୩ ବିଭାଗରେ ୧୮୧ ଜଣଙ୍କୁ ମିଳିଛି ନୂଆ ନିଯୁକ୍ତି। ଏହି ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ସାମିଲ ହେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଲୋକସେବା ଭବନ କନଭେନସନ ସେଣ୍ଟରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବା ସହ ନବନିଯୁକ୍ତଙ୍କୁ ସ୍ୱାଗତ କରିଥିଲେ। ଏହି ନିଯୁକ୍ତି ପର୍ବରେ ୧୦୪ ଶିକ୍ଷକ ପ୍ରଶିକ୍ଷକ, ୬୨ ସରକାରୀ ନିର୍ଦ୍ଦେଶକ (ବିଧି)ଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ୧୫ ସହକାରୀ ପରିସଂଖ୍ୟନ ନିର୍ଦ୍ଦେଶକଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଉପସ୍ଥିତ ଥିଲେ।

## ମୁଖ୍ୟ ଶାସନ ସଚିବଙ୍କ ମୌସୁମୀ ପ୍ରସ୍ତୁତି ସମୀକ୍ଷା

**ଭୁବନେଶ୍ୱର :** ରାଜଧାନୀରେ ଜଳବନ୍ଦୀ ସମସ୍ୟାର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ଜଳବନ୍ଦୀ ଏବଂ ଆବଶ୍ୟକୀୟ ପଙ୍କୋଦ୍ଧାର ତଥା ସଠିକ ସମୟରେ ଡ୍ରେନ୍ ପଙ୍କକୁ ସ୍ଥାନାନ୍ତର କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ମହାନଗର ନିଗମ ଅଞ୍ଚଳରେ ୭୫ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ ହୋଇଥିଲା। ଏ ଦିଗରେ ପଦକ୍ଷେପ ନିଆଯାଇଛି ଏବଂ ଏହି ଅସୁବିଧାକୁ କମ୍ କରାଯାଇପାରିଛି। ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ଆବଶ୍ୟକ ମୁତାବକ ପମ୍ପସେଟ୍, ଜରୁରୀକାଳୀନ ଜଳ ନିଷ୍କାସନ ବ୍ୟବସ୍ଥା କରାଯିବା ସହ ସ୍ଥାନୀୟବାସୀ କିପରି ବର୍ଷା ବିପ୍ରାତରେ ହଇରାଣ ନହେବେ ସେଥିପାଇଁ ବ୍ୟବସ୍ଥା ହୋଇଛି। ଏହାସହ ଜାତୀୟ ରାଜପଥ ବିଭାଗ ଇସ୍କନଠାରେ ହେଉଥିବା ଜଳବନ୍ଦୀରୁ ରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରନ୍ତୁ ବୋଲି କହିଛନ୍ତି ସିଏସ୍। ଇସ୍କନ ମନ୍ଦିର ବିପରୀତ ପାର୍ଶ୍ୱରେ ଥିବା କ୍ରିଷ୍ଣା ଟାୱାରରୁ ଭୋଇସାହି ପର୍ଯ୍ୟନ୍ତ ଏକ ସମାନ୍ତରାଳ ଡ୍ରେନ୍ ନିର୍ମାଣ କରି ଜଳବନ୍ଦୀ ସ୍ଥିତି ସୁଧୁରିପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

# ଉଚ୍ଚ ପରିବା ଦରରେ ଖୁଚୁରା ମୁଦ୍ରାସ୍ଫୀତି ଉପରମୁହାଁ



**ଭୁବନେଶ୍ୱର:** ଦେଶରେ ବର୍ତ୍ତମାନ ପନିପରିବା ଦର ଆକାଶଛୁଆଁ। ଟମାଟୋଠାରୁ ଆରମ୍ଭ କରି ବିନ୍ସ, ଧନିଆ ପତ୍ର, କଞ୍ଚାଲଙ୍କା, ଝୁଡଙ୍ଗ ଛୁଇଁ, କଲରା ଏବଂ ବାଇଗଣ ଭଳି ପନିପରିବା ଦର ଏବେ ଢେର ଉପରେ। ଉଚ୍ଚ ପନିପରିବା ଦର ଯୋଗୁଁ ଜୁନ୍ ମାସରେ ଦେଶରେ ଖୁଚୁରା ମୁଦ୍ରାସ୍ଫୀତି ଉପରମୁହାଁ ହୋଇଛି। ଯଦିବା ପନିପରିବା ଦର ମୁଦ୍ରାସ୍ଫୀତିକୁ ପ୍ରଭାବିତ କରିବନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିଲା, ଆଜି ମୁଦ୍ରାସ୍ଫୀତି ରିପୋର୍ଟ ପ୍ରକାଶ ପରେ ଏହା ସ୍ପଷ୍ଟ ହୋଇଯାଇଛି। ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୮୨ ପ୍ରତିଶତରେ ପହଞ୍ଚିଛି। ମେ' ମାସରେ ଏହା ବିଗତ ୨୫ ମାସର ସର୍ବନିମ୍ନ ସ୍ତର ୪.୨୫ ପ୍ରତିଶତକୁ ଖସିଆସିଥିଲା। ପନିପରିବାର ଅତ୍ୟଧିକ ମୂଲ୍ୟ ହେତୁ ଜୁନ୍ ମାସରେ ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ତେବେ ପନିପରିବା ବ୍ୟତୀତ ଟମାଟୋ, ଡାଲି ଏବଂ ମସଲା ସାମଗ୍ରୀର ଦରବୃଦ୍ଧି ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତିକୁ ତ୍ୱରାନ୍ୱିତ କରିଛି। ଜୁନ୍ ମାସରେ ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି ବହୁ ଉପରେ ୧୨.୭୧ ପ୍ରତିଶତ ରହିଛି। ଅପରପକ୍ଷେ ମସଲା ସାମଗ୍ରୀ କ୍ଷେତ୍ରରେ ଏହା ସବୁଠାରୁ ଅଧିକ ୧୯.୧୯ ପ୍ରତିଶତ ରହିଥିବା ଦେଖିବାକୁ ମିଳିଛି। ଡାଲିଦର କିଲୋ ପିଛା ୧୬୦ ଟଙ୍କା ଛୁଇଁବା ପରେ ଏହା କ୍ଷେତ୍ରରେ ମୁଦ୍ରାସ୍ଫୀତି ମେ' ମାସର ୬.୫୬ ପ୍ରତିଶତ ତୁଳନାରେ ହଠାତ୍ ୧୦.୧୦.୫୩ ପ୍ରତିଶତକୁ ବୃଦ୍ଧି ଘଟିଛି। ଦୁଗ୍ଧ ସାମଗ୍ରୀ କ୍ଷେତ୍ରରେ ମଧ୍ୟ ମୁଦ୍ରାସ୍ଫୀତି ୮.୫୬ ପ୍ରତିଶତରେ ରହିଛି। ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି ଯେ, ଗତ ବର୍ଷ ଜୁନ୍‌ରେ ପାଇକାରୀ ବଜାରରେ ଜିରା କିଲୋ ପିଛା ୨୫୦-୩୦୦ ଟଙ୍କା ରହିଥିଲା। ଚଳିତବର୍ଷ ଜୁନ୍‌ରେ ଏହା ୭୦୦-୮୦୦ ଟଙ୍କାରେ ପହଞ୍ଚିଛି। ଏସବୁ ପାଇଁ କର୍ପୋରେଟ୍ ସଂସ୍ଥା ହିଁ ଦାୟୀ। ଯେଉଁଭଳି ଭାବେ ଦରଦାମ୍ ବଢ଼ିବାରେ ଲାଗିଛି ସରକାର ଏହାକୁ ତରନ୍ତ ନିୟନ୍ତ୍ରଣ ନ କଲେ ଭବିଷ୍ୟତରେ ଏହା ଅର୍ଥନୀତିକୁ ପ୍ରଭାବିତ କରିବ। ଜୁନ୍ ମାସରେ ଉପଭୋକ୍ତା ମୂଲ୍ୟ ସୂଚୀ (ସିପିଆଇ) ୪.୪୯ ପ୍ରତିଶତକୁ ବୃଦ୍ଧି ପାଇଛି। ତେବେ ମେ' ମାସରେ ଏହା ୨.୯୬ ପ୍ରତିଶତ ରହିଥିଲା। ଏପ୍ରିଲରେ ଏହା ୩.୮୪ ପ୍ରତିଶତ ରହିଥିଲା। ଏହି ସୂଚକାଙ୍କ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ଏବଂ ହ୍ରାସକୁ ଦର୍ଶାଇଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ସିପିଆଇ ବାସ୍କେଟ୍‌ରେ ଖାଦ୍ୟ ସାମଗ୍ରୀର ଅଂଶ ପ୍ରାୟ ଅଧା ରହିଥାଏ। ଯଦି ବା ଜୁନ୍ ମାସରେ ଖୁଚୁରା ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି ତଥାପି ଏହାର ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ସହନଶୀଳତା ସୀମାଠାରୁ କମ୍ ରହିଛି। ବର୍ତ୍ତମାନ ଦେଶର ସହରାଞ୍ଚଳରେ ମୁଦ୍ରାସ୍ଫୀତି ହାର ୪.୯୬ ପ୍ରତିଶତକୁ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ୪.୭୨ ପ୍ରତିଶତକୁ ବୃଦ୍ଧି ପାଇଛି। ମେ' ମାସରେ ଏହା ୪.୨୫ ପ୍ରତିଶତକୁ ଖସିଆସିଥିଲା। ଏହାପୂର୍ବରୁ ଏପ୍ରିଲ୍‌ରେ ମୁଦ୍ରାସ୍ଫୀତି ୪.୭୦ ପ୍ରତିଶତ ରହିଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୧ ଏପ୍ରିଲ୍‌ରେ ମୁଦ୍ରାସ୍ଫୀତି ୪.୨୩ ପ୍ରତିଶତ ରହିଥିଲା। ଜୁନ୍ ମାସରେ ଅନୁଷ୍ଠିତ ମୁଦ୍ରାନୀତି ସମୀକ୍ଷା ବୈଠକରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ମୁଦ୍ରାସ୍ଫୀତିକୁ ନେଇ ଚିନ୍ତା ଏବଂ ଅନିଶ୍ଚିତତା ଜାରି ରହିଥିବା ନେଇ କହିଥିଲେ।

### ସରକାରୀ ବିଶ୍ୱବିଦ୍ୟାଳୟ ଗବେଷଣା

# ୫ ବର୍ଷରେ ୧୧୭ ପେଟେଣ୍ଟ ହାସଲ କରିଛି ଓଡ଼ିଶା

**ଭୁବନେଶ୍ୱର :** ବିଗତ ୫ ବର୍ଷରେ ୧୧୭ ପେଟେଣ୍ଟ ହାସଲ କରିଛନ୍ତି ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟ। ଗବେଷଣା ଓ ଅନୁସନ୍ଧାନ କୌଣସି ଶିକ୍ଷାନୁଷ୍ଠାନର ମାନଦଣ୍ଡକୁ ନିର୍ଦ୍ଧାରଣ କରୁଥିବାବେଳେ ପେଟେଣ୍ଟ ହାସଲ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟଗୁଡ଼ିକର ନୈରାଶ୍ୟଜନକ ପ୍ରଦର୍ଶନ ଗବେଷଣା ଭିତ୍ତିଭୂମି ପ୍ରତି ଆଙ୍ଗୁଠି ପ୍ରଦର୍ଶନ କରିଛି। ଏପରିକି ଏଥି ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ନାକ୍ ଓ ଏନ୍‌ଆଇଆରଏଫ୍ ମାନ୍ୟତା ମଧ୍ୟ ଗରୁତର ପ୍ରଭାବିତ ହେଉଛି। ସାଧାରଣତଃ ଯେଉଁ ଶିକ୍ଷାନୁଷ୍ଠାନରେ ଯେତେ ଅଧିକ ଗବେଷଣା ଓ ପେଟେଣ୍ଟ ରାଇଟ୍ସ ଲାଭ କରିଥାଏ ତାର ଜାତୀୟ ମାନ୍ୟତା ସେତିକି ସୁଦୃଢ଼ ହୋଇଥାଏ। ଅପରପକ୍ଷେ ରାଜ୍ୟରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଗବେଷଣା ଓ ଅନୁସନ୍ଧାନରେ ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟ ଗତ ୫ ବର୍ଷ ମଧ୍ୟରେ ମାତ୍ର ୧୧୭ଟି ପେଟେଣ୍ଟ ରାଇଟ୍ସ ହାସଲ କରିଛନ୍ତି। ଶିକ୍ଷାବିତ୍‌ମାନଙ୍କ କହିବା ଅନୁଯାୟୀ ଗବେଷଣା ଓ ଅନୁସନ୍ଧାନ ଯେକୌଣସି ବିଶ୍ୱବିଦ୍ୟାଳୟର ଏକ ପ୍ରମୁଖ ଅଙ୍ଗ। ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ଦକ୍ଷତା ଓ ଶୈକ୍ଷିକ ବାତାବରଣ ବିଷୟରେ ସୂଚନା ମିଳେ। ଏହା ସହିତ ବିଶ୍ୱବିଦ୍ୟାଳୟ ଅଧିକ ଅନୁଦାନ ରାଶି ମଧ୍ୟ ଗବେଷଣା ଲାଗି ହାସଲ କରିଥାଏ। ବିଶ୍ୱବିଦ୍ୟାଳୟଗୁଡ଼ିକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ 'ଉତ୍କଳ' ଜଣାଶୁଣା। ଏଠାରେ ଗବେଷଣା କରିବାର



ଏକ ପ୍ରକୃଷ୍ଟ ମାହୋଲ ରହିଛି। ବିଶ୍ୱବିଦ୍ୟାଳୟରେ ଷ୍ଟେଟ ଅଫ ଦ ଆର୍ଟ ଇନକ୍ୟୁବେସନ ସେଣ୍ଟର ମଧ୍ୟ ରହିଛି। କିନ୍ତୁ ଏତେ ପରେ ମଧ୍ୟ ବିଶ୍ୱବିଦ୍ୟାଳୟ ୨୦୧୬ ରୁ ୨୦୨୨ ମସିହା ୬ ବର୍ଷ ମଧ୍ୟରେ ମାତ୍ର ୨୫ ପେଟେଣ୍ଟ ରାଇଟ୍ସ ହସଲ କରିପାରିଛି। ତେବେ ଏହି ୨୫ ଟି ପେଟେଣ୍ଟ ରାଇଟ୍ସ କେବଳ ୨୦୨୦-୨୧ ଏବଂ ୨୦୨୧-୨୨ ୨ଟି ଶିକ୍ଷାବର୍ଷରେ ମିଳିଛି। ୨୦୧୬ ରୁ ୨୦୨୦ ପର୍ଯ୍ୟନ୍ତ ବିଶ୍ୱବିଦ୍ୟଳୟ ପକ୍ଷରୁ ଗୋଟିଏ ବି ପେଟେଣ୍ଟ ରାଇଟ୍ସ ଲାଗି ପଞ୍ଜିକରଣ କରାଯାଇ ନଥିଲା। ସେହିଭଳି ରେଭେନ୍ସା ବିଶ୍ୱବିଦ୍ୟାଳୟ ୪ଟି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ୩ଟି, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଗୋଟିଏ ପେଟେଣ୍ଟ ରାଇଟ୍ସ ହସଲ କରିଛନ୍ତି। ରମାଦେବୀ, ଫକୀରମୋହନ ଭଳି ବିଶ୍ୱବିଦ୍ୟାଳୟମାନେ ମଧ୍ୟ ଓଡ଼ିଶା ଗବେଷଣା ଓ ଅନୁସନ୍ଧାନ ପ୍ରକଳ୍ପ (ଓୟୁଆରଆଇପି) ଅନୁଦାନରେ କମ୍ପ୍ୟୁଟର ସାଇନ୍ସ, ବାୟୋଟେକରେ କିଛି ପେଟେଣ୍ଟ ରାଇଟ୍ସ ହାସଲ କରିଛି। କଣ୍ଟ୍ରୋଲର ଜେନେରାଲ ଅଫ ପେଟେଣ୍ଟ ରାଇଟ୍ସଙ୍କ ୨୦୨୧-୨୨ ରିପୋର୍ଟ ମୁତାବକ ଓଡ଼ିଶାରୁ ବିଭିନ୍ନ କ୍ଷେତ୍ରରେ ୩୨୭ ପେଟେଣ୍ଟ ରାଇଟ୍ସ ଲାଗି ଆବେଦନ କରାଯାଇଛି। ତେବେ ଦେଶର ମୋଟ ୨୦ ଟି ରାଜ୍ୟରୁ ଯେଉଁ ଭଳି ଆବେଦନ ଆସିଛି ସେଥିରେ ଓଡ଼ିଶାର ସ୍ଥାନ ୧୬ ନମ୍ବରରେ ରହିଛି। ତାଲିକାରେ ଝାଡ଼ଖଣ୍ଡ, ହିମାଚଳ, ଆସାମ ଉପରକୁ ଓଡ଼ିଶା ରହିଛି। ତେବେ ଓଡ଼ିଶାରୁ ଦାଖଲ ହୋଇଥିବା ଆବେଦନ ମଧ୍ୟରୁ ବ୍ୟକ୍ତିଗତ ଆବେଦନ ସଂଖ୍ୟା ୯୫ ପ୍ରତିଶତ ହୋଇଥଲବା ବେଳେ ୫ପ୍ରତିଶତ କେବଳ ଶିକ୍ଷାନୁଷ୍ଠାନମାନଙ୍କରୁ ରହିଛି।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୭ - ୨୩ ଜୁଲାଇ, ୨୦୨୩

# କେଉଁ ଉପାୟ

ଏବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ରାଜ୍ୟର ୨୮ ଜିଲ୍ଲାରେ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଳମ୍ବିତ ମୌସୁମୀ ଓ ସ୍ୱଳ୍ପ ବର୍ଷା କାରଣରୁ ଚାଷୀ ସ୍ୱାଭାବିକ ଭାବେ ଚାଷକାର୍ଯ୍ୟ କରିପାରୁନାହାନ୍ତି। ଏଭଳି ସମୟରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଜୁଲାଇ ମାସରେ ଦୁଇଟି ଲଘୁଚାପ ହେବାର ସମ୍ଭାବନା ଅଛି। ୧୮ରୁ ୨୨ ଭିତରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ହୋଇପାରେ। ଏହାର ପ୍ରଭାବରେ ରାଜ୍ୟରେ ମଧ୍ୟମରୁ ଭାରୀ ବର୍ଷା ହେବ। ସେହିଭଳି ଚତୁର୍ଥ ସପ୍ତାହରେ କେନ୍ଦ୍ରୀୟ ପୂର୍ବ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ହୋଇପାରେ। ଏହା ପ୍ରଭାବରେ ଅଧିକ ବର୍ଷା ହୋଇପାରେ। ଏହିସହ ଶ୍ରୀ ପଶୁପାଳକ ଚାଷୀ ମାନଙ୍କୁ କହିଛନ୍ତି ତଳି ନ ପକାଇ ସିଧା ଧାନ ବୁଣନ୍ତୁ। ଏପଟେ ପନିପରିବା ବଜାର ଦର ଦେଖିଲେ ଡର ଲାଗୁଛି। ନିମ୍ନମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ଆୟ ଯାହାକୁ ସେଇଆ ଥିଲାବେଳେ ପ୍ରତ୍ୟେକ ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ମେରୁଦଣ୍ଡ ଦୁର୍ବଳ କରିଚାଲିଛି। ଏଭଳି ପରିସ୍ଥିତିରେ ପରିବାର ଚଳାଇବାର ବୋଝ ମନକୁ ଭାରାକ୍ରାନ୍ତ କରୁଛି। ଅଧିକାଂଶ ପରିବାରରେ ଶିକ୍ଷିତ ପିଲା ବେକାର ହୋଇ ବୁଲୁଛନ୍ତି। ତାଙ୍କ ପାଇଁ କୌଣସି ସରକାର ଚିନ୍ତା ମଧ୍ୟ କରୁନାହାନ୍ତି। ବିଜୁଳି ବିଲ ପାଣି ବିଲ ଦେଖିଲେ ଗୃହସ୍ଥଟିଏ କିପରି ଚଳିବ ବୋଲି ଭାବୁଛି। ଚିନ୍ତାକରନ୍ତୁ, ସହରାଞ୍ଚଳରେ ରହୁଥିବା ନିମ୍ନ ମଧ୍ୟବିତ୍ତ ପରିବାର କିଭଳି ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଭୋଟ ଲୋଭରେ ସରକାର ଯେଉଁ ଯୋଜନା କରୁଛନ୍ତି ତାହା ସବୁ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ହେଉନାହିଁ। କେଉଁ ଯୋଜନାରେ ଅଧିକ ଭୋଟ ଆସିବ ତାହାକୁ ସରକାର ପ୍ରାଧାନ୍ୟ ଦେଉଥିଲା ବେଳେ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତଙ୍କ ପାଇଁ ସମାନ ସୁବିଧା କଥା ଚିନ୍ତା କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। କାହାକୁ କହିଲେ କିଏ ଶୁଣିବ ଭଳି ସମୟରେ ପରିବାର ଚଳାଇବାର ଗୁରୁଦାୟିତ୍ୱ ବହନ କରୁଥିବା ଲୋକଟି ମାନସିକ ସ୍ତରରେ କିଭଳି ବଞ୍ଚୁଥିବ ତାହା ଅନୁମାନ କରନ୍ତୁ। ଯେଉଁମାନେ ସରକାରୀ ଚାକିରୀ କରୁଛନ୍ତି ସେମାନେ ସମାଜରେ ସ୍ୱଚ୍ଛଳ ଭାବେ ଚଳି ପାରୁଛନ୍ତି। ଯେଉଁମାନେ ଘରୋଇ ବା ଛୋଟ ଛୋଟ ସଂସ୍ଥାରେ କାର୍ଯ୍ୟ କରୁଛନ୍ତି ତାଙ୍କର ସ୍ୱଳ୍ପ ଆୟ ଓ ବଜାର ଦର ଉଚ୍ଚା କିଭଳି ବାଧୁଥିବ ଏହା ଉପରେ ଆଲୋଚନା ମଧ୍ୟ କରାଯାଉନାହିଁ। କୌଣସି ରାଜନୈତିକ ଦଳର ଆଲୋଚନାରେ ନିମ୍ନମଧ୍ୟବିତ୍ତ ବା ମଧ୍ୟବିତ୍ତଙ୍କ ସମସ୍ୟା ଉପରେ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳୁନାହିଁ। ଗରିବ କହିଲେ କେବଳ ବସ୍ତି ବା ବସ୍ତି ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ନାଁରେ କେବଳ ରାଜନୀତି ହେଉଛି। ବାସ୍ତବରେ ଆର୍ଥିକ ଦୃଷ୍ଟିରୁ କିଏ ବା କେଉଁମାନେ ଦୁର୍ବଳ ସେଥିପ୍ରତି କାହାର ଦୃଷ୍ଟି ନାହିଁ। ଥରେ ଭବନ୍ତୁ, ରାଜଧାନୀର ଯେଉଁମାନଙ୍କୁ ଦିନ ମଜୁରିଆ କୁହାଯାଉଛି ତାଙ୍କର ଦୈନିକ ଆୟ କେତେ। ଗୋଟିଏ ଗୋଟିଏ ପରିବାରରୁ ତିନିରୁ ଚାରିଜଣ ଯେବେ କାମକୁ ଯାଆନ୍ତି ତେବେ ତାଙ୍କର ଆୟ କେତେ ହେଉଥିବ। ସେହି ଅନୁସାରେ ତାଙ୍କର ମାସିକ ଆୟ ହିସାବ କରାଯାଉ। ଏତଦବ୍ୟତୀତ ସେମାନେ ସବୁ ପ୍ରକାର ସରକାରୀ ସହାୟତା ପାଇବାର ହକଦାର ମଧ୍ୟ। ଅଥଚ ଶିକ୍ଷିତ ନିମ୍ନମଧ୍ୟବିତ୍ତ ପରିବାର କେତେ ଆୟ କରୁଛି ତାହା ଉପରେ କେହି କେବେ ସର୍ଭେ କରିଛି କି? ଜଣେ ବ୍ୟକ୍ତିର ଆୟ ଉପରେ ସମ୍ପୂର୍ଣ୍ଣ ପରିବାର ନିର୍ଭରଶୀଳ ଥିଲାବେଳେ ଆୟ କିନ୍ତୁ ନଗଣ୍ୟ। ଅଥଚ ଏମାନେ ଗରିବ ନୁହନ୍ତି। ଗରିବର ମାନଦଣ୍ଡ ବଡ଼ ବିଚିତ୍ର.ଏହାର ନିର୍ଦ୍ଧାରଣ କିଭଳି ହେଉଛି ତାହା ବୁଝିବା ମୁସ୍କିଲ। କାରଣ ଆମେ ଯେତେବେଳେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଛେ, ସେଠାରେ ପୁଣି ଏତେ ଗରିବ ସୃଷ୍ଟି ହେଉଛନ୍ତି କିପରି ତାହା ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଦେଶରେ ଗଣତନ୍ତ୍ର ପ୍ରତିଷ୍ଠା ଦିନରୁ ଗରିବଙ୍କ ଉନ୍ନତି ଓ କଲ୍ୟାଣ ପାଇଁ ସରକାର ବିଭିନ୍ନ ଯୋଜନା କରିଚାଲିଛନ୍ତି। ଏତେସତ୍ତ୍ୱେ ନୂଆ ନୂଆ ଗରିବ ସରକାରୀ ଖାତାକୁ ଆସିବା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଦିନକୁଦିନ ଗରିବ ଭାବେ ସମସ୍ତ ସରକାରୀ ଯୋଜନାର ସୁଫଳ ଭୋଗ କରୁଥିବା ବ୍ୟକ୍ତି ବା ତାଙ୍କ ପରିବାର କଣ ପୂର୍ବଭଳି ଆର୍ଥିକ ଦୁଃସ୍ଥିତିରେ ଅଛନ୍ତି? ଏ ସବୁ ଦିଗ ଉପରେ ଆଲୋଚନା ନହୋଇ ତେଲିଆ ମୁଣ୍ଡରେ ତେଲ ଢ଼ାଳିବା ପ୍ରକ୍ରିୟା ହିଁ ବ୍ୟବସ୍ଥାକୁ କଳୁଷିତ କରିଚାଲୁଛି। ଏଥିରୁ ଗୋଟିଏ ବଡ଼ ଫାଇଦା ମିଳୁଛି, ଯାହା ହେଲା ଭୋଟ। ଭୋଟ ରାଜନୀତି ଦ୍ୱାରା ନିର୍ଦ୍ଦିଷ୍ଟ ଦଳ ନିଜ ଭୋଟ ବ୍ୟାଙ୍କ କିଭଳି ସୁରକ୍ଷିତ ରହିବ ତାହା ହିଁ ଶାସକ ଦଳଙ୍କ ମୁଖ୍ୟ ଚିନ୍ତା। ତେଣୁ ଧନୀ ଗରିବର ତାରତମ୍ୟ ମଧ୍ୟରେ ପେଷି ହେଉଛନ୍ତି ମଧ୍ୟମବର୍ଗ। ନା ତାଙ୍କ ପାଖରେ ରାସନ କାର୍ଡ ବା କାଳିଆ ବଳିଆ ଭଳି ଯୋଜନାର ଲାଭ। ରୋଜଗାର ଥାଇ ଆହାର କେନ୍ଦ୍ରରେ ଖାଉଥିବା ବ୍ୟକ୍ତି ସମସ୍ତେ ଗରିବ ବୋଲି କହିହେବ କି? ଅତଏବ ଆମେ ସମସ୍ତଙ୍କୁ ସମାନ ଅଧିକାର ଦେଉଥିବା କହି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ଯୋଜନା କରି ଭୋଟ ହାତେଇବା ଲକ୍ଷ୍ୟରେ ଥିବା କଥାଟିକୁ ଅସ୍ୱୀକାର କରିପାରିବା କି!

ସୁବିଧା ହାସଲକାରୀ ଗୋଷ୍ଠୀ ସମାଜରେ ଭଲରେ ବଞ୍ଚି ପାରୁଥିଲା ବେଳେ ଅସହ୍ୟ ଦୁଃଖ ଓ ମାନସିକ ପୀଡ଼ନରେ ଧନ୍ଦୀ ହେଉଥିବା ବର୍ଗ ବା ପରିବାର ଗୁଡିକର ଦୁଃଖ ତେବେ କିଏ ଲାଘବ କରିବ ବୋଲି ପ୍ରଶ୍ନ କାହାକୁ ପଚାରିଲେ ସମସ୍ତେ ନିରବ ରହନ୍ତି। କିନ୍ତୁ ଏହାର ସମାଧାନ କିପରି ହେବ ସେ ସମ୍ପର୍କରେ ସାମାନ୍ୟ ଶବ୍ଦଟିଏ କହିବାକୁ ମଧ୍ୟ କାହାର ଜିହ୍ୱା ଲେଉଟେ ନାହିଁ। ଯେଉଁଠି ନିଜେ ନିଜର ଅଧିକାର ପାଇପାରୁନି ସେଠାରେ ଜଗତ ଜଞ୍ଜାଳର ସମାଧାନ ସମ୍ଭବ କି? ସାମ୍ପ୍ରତିକ ପରିସ୍ଥିତି, ବଜାର ଦର ଓ କମ ରୋଜଗାରକୁ ନେଇ ବଞ୍ଚୁଥିବା ଲୋକମାନେ କେବଳ ଈଶ୍ୱରଙ୍କୁ ଭରସା କରିବା ବ୍ୟତିରେକ ଅନ୍ୟ କିଛି ଉପାୟ ନାହିଁ।

ସମ୍ପାଦକୀୟ



ତାରକ ମହାନ୍ତି

# ତାଞ୍ଜାନିଆରେ ଜୟଶଙ୍କର



ସୌମେନ୍ଦ୍ର ଜେନା

ଭାରତର ବିଦେଶମନ୍ତ୍ରୀ ଜୁନ ମାସରେ ଆଫ୍ରିକାର ଦୁଇଟି ଦେଶ ଗସ୍ତ କରିବା ପରେ ଚଳିତ ଜୁଲାଇ ମାସର ପ୍ରଥମ ସପ୍ତାହରେ ଚାରିଦିନିଆ ଗସ୍ତରେ ତାଞ୍ଜାନିଆକୁ ଯାଇ ୬ ଜୁଲାଇ ଦିନ ଜାଞ୍ଜିବର ଦ୍ୱୀପରେ ପହଞ୍ଚି କିଡୁଥାନିଠାରେ ଚାଲିଥିବା ପାନୀୟ ଜଳ ପ୍ରକଳ୍ପକୁ ଦେଖିଥିଲେ। ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଅଧିବାସୀଙ୍କ ମନରେ ଭାରତ ପ୍ରତି ଅନେକ ଶ୍ରଦ୍ଧା ରହିଥିବା ସେ ଲକ୍ଷ୍ୟ କରିଥିଲେ। ସବୁ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ଲକ୍ଷ୍ୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜାଞ୍ଜିବର ଦ୍ୱୀପରୁ ତାଞ୍ଜାନିଆର ରାଜଧାନୀ ଦାରଏସ୍ ସଲାମକୁ ମଧ୍ୟ ଶ୍ରୀ ଜୟଶଙ୍କର ଗସ୍ତକରି ବିବିଧ କାର୍ଯ୍ୟକ୍ରମରେ ଯୋଗଦାନ କରିବା ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଦେଶମନ୍ତ୍ରୀ ଜୟଶଙ୍କର ରାଜଧାନୀ ଦାର୍ ଏସ୍ ସଲାମଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତିକୁ ଅନାବରଣ କରିଥିଲେ। ଏହି ପ୍ରତିମୂର୍ତ୍ତିଟିକୁ ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସ୍ଥାପନ କରାଯାଇଥିଲା। ୨୦୧୦ରୁ ଏହି ସଂଗଠନ ତାଞ୍ଜାନିଆରେ ଭାରତୀୟ ସଂସ୍କୃତିର ପ୍ରସାର ପାଇଁ କାର୍ଯ୍ୟ କରୁଛି। ଏହି ସଂଗଠନ ଭାରତରେ ମଧ୍ୟ ତାଞ୍ଜାନିଆ ସଂସ୍କୃତିର ପ୍ରସାର ପ୍ରଚାର କରିଆସୁଛି। ସ୍ୱାମୀ ବିବେକାନନ୍ଦ ପରାଧୀନ ଭାରତରେ ଭାରତୀୟ ସଂସ୍କୃତିର ବିଶ୍ୱବ୍ୟାପି ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଥିଲେ। ସ୍ୱାମୀଜୀଙ୍କ ଶିକ୍ଷା ଯୁଗ ଯୁଗ ଧରି ବିଶ୍ୱବାସୀଙ୍କୁ ଅନୁପ୍ରେରିତ କରିବ ବୋଲି ସେ କହିଥିଲେ।

ଜାଞ୍ଜିବର ଦ୍ୱୀପକୁ ଗସ୍ତ ସାରି ଦାର୍ ଏସ୍ ସଲାମଠାରେ ପହଞ୍ଚିଥିବା ଜୟଶଙ୍କର ତାଞ୍ଜାନିଆରେ କାର୍ଯ୍ୟରତ ଭାରତବଂଶୀ ଲୋକଙ୍କ ସମାବେଶରେ ଭାଷଣ ଦେଇଥିଲେ। ତାଞ୍ଜାନିଆରେ ପ୍ରାୟ ୫୫୦୦୦ ଭାରତୀୟ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ଭାରତୀୟମାନଙ୍କ ସହ କଥା ହେବା ପରେ କିପରି ଆଇଟି (ଭାରତ ତାଞ୍ଜାନିଆ)ର ଗୁରୁତ୍ୱ ରହିଆସିଛି ତାହା ସେ ଉଲ୍ଲେଖ କରିଥିଲେ। ବିଶେଷକରି ପୂର୍ବ ଆଫ୍ରିକାର ଦେଶଗୁଡିକ ସହ ଭାରତର ସଂପର୍କ ବହୁ ପୁରୁଣା ବୋଲି ସେ କହିଥିଲେ। ଜାଞ୍ଜିବରଠାରେ ଭାରତ ସହାୟତାରେ ନିର୍ମିତ ହେଉଥିବା ପାନୀୟ ଜଳ ପ୍ରକଳ୍ପ ୮୦ଲକ୍ଷ ଲୋକଙ୍କ ପାଇଁ ସହାୟକ ହେବ ବୋଲି ସେ ଉଲ୍ଲେଖ କରିଥିଲେ। ଭାରତ ସରକାରଙ୍କର ବିଦେଶୀ ରାଷ୍ଟ୍ରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାରା ଆଫ୍ରିକା ମହାଦେଶରୁ ତାଞ୍ଜାନିଆର ଅଂଶ ସର୍ବାଧିକ। ପ୍ରତିବର୍ଷ ଏକାକୀ ତାଞ୍ଜାନିଆ ୭୫୦ ସ୍ଲଟରେ ନିଜ ପ୍ରଶିକ୍ଷାର୍ଥୀଙ୍କୁ ଭରିଥାଏ।

ଚୀନକୁ ଲକ୍ଷ୍ୟକରି ଜୟଶଙ୍କର କହିଥିଲେ ଯେ ଆଫ୍ରିକାରେ ଭାରତର ନୀତି ଅନ୍ୟମାନଙ୍କ ପରି ଶୋଷଣକାରୀ ଅର୍ଥନୀତି ଆଧାରିତ ନୁହେଁ। ଭାରତ ପାଇଁ ବନ୍ଧୁତା ଗୁରୁତ୍ୱପୂର୍ଣ୍ଣ। ଆଫ୍ରିକା ମହାଦେଶ ସହ ଭାରତର ବାଣିଜ୍ୟ ବାର୍ଷିକ ୯୫ ବିଲିଅନ ଡଲାର ରହିଛି। ଆଗାମୀ ଦିନରେ ଏହା ଖୁବ୍ ଶୀଘ୍ର ବୃଦ୍ଧିପାଇବ। କାରଣ ଭାରତର ଅର୍ଥନୀତି ଓ ବାଣିଜ୍ୟ ଏବେ ରପ୍ତାନୀ ଆଧାରିତ, ବହୁରାଷ୍ଟ୍ରରେ ପ୍ରସାରିତ ହେଉଥିବାରୁ ଆଗାମୀ ଦିନରେ ଭାରତୀୟ ଲୋକମାନଙ୍କର ଏସବୁ ରାଷ୍ଟ୍ରରେ ସକ୍ରୀୟ ଭାବେ କାର୍ଯ୍ୟକରିବାର ସଂଖ୍ୟା ମଧ୍ୟ ବୃଦ୍ଧିପାଇବ। ଆଫ୍ରିକାର ବଜାର ଏବେ ଅଧିକରୁ ଅଧିକ ଆବଶ୍ୟକ କରୁଥିଲା ବେଳେ ସେମାନଙ୍କ ଅଭାବକୁ ଦୂର କରି ଆବଶ୍ୟକତା ପୂରଣ କରିବା ଭାରତର ଲକ୍ଷ୍ୟ ହେବା ଉଚିତ୍। ପ୍ରତିଯୋଗିତା ପ୍ରଧାନ ଅର୍ଥନୀତି ମଧ୍ୟରେ ଭାରତର ଲୋକେ ଏବଂ ଭାରତର ବ୍ୟବସାୟୀ ଯେତେ ଅଧିକ ବାହାରକୁ ଯିବେ ସେତେ ସେତେ ଅଧିକ ଆବଶ୍ୟକତା ପୂରଣ ହୋଇପାରିବ। ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆଫ୍ରିକାର ରାଷ୍ଟ୍ରଗୁଡିକୁ ସାହାଯ୍ୟ କରିପାରିବ। ଯାନବାହନ ଶିଳ୍ପ କ୍ଷେତ୍ରରେ ମଧ୍ୟ ବହୁ ସମ୍ଭାବନା ରହିଛି। ଆଗାମୀ ଦିନରେ ମୁକ୍ତ ବାଣିଜ୍ୟ ବୁଝାମଣା ଆଫ୍ରିକୀୟ ସଂଘ ସହ ସଫଳ ହେଲେ ୫୪ ରାଷ୍ଟ୍ରରେ କାର୍ଯ୍ୟକରିବାର ସୁବିଧା ଭାରତର କମ୍ପାନୀ ଏବଂ ବାଣିଜ୍ୟିକ ଓ ବ୍ୟାବସାୟିକ ସଂସ୍ଥା ପାଇବେ। ସେଥିପାଇଁ ଆଇଆଇଟି ମାଡ୍ରାସର ଏକ ବିଦେଶଶାଖା ତାଞ୍ଜାନିଆରେ ଖୋଲିବା ପାଇଁ ଦୁଇ ରାଷ୍ଟ୍ର ମଧ୍ୟରେ ବୁଝାମଣା ହୋଇଛି,ଯାହା ଜାଞ୍ଜିବରରେ ସ୍ଥାପିତ ହେବ।

ଭାରତର ଯୁଦ୍ଧପୋତ ଆଇଏନ୍ଏସ୍ ତ୍ରିଶୂଳରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜାଞ୍ଜିବର ରାଷ୍ଟ୍ରପତି ହୁସେନ ଅଲି ମ୍ୱିନ୍ୟିଙ୍କ ସହ ଜୟଶଙ୍କର ବୁଝାମଣା ପତ୍ରରେ ସ୍ୱାକ୍ଷର କରିବା ସହ ଆଇଆଇଟି ମାଡ୍ରାସର ଜାଞ୍ଜିବର କ୍ୟାମ୍ପସର ସଫଳତା ନେଇ ଆଶାବ୍ୟକ୍ତ କରିଥିଲେ। ଭାରତର ଜଳଜୀବନ ମିଶନ କାର୍ଯ୍ୟକ୍ରମକୁ ବିଶ୍ୱର ଅନ୍ୟ ରାଷ୍ଟ୍ରରେ ପହଞ୍ଚାଇବା ଲାଗି ଭାରତ ଯେଉଁ ଲକ୍ଷ୍ୟ କରିଛି, ଯେଉଁ ବିଶ୍ୱାସ ନେଇ କାର୍ଯ୍ୟକରୁଛି, ତାଞ୍ଜାନିଆ ପ୍ରକଳ୍ପ ହେଉଛି ତାର ସ୍ପଷ୍ଟ ପ୍ରମାଣ। ଜାଞ୍ଜିବର ଦ୍ୱୀପର ଷ୍ଟୋନଟାଉନକୁ ଜୟଶଙ୍କର ଗସ୍ତକରିବା ସହ ସ୍ଥାନୀୟ ଆର୍ଯ୍ୟ ସମାଜ ଏବଂ ଶ୍ରୀ ଶିବଶକ୍ତି ମନ୍ଦିରକୁ ଯାଇଥିଲେ। ସେଠାରେ ଗୁଜୁରାଟୀ ସମାଜର ଲୋକଙ୍କୁ ସେ ସାକ୍ଷାତ କରିବା ସହ ଭାରତ -ଆଫ୍ରିକା ସହଯୋଗ କିପରି ସମୟ ଦ୍ୱାରା ପରୀକ୍ଷିତ ତାହା ଉଲ୍ଲେଖ କରିଥିଲେ।

ଡକ୍ଟର ଜୟଶଙ୍କର ତାଞ୍ଜାନିଆର ରାଷ୍ଟ୍ରପତି ସମିଆ ହସନଙ୍କୁ ସାକ୍ଷାତ କରି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଭାରତ-ତାଞ୍ଜାନିଆ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ଆରମ୍ଭ ହୋଇଛି। ଯାହା ଆଗାମୀ ଦିନରେ ଉଭୟ ଦେଶକୁ ସହାୟକ ହେବ ବୋଲି କୁହାଯାଉଛି। ଚଳିତବର୍ଷ ୨୦୨୨-୨୩ରେ ଦ୍ୱିପାକ୍ଷିକ ବାଣିଜ୍ୟ ୬.୪ ବିଲିଅନ ଡଲାର ରହିଥିଲା। ତାଞ୍ଜାନିଆରେ କାର୍ଯ୍ୟରତ ଭାରତର ତିନୋଟି କେନ୍ଦ୍ରୀୟ ବ୍ୟାଙ୍କ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ କାନାରା ବ୍ୟାଙ୍କ ଦୁଇଦେଶର ମୁଦ୍ରା ଦେଣନେଣଜନିତ ସମସ୍ୟାର ସମାଧାନ କରିବାର କ୍ଷମତା ରଖିଥିବା କଥା ଜୟଶଙ୍କର ତାଞ୍ଜାନିଆର ଶିଳ୍ପପତିମାନଙ୍କ ନିକଟରେ ପ୍ରକାଶ କରିଥିଲେ। କାରଣ ଆଗାମୀ ଦିନରେ ତାଞ୍ଜାନିଆ ଅନେକ ବସ୍ତୁ ଭାରତକୁ ରପ୍ତାନୀର ସୁବିଧା ପାଇବ। ଭାରତ ପରି ଏକ ସର୍ବବୃହତ ଜନବହୁଳ ବଜାରକୁ ତାଞ୍ଜାନିଆ ରପ୍ତାନୀର ସୁବିଧାକୁ ଠିକଣା ଭାବରେ ଉପଯୋଗ କରିପାରିଲେ ଅନେକ ଲାଭ ଉଠାଯାଇପାରିବ ବୋଲି ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ।

ତାଞ୍ଜାନିଆ ଏବେ ଏଲ୍ଏନ୍ଜି ରପ୍ତାନୀ ପାଇଁ ବଜାର ଖୋଜୁଥିଲା ବେଳେ ଭାରତ ସେଥିପାଇଁ ଉପଯୁକ୍ତ ହେବ ବୋଲି ବିଚାର କରୁଛି। ତାଞ୍ଜାନିଆରେ ଚାଲୁଥିବା ଭାରତର ପ୍ରକଳ୍ପଗୁଡିକର ସମୀକ୍ଷା ଏବଂ ବିକାଶମୁଖୀ କାର୍ଯ୍ୟର ନିରୀକ୍ଷଣ ପାଇଁ ଜୟଶଙ୍କର ତାଞ୍ଜାନିଆ ଗସ୍ତ କାଳରେ ଏହି ଦିଗରେ ପ୍ରୟାସ କରିଥିଲେ। ଦାର୍ଏସ୍ ସଲାମଠାରେ ଭାରତ ଦ୍ୱାରା ସ୍ଥାପିତ ପରମ ସୁପର କମ୍ପୁଟରର କାର୍ଯ୍ୟର ନିରୀକ୍ଷଣ ପାଇଁ ଜୟଶଙ୍କର ଏକ ଟେକ୍ନୋଲୋଜୀ ସେଣ୍ଟରକୁ ଗସ୍ତ କରିଥିଲେ। ଏହାଛଡା ତିନୋଟି ଶକ୍ତି ସଂସ୍ଥା ଇକ୍ୱିନର, ସେଲ ଏବଂ ଏକ୍ସକନ ଗତ ମଇ ମାସରେ ଏଲ୍ଏନ୍ଜି (ତରଳୀକୃତ ପ୍ରାକୃତିକ ବାଷ୍ପ) ରପ୍ତାନୀ ନିମିତ୍ତ ଦେଶର ପୂର୍ବ ଉପକୂଳରେ ଟର୍ମିନାଲ ନିର୍ମାଣ ପାଇଁ ତାଞ୍ଜାନିଆ ସରକାରଙ୍କ ସହ ବୁଝାମଣା କରିଥିଲେ। ଭାରତ ଏହି ଗ୍ୟାସର ବଡ ଗ୍ରାହକ ହୋଇଥିବାରୁ ତାଞ୍ଜାନିଆ ଆଗାମୀ ଦିନରେ ଭାରତକୁ ନିଜ ଗ୍ୟାସ ରପ୍ତାନୀର ଲକ୍ଷ୍ୟ ରଖିଛି। ଏକଥା ସତ ଯେ ତାଞ୍ଜାନିଆର ଉପକୂଳରେ ଗ୍ୟାସ ଭଣ୍ଡାରକୁ ଖୋଜି ବାହାର କରିବାରେ ଭାରତ ଗତ ୫୦ବର୍ଷ ହେଲା ସାହାଯ୍ୟ କରିଆସିଛି। ଏହି ଗ୍ୟାସର ବିକ୍ରିଜନିତ ଲାଭରୁ ତାଞ୍ଜାନିଆ ଆଗାମୀ ଦିନରେ ଦେଶର ୭୦ଭାଗ ଅନ୍ଧକାର ଅଞ୍ଚଳରେ ବିଦ୍ୟୁତର ପ୍ରସାର କରିବାକୁ ଲକ୍ଷ୍ୟ ରଖିଛି। କାରଣ ଏଲ୍ଏନ୍ଜିର ବଡ ରପ୍ତାନୀକାରୀ ରାଷ୍ଟ୍ର ଅଷ୍ଟ୍ରେଲିଆ, ଆମେରିକା ଅନ୍ୟତମ ଏଲ୍ଏନ୍ଜି ରପ୍ତାନୀ କରୁଥିବା ରାଷ୍ଟ୍ର କାତାରକୁ ଅଟକାଇବା ପାଇଁ ସେମାନଙ୍କ ଯୋଗାଣକୁ ନିୟନ୍ତ୍ରଣ କରିବାରେ ଲାଗିଛନ୍ତି। ରୁଷିଆ ପରେ ଇରାନରେ ସର୍ବାଧିକ ଏଲ୍ଏନ୍ଜି ଭଣ୍ଡାର ରହିଥିଲେ ମଧ୍ୟ ଆର୍ଥିକ କଟକଣା ଯୋଗୁ ବିତରଣରେ ସଙ୍କଟ ସୃଷ୍ଟି ହୋଇଛି।

ସଂପ୍ରତି ଗ୍ୟାସର ବ୍ୟବହାର ଏବଂ ପୃଥିବୀରେ ଯୋଗାଣର ଅଭାବହେତୁ ଏହାର ଆବଶ୍ୟକତା ବୃଦ୍ଧି ପାଉଥିଲା ବେଳେ ତାଞ୍ଜାନିଆ ନିଜର ଶକ୍ତି ଉତ୍ସକୁ ବ୍ୟବହାର କରି ସମୃଦ୍ଧିର ସ୍ୱପ୍ନ ଦେଖୁଛି। ଯୁଦ୍ଧକାଳରେ ଭାରତ ଯେପରି ରୁଷିଆଠାରୁ ତୈଳ ଏବଂ ଗ୍ୟାସ କ୍ରୟ କରି ରୁଷିଆର ଅର୍ଥନୀତିକୁ ସାହାଯ୍ୟ କରିଆସିଛି ଠିକ୍ ସେମିତି ଭାରତ ପରି ଏକ ବଡ କ୍ରେତା ପାଇଲେ ତାଞ୍ଜାନିଆର ବାଣିଜ୍ୟିକ ଲାଭ ଅଧିକ ହେବ ବୋଲି ସେଠାକାର ସରକାର ମନେ କରୁଛନ୍ତି। ଭାରତ ପୂର୍ବରୁ ତାଞ୍ଜାନିଆ ପାଇଁ ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର ରହିଛି। ୨୦୨୨ରେ ତାଞ୍ଜାନିଆରେ ଆୟୋଜିତ ୮ଟି ବଡ ପ୍ରଦର୍ଶନୀରେ ଭାରତରୁ ପ୍ରାୟ ୭୦୦ରୁ ଅଧିକ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ। ଜୁଲାଇ ମାସର ଆଲୋଚନାରେ ସେମିତି ୪୦ଜଣିଆ ବ୍ୟାବସାୟିକ ପ୍ରତିନିଧିମଣ୍ଡଳୀ ତାଞ୍ଜାନିଆ ଗସ୍ତ କରିବା ବେଶ୍ ଉଲ୍ଲେଖନୀୟ। ଆଗାମୀ ଦିନରେ ଭାରତର ଏକ ଶିଳ୍ପ ପାର୍କ ତାଞ୍ଜାନିଆରେ ନିର୍ମାଣ ହେବାର ସମ୍ଭାବନା ଦେଖୁଥିବା ବିଷୟ ଶ୍ରୀ ଜୟଶଙ୍କର ପ୍ରକାଶ କରିଥିଲେ। ଭାରତର ଜଳପ୍ରକଳ୍ପ ୨୮ଟି ସହରକୁ ପାନୀୟ ଜଳ ଯୋଗାଇବ ତାଞ୍ଜାନିଆକୁ ରେଳବାଇ, ପ୍ରତିରକ୍ଷା, ଔଷଧ, ଡ୍ରୋନ ପରି ଅନେକ କ୍ଷେତ୍ରରେ ଭାରତ ସହଯୋଗ କରିପାରିବାର କ୍ଷମତା ରଖୁଥିବା ଶ୍ରୀ ଜୟଶଙ୍କର ବାଣିଜ୍ୟିକ ପ୍ରତିନିଧିମାନଙ୍କୁ କହିଥିଲେ। ଗସ୍ତକାଳରେ ସେ ତାଞ୍ଜାନିଆର ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ୧୦ମ ଭାରତ -ତାଞ୍ଜାନିଆ ମିଳିତ କମିଶନ ବୈଠକରେ ଯୋଗଦାନ କରିଥିଲେ। ୮ ଜୁଲାଇରେ ଅନୁଷ୍ଠିତ ବୈଠକରେ ଅର୍ଥମନ୍ତ୍ରୀ ଡକ୍ଟର ଷ୍ଟରଗୋମେନା ଟେକ୍ସଙ୍କୁ ଜୟଶଙ୍କର ଧନ୍ୟବାଦ ଦେବା ସହ ଆଗାମୀ ଦିନରେ ଦୁଇ ଦେଶ ମଧ୍ୟରେ ସହଯୋଗ ବ୍ୟାପକ ହେବ ବୋଲି ଆଶା ପ୍ରକାଶ କରିଥିଲେ। ଆଫ୍ରିକା ସହ ମୁକ୍ତ ବାଣିଜ୍ୟ ବୁଝାମଣା ହେବାପରେ ବାଣିଜ୍ୟ ଓ ନିବେଶ ପାଇଁ ଅଧିକ ବାଟ ଫିଟିବ ବୋଲି ସେ କହିଥିଲେ।

୧୯୬୬ରେ ପ୍ରଥମ କରି ଭାରତ-ତାଞ୍ଜାନିଆ ମଧ୍ୟରେ ବନ୍ଧୁତା, ବୈଷୟିକ, ଆର୍ଥିକ ଓ ବିଜ୍ଞାନ କ୍ଷେତ୍ରରେ ସହଯୋଗ ପାଇଁ ବୁଝାମଣା ହୋଇଥିଲା। ୧୯୭୨ରୁ ଆଇଟିଇସିର ପ୍ରଶିକ୍ଷଣ ସୁବିଧା ତାଞ୍ଜାନିଆକୁ ପ୍ରଦାନ କରାଯାଇ ଆସୁଛି। ପୂର୍ବତନ ତାଞ୍ଜାନିଆ ରାଷ୍ଟ୍ରପତି ଜୁଲିଅସ୍ ନାଇରେରେଙ୍କୁ ୧୯୭୪ରେ ଜବାହରଲାଲ ନେହେରୁ ପୁରସ୍କାର, ଗାନ୍ଧି ଶାନ୍ତି ପୁରସ୍କାର (୧୯୯୫) ପ୍ରଦାନ କରାଯାଇଥିଲା। ୧୯ ନଭେମ୍ବର ୧୯୬୧ରେ ଦାର ଏସ୍ ସଲାମଠାରେ ଭାରତର ହାଇକମିଶନ ଏବଂ ୨୩ ଅକ୍ଟୋବର ୧୯୭୪ରେ ଜାଞ୍ଜିବରଠାରେ କନ୍ସୁଲେଟ ଜେନେରାଲ କାର୍ଯ୍ୟାଳୟ ଭାରତ ପକ୍ଷରୁ ଖୋଲାଯାଇଥିଲା। ଶ୍ରୀ ଜୟଶଙ୍କରଙ୍କ ଏହି ଗସ୍ତ ପରେ ଭାରତର ଶିକ୍ଷାନୁଷ୍ଠାନ ଆଗାମୀ ଦିନରେ ବିଶ୍ୱସ୍ତରୀୟ କ୍ୟାମ୍ପସ ଖୋଲିବା ପାଇଁ ରାସ୍ତା ଫିଟିଛି। ଏଥିରେ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବା ସହ ଭାରତର ଶିକ୍ଷାନୁଷ୍ଠାନଗୁଡିକ ଲାଗି ବିଶ୍ୱରୁ ଅର୍ଥସଂଗ୍ରହ କରି ଆତ୍ମନିର୍ଭର ହେବା ସହଜ ହେବ।

*ଭାରତୀୟ ସମ୍ବାଦ ସେବା (ଭାସ)*
*ଭୁବନେଶ୍ୱର*

# ଯାଦୃଶୀ ଭାବନା ଯସ୍ୟ



ଲଳିତ ମୋହନ ମିଶ୍ର

ମନୁଷ୍ୟ ଯେପରି ଚିନ୍ତା କରେ, ତାକୁ ସେପରି ଫଳ ପ୍ରାପ୍ତ ହୋଇଥାଏ। ଏଥିପାଇଁ ବ୍ୟକ୍ତିକୁ ସଦାସର୍ବଦା ଭଲ କଥା ଚିନ୍ତା କରିବା ଉଚିତ୍। କୁହାଯାଏ କାହା ଉପରେ ଆଖି ବନ୍ଦ କରି ଭରଷା କରାଯିବା ଉଚିତ୍ ନୁହେଁ କି, କାହାକୁ ସମାଲୋଚନା କରିବା ଉଚିତ୍ ନୁହେଁ। ଗୋଟିଏ ଗାଁରେ ଶିବ ମନ୍ଦିର ଟିଏ ଥାଏ। ସେଠାରେ ଜଣେ ସନ୍ନ୍ୟାସୀ ରହୁଥିଲେ। ମନ୍ଦିର ସମ୍ମୁଖରେ ଏକ ବେଶ୍ୟାର ଘର। ଲୋକମାନେ ଦିନରାତି ବେଶ୍ୟାର ଘରକୁ ଆସୁଥିଲେ। ଏହା ଦେଖି ସନ୍ନ୍ୟାସୀଙ୍କ ହୃଦୟ ବିଗଳିତ ହୋଇ ଯାଉଥିଲା। ଏସବୁ ଦେଖି ଦିନେ ସେ ନିଜକୁ ରୋକି ପାରିଲେ ନାହିଁ। ବେଶ୍ୟାକୁ ଡାକିଲେ - ଲୋକ ମାନଙ୍କର ଏତେ ସଂଖ୍ୟାରେ ଯିବା ଆସିବାକୁ ତାଗିଦ କରି କହିଲେ- 'ତୁମକୁ ଟିକେ ଲଜ୍ଜା ଲାଗୁ ନାହିଁ। ପାପିନୀ! ତୁମେ ଏତେ ବାଦ୍ ଦିନରାତି ପାପ କରି ଚାଲିଛ? ତୁମେ ମରିବା ପରେ ତୁମର ଗତି କ'ଣ ହେବ? ବେଶ୍ୟା ସନ୍ନ୍ୟାସୀଙ୍କ କଥା ଶୁଣି ବହୁତ ଦୁଃଖିତ ହେଲା। ସେ ହୃଦୟର ସହିତ ବହୁତ ଅନୁତାପ କଲା। ଏବଂ ଭଗବାନ ଶିବଙ୍କ ନିକଟରେ ପ୍ରାର୍ଥନା କଲା। ନିଜର ପାପପୂର୍ଣ୍ଣ କାର୍ଯ୍ୟ ପାଇଁ କହିଲା - ହେ ପ୍ରଭୁ! ମୋତେ କ୍ଷମା କରି ଦିଅନ୍ତୁ। ନିଜର ପେଟ ଚାଖଣ୍ଡକ ପାଇଁ ଏମିତି ପାପ କର୍ମ କରୁଛି। ମୁଁ ଅସହାୟ, ପେଟ ପାଇଁ ବାଧ୍ୟ ହୋଇ ଏହି ବୃତ୍ତି ଆଦରି ଅଛି। ସନ୍ନ୍ୟାସୀଙ୍କ କଥା ଦିନରାତି ଭାବି, ଅନୁତାପ କରି ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କଲା। କିନ୍ତୁ ବୃତ୍ତିକୁ ଛାଡି ପାରିଲା ନାହିଁ। ଏପଟେ ସନ୍ନ୍ୟାସୀ ବେଶ୍ୟା ଘରକୁ କେତେ ଲୋକ ଆସନ୍ତି ଗଣନା କଲେ। ଛୋଟ ଗୋଡି ସାହାଯ୍ୟରେ ଗଣିବା ଆରମ୍ଭ କଲେ। ଯେତେବେଳେ କେହି ଜଣେ ଆସିଲେ, ସେ ଏକ ଗୋଡି ଉଠାଇ ରଖିଲେ। ଏହିପରି ଭାବରେ ଏକ ବିରାଟ ଗୋଡି ଗଦା ହୋଇଗଲା। ଦିନେ ସନ୍ନ୍ୟାସୀ ପୁନର୍ବାର କ୍ରୋଧିତ ହୋଇ ବେଶ୍ୟାକୁ ଡାକି କହିଲେ - "ପାପୀ? ତୁମ ପାପର ଗଦା ଦେଖ? ଯମରାଜଙ୍କ ପାଖରେ ତୁମର ଗତି କ'ଣ ହେବ? ଏବେ ତ ହେଲେ ପାପ ଛାଡିଦିଅ? ପଥର ଗଦା ଦେଖି ବେଶ୍ୟା ଭୟଭୀତ ହୋଇଗଲା। ଏବଂ ଭଗବାନ ଶିବଙ୍କୁ କ୍ଷମା ମାଗି କାନ୍ଦିବାକୁ ଲାଗିଲା। ସେ ନିଜର ପରିତ୍ରାଣ ପାଇଁ ସେହି ପାପପୂର୍ଣ୍ଣ କାର୍ଯ୍ୟ ତ୍ୟାଗ କଲା। ସେ ଅନ୍ୟ କୌଣସି କାର୍ଯ୍ୟ ଜାଣି ନ ଥିଲା, ତେଣୁ ଅନ୍ୟ କୌଣସି ରୋଜଗାର କରିପାରିଲା ନାହିଁ। କିଛି ଦିନ ଖାଦ୍ୟ ଅଭାବରୁ ସେ ଭୋକିଲା ରହିଲା। ଖାଦ୍ୟ ଅଭାବରେ ଯନ୍ତ୍ରଣା ଭୋଗ କରି ଶେଷରେ ମୃତ୍ୟୁ ବରଣ କଲା। ଅନ୍ୟପଟେ ସେହି ସନ୍ନ୍ୟାସୀ ବୟସାଧିକ୍ୟରେ ମୃତ୍ୟୁବରଣ କଲେ। ଯମ ଦୂତମାନେ ଆସି ସନ୍ନ୍ୟାସୀଙ୍କୁ ନେଇଗଲେ। ବିଷ୍ଣୁଙ୍କ ଦୂତମାନେ ଆସି ବେଶ୍ୟାକୁ ନେଲେ। ସନ୍ନ୍ୟାସୀ ବିରକ୍ତ ହୋଇ କହିଲେ, "ତୁମେ କିପରି ଭୁଲିଯାଉ ଅଛ? ଆପଣ ଜାଣନ୍ତି ନାହିଁ କି ବିଷ୍ଣୁଙ୍କ ଦୂତମାନେ ମୋତେ ନେବାକୁ ଆସିଛନ୍ତି। ଯମ ଦୂତ ମାନେ ସେହି ପାପିନୀକୁ ନେବାକୁ ଆସିଛନ୍ତି। ମୁଁ ସାରା ଜୀବନ ଭଜନ କୀର୍ତ୍ତନ କରିଛି, ଭଗବାନଙ୍କ ଶରଣାଗତ ହୋଇଛି କିନ୍ତୁ ସେ ପାପିନୀ ଜୀବନ ସାରା ପାପ କର୍ମ କରିଛି। ଯମ ଦୂତମାନେ କହିଲେ - ଆମେ ଭୁଲି ନାହୁଁ, ଏହା ସତ୍ୟ ଯେ - ବେଶ୍ୟା ପାପୀ ନୁହେଁ, ତୁମେ ପାପୀ। କାରଣ ସେ ପାପରୁ ପ୍ରାୟଶ୍ଚିତ କରିବା ପାଇଁ ଅନୁତାପ କରିଛନ୍ତି, ହୃଦୟରୁ ଭଗବାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି ଏବଂ ତାଙ୍କର ପାପକୁ ସେ ଧୋଇଛନ୍ତି। ବର୍ତ୍ତମାନ ସେ ମୁକ୍ତିର ଅଧିକାରୀ। ତୁମେ ତୁମର ସମଗ୍ର ଜୀବନକୁ ଅନ୍ୟ ମାନଙ୍କର ପାପ ଗଣନା କରିବାରେ ବିତାଇଛନ୍ତି। ଜପ ତପ କରିବା ପରିବର୍ତ୍ତେ ଅନ୍ୟର ପାପ ଅର୍ଜନ କରିଛନ୍ତି। ଈଶ୍ୱରଙ୍କ ସ୍ଥାନରେ ମନୁଷ୍ୟର ଭାବନା ଅନୁଯାୟୀ ନ୍ୟାୟ କରାଯାଇଥାଏ। ବାହ୍ୟ ଦୃଶ୍ୟ କିମ୍ବା ଅନ୍ୟମାନଙ୍କୁ ପ୍ରଚାର ଦ୍ୱାରା ନୁହେଁ। ପରନିନ୍ଦା, ପରଚର୍ଚ୍ଚା ଅନ୍ୟର ପାପକୁ ଗଣନା କରିବା ଅର୍ଥ ନିଜ ମନକୁ ଅପରିଷ୍କାର କରିବା... ଜଣେ ବିଜେତା ହେବା ପୂର୍ବରୁ ନିଜକୁ ଏକ ବିଜେତା ଭଳି ଅନୁଭବ କରାଇବା ଉଚିତ୍। ଅନ୍ୟର ଦୁର୍ଗୁଣକୁ ତର୍ଜମା ନ କରି,ନିଜ ଭିତରେ ଥିବା ଦୁର୍ଗୁଣକୁ ଦୂର କରି ପାରୁଥିବା ବ୍ୟକ୍ତି ହିଁ ଚରିତ୍ରବାନ୍ ହୋଇପାରେ। ନିଜ ଜୀବନର ଲକ୍ଷ୍ୟ ପଥରେ ଆଗେଇବାକୁ ହେଲେ କଷ୍ଟ ସହିଷ୍ଣୁ ଓ ଦୃଢ଼ ପ୍ରତିଜ୍ଞ ହେବା ନିହାତି ଆବଶ୍ୟକ। ତେଣୁ ଆମର ଭାବନା ସଦା ସ୍ୱଚ୍ଛ ଏବଂ ନିର୍ମଳ ହେବା ଆବଶ୍ୟକ।

*କୁରାଳ, ନୟାଗଡ଼*
*ଦୂରଭାଷ : ୯୪୩୭୯୮୫୮୬୬*

# ଏକକ ନାଗରିକ ସଂହିତା ପାଇଁ ସହମତି କାହିଁକି ଲୋଡ଼ା



ସଞ୍ଜୀବ କୁମାର ଦାସ

ସମ୍ପ୍ରତି ଭାରତୀୟ ରାଜନୀତିରେ ଯେଉଁ ବିଷୟଟି ଖୁବ ଚର୍ଚ୍ଚାରେ। ସେଇଟି ହେଉଛି 'ୟୁସିସି' ବା 'ସମାନ' ଅଥବା 'ଏକକ ନାଗରିକ ସଂହିତା'। ମାନ୍ୟବର ନ୍ୟାୟ ଆୟୋଗ ୨୦୨୩ ମସିହା ଜୁନ ୧୪ ତାରିଖରେ ସାଧାରଣ ଜନତା ଏବଂ ସ୍ୱୀକୃତିପ୍ରାପ୍ତ ଧାର୍ମିକ ଅନୁଷ୍ଠାନଙ୍କ ପାଖରୁ ଏହି ସମ୍ବନ୍ଧରେ ମତାମତ ଲୋଡିଛନ୍ତି ଏବଂ ଏଥିନିମନ୍ତେ ଏକ ମାସ ପର୍ଯ୍ୟନ୍ତ ସମୟ ସୀମା ରହିଛି। କମିଶନଙ୍କ ଦ୍ୱାରା ଜାରି ସାର୍ବଜନୀନ ନୋଟିସ ଏବେ ସବୁ ସ୍ତରରେ ଆଲୋଚିତ ପର୍ଯ୍ୟାଲୋଚିତ ହେବାରେ ଲାଗିଛି। ଉଦ୍ଦେଶ୍ୟ ରହିଛି ସହମତି ପ୍ରଦାନ ଉପରେ ନାଗରିକଙ୍କ ସୁଚିନ୍ତିତ ବିଚାରଧାରା। ତେବେ ଏକ ସମ୍ବେଦନଶୀଳ ବିଷୟ ଉପରେ କିଛି ଆଲୋଚନା କରିବାକୁ ଏହି ପ୍ରବନ୍ଧର ଅବତାରଣା। ଅନେକ ଦିନ ଧରି ବିବାଦ ଘେରରେ ରହିଥିବା ଏହି ପ୍ରସଙ୍ଗଟିକୁ କେନ୍ଦ୍ରରେ ଅବସ୍ଥାପିତ ଏନ୍‌ଡିଏ ସରକାର ବହୁପୂର୍ବରୁ ତାଙ୍କ ନିର୍ବାଚନ ଇସ୍ତାହାରରେ ପ୍ରାଧାନ୍ୟ ଦେଇଆସୁଛନ୍ତି। ଅବଶ୍ୟ ପାଞ୍ଚ ବର୍ଷ ପୂର୍ବେ ନ୍ୟାୟ କମିଶନ 'କନ୍‌ସଲଟେସନ ପେପର' ବା 'ପରାମର୍ଶ ପତ୍ର' ଜରିଆରେ ପ୍ରକାଶ କରିଥିଲେ ଯେ ଏହି ସମୟରେ ଏକକ ସଂହିତାର ନା ପ୍ରୟୋଜନ ଅଛି ନା ଏହା ବାଞ୍ଛନୀୟ। କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ମାନ୍ୟବର ଜଷ୍ଟିସ ଋତୁରାଜ ଅବସ୍ଥିଙ୍କ ଅଧ୍ୟକ୍ଷତାରେ ଗଠିତ ଦ୍ୱାବିଂଶତମ କମିଶନ ଗତ ଜୁନ ୧୪ ତାରିଖରେ ପୁନର୍ବାର ଏ ସଂପର୍କରେ ଜାତୀୟ ସ୍ତରରେ ବିଷୟଟିକୁ ଆଲୋଚନା କରାଯିବାକୁ ମତ ରଖିଛନ୍ତି କାରଣ ଏବେ ପ୍ରସ୍ତାବିତ ସଂହିତାର ପ୍ରାସଙ୍ଗିକତା ତଥା ମହତ୍ତ୍ୱକୁ ସମସ୍ତେ ଉପଲବ୍ଧି କଲେଣି। ଅପରପକ୍ଷେ ଏହି ସନ୍ଦର୍ଭ ସହିତ ଜଡିତ ଅନେକ ମାମଲାରେ ଭିନ୍ନ ଭିନ୍ନ ନ୍ୟାୟାଳୟର ନିର୍ଣ୍ଣୟ ମଧ୍ୟ ଏହା ମଧ୍ୟରେ ଆସିସାରିଛି। ଆଗାମୀ ମୌସୁମୀ ଅଧିବେଶନରେ ଏ ସମ୍ବନ୍ଧରେ ସରକାର ସଂସଦରେ ବିଧେୟକ ଉପସ୍ଥାପନା କରିବାର ସୂଚନା ମିଳିଲାଣି। ତେବେ ଆମକୁ ବୁଝିବାକୁ ହେବ ଏକକ ନାଗରିକ ସଂହିତା କଣ ଏବଂ ଏହାର ଆବଶ୍ୟକତା ରହିଛି କି। ଏକକ ନାଗରିକ ସଂହିତା ବାସ୍ତବରେ ଏପରି ଏକ ନିୟମାବଳି ଯାହା ଦେଶର ସମସ୍ତ ନାଗରିକଙ୍କୁ ଧର୍ମ ନିର୍ବିଶେଷରେ ବିବାହ, ଛାଡପତ୍ର, ପୋଷ୍ୟସନ୍ତାନ, ଉତ୍ତରାଧିକାର, ଅଭିଭାବକତ୍ୱ ଆଦି ବ୍ୟକ୍ତିଗତ ବିଷୟ ସମ୍ବନ୍ଧିତ ମାମଲା ଉପରେ ସମାନ ଧରଣର ନ୍ୟାୟ ପ୍ରଦାନ କରେ। ଏବେ ଆମ ଦେଶରେ ବିଭିନ୍ନ ଧର୍ମର ଭିନ୍ନ ଭିନ୍ନ ନିୟମ କାନୁନ ପ୍ରଚଳିତ ଯାହାକୁ ନେଇ ସେହି ଧର୍ମାଲମ୍ବୀ ବ୍ୟକ୍ତିବିଶେଷ ଉପରୋକ୍ତ ବିଷୟ ଉପରେ ନ୍ୟାୟ ପାଇବାକୁ ଆଶା ଓ ଆସ୍ଥା ରଖିଥାନ୍ତି। ହିନ୍ଦୁ ଧର୍ମାବଲମ୍ବୀ ଭାରତୀୟ ନାଗରିକ ହିନ୍ଦୁ ବିବାହ ଆଇନ ୧୯୫୫, ହିନ୍ଦୁ ଉତ୍ତରାଧିକାର ଅଧିନିୟମ ୧୯୫୬, ହିନ୍ଦୁ ନାବାଳକ ଏବଂ ଅଭିଭାବକ ଅଧିନିୟମ ୧୯୫୬ ଏବଂ ହିନ୍ଦୁ ଗ୍ରହଣ ଏବଂ ରକ୍ଷଣାବେକ୍ଷଣ ଆଇନ ୧୯୫୬ ଆଦି ନିଅୟମାବଳୀ ଦ୍ୱାରା ପରିଚାଳିତ ହେଉଥିବାବେଳେ ଇସଲାମ ଧର୍ମାବଲମ୍ବୀ ଭାରତୀୟ ନାଗରିକ ୧୯୩୭ରେ ପାରିତ ମୁସଲିମ୍ ପର୍ସନାଲ ଆଇନ୍ ବା ସାରିୟାତ ଆବେଦନ ଅଧିନିୟମ ଦ୍ୱାରା ପରିଚାଳିତ ହୋଇଥାନ୍ତି। ଏହାକୁ ଶାରିୟା ଆଇନ ମଧ୍ୟ କୁହାଯାଏ। ଭାରତୀୟ ଖ୍ରୀଷ୍ଟିଆନ ମାନେ ଖ୍ରୀଷ୍ଟିଆନ ପର୍ସନାଲ ଲ' ଅନୁସରଣ କରିଥାନ୍ତି। ଠିକ ସେହିପରି ଅନ୍ୟ ଧର୍ମାଲମ୍ବୀ ସମ୍ପ୍ରଦାୟ ଯଥା ଶିଖ, ବୌଦ୍ଧ, ଜୈନ ଓ ପାର୍ସି ମାନେ ସେମାନଙ୍କ ନିଜସ୍ୱ ଧର୍ମୀୟ ନିୟମ ଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି। ମୋଟ ଉପରେ ସମଗ୍ର ଦେଶରେ ବସବାସ କରୁଥିବା ଭିନ୍ନ ଭିନ୍ନ ଧର୍ମାଲମ୍ବି ଭାରତୀୟ ମାନେ ଉପରୋକ୍ତ ବିଷୟ ଉପରେ ଧର୍ମ ଆଧାରିତ ଦେୱାନୀ ବିଧି ବ୍ୟବସ୍ଥାର ନିୟନ୍ତ୍ରଣରେ ହିଁ ପରିଚାଳିତ ହୋଇଥାନ୍ତି। ବର୍ଣ୍ଣିତ ବିଷୟ ସମ୍ପର୍କିତ ମାମଲାରେ ହିନ୍ଦୁ ସମ୍ପ୍ରଦାୟ ନ୍ୟାୟତଃ ଆଇନ ଓ ଅଧିନିୟମ ଦ୍ୱାରା ପରିଚାଳିତ ହୋଇ ଏହାକୁ ସମ୍ମାନ ଦେଇଥାନ୍ତି ଯଦ୍ୱାରା ସମ୍ପ୍ରଦାୟର ବ୍ୟକ୍ତିବିଶେଷ ଉପକୃତ ହୋଇଥାନ୍ତି ଯଦିଓ କିଛି କିଛି ମାମଲାରେ ଚୂଡ଼ାନ୍ତ ଫଇସଲା ନିମିତ୍ତ ଅଧିକ ସମୟ ଅପେକ୍ଷା କରିବାକୁ ପଡିଥାଏ। ମାତ୍ର ଅନ୍ୟ ସମ୍ପ୍ରଦାୟଙ୍କ ବ୍ୟକ୍ତିଗତ ଆଇନ ସମ୍ପ୍ରଦାୟର ଲୋକମାନଙ୍କୁ ଅନେକ ସମୟରେ ପ୍ରକୃତ ନ୍ୟାୟ ଦେବାକୁ ବଞ୍ଚିତ କରିଥାଏ କାରଣ ସେହି ବ୍ୟକ୍ତିଗତ ଆଇନରେ ଅନେକ ଜଟିଳତା ପରିଲକ୍ଷିତ ହୁଏ। ଉଦାହରଣ ସ୍ୱରୂପ, ମୁସଲମାନ ପୁରୁଷ ବ୍ୟକ୍ତିଟିଏ ଏକାଧିକ ଚାରିଥର ବିବାହ କରିପାରିବ ଯାହାକୁ polygamy ବା ବହୁବିବାହ ବ୍ୟବସ୍ଥା କୁହାଯାଏ ଓ ଦ୍ୱିତୀୟରେ, ସେ ବିନା ନ୍ୟାୟିକ ପ୍ରକ୍ରିୟାରେ ସ୍ତ୍ରୀ ଠାରୁ ଛାଡପତ୍ର ନେଇ ପାରିବ ଯାହା 'ତିନ ତଲାକ' ନାମରେ ପରିଚିତ। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ପରିପ୍ରେକ୍ଷୀରେ ଏହି ନିୟମକୁ ଅଗଷ୍ଟ ୧, ୨୦୧୯ରୁ ଅସିଦ୍ଧ ଘୋଷଣା କରାଯାଇ ମୁସଲିମ ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ଭାରତୀୟ ନ୍ୟାୟବ୍ୟବସ୍ଥାର ଏକ ଉଲ୍ଲେଖନୀୟ ଘଟଣା। ଉପରୋକ୍ତ ତିନି ତଲାକ ବିରୋଧରେ ଶୁଣାଣି ସମୟରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ମତ ପୋଷଣ କରିଥିଲେ ଯେ ମୁସଲମାନ ବହୁଳ ରାଷ୍ଟ୍ର ଯଥା ସାଉଦି ଆରବ, ମରକକୋ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିଥିବାବେଳେ ଆମ ଦେଶରେ ତାହାର ଆବଶ୍ୟକତା ନାହିଁ କାରଣ ଏହା ଅଣ ସାମ୍ବିଧାନିକ। ପୂର୍ବ ପ୍ରଚଳିତ ଧର୍ମ ଭିତ୍ତିକ ତଲାକ ବ୍ୟବସ୍ଥାରେ ପୁରୁଷ ଲୋକଟି ତିନିଥର କଥାରେ ବା ଲେଖାରେ ଅବା ଏସଏମଏସ ଏବଂ ଇ-ମେଲ ଦ୍ୱାରା ଛାଡପତ୍ର ଉପରେ ପ୍ରତିବନ୍ଧକ ଲାଗିବ। ପରେ ଏବେ ଜଣେ ମୁସଲମାନ ମହିଳା ବିବାହ ବିଚ୍ଛେଦ ପରେ ସ୍ୱାମୀଙ୍କଠାରୁ ପିଲାମାନଙ୍କ ଲାଳନପାଳନ ପାଇଁ ସହାୟତା ରାଶି ଦାବି କରିପାରିବ। ଏ ପ୍ରକାର କ୍ରାନ୍ତିକାରୀ ନ୍ୟାୟିକ ଘୋଷଣା ମୁସଲମାନ ମହିଳାମାନଙ୍କୁ ବିଶେଷ ଆସ୍ୱସ୍ତି ପ୍ରଦାନ କରିଛି। ତୃତୀୟରେ, ଛାଡପତ୍ରର ତିନିମାସ ପରେ ପୁରୁଷ ବ୍ୟକ୍ତିଟି ପୂର୍ବତନ ପତ୍ନୀକୁ ଭରଣପୋଷଣ ବା ଆର୍ଥିକ ସହାୟତା ଦେବାକୁ ବାଧ୍ୟ ନୁହେଁ। ଅପରନ୍ତୁ, ଅନ୍ୟ ଧର୍ମରେ ପୁରୁଷ ମାନେ ଭରଣ ପୋଷଣର ଦାୟିତ୍ୱ ବହନ କରିଥାନ୍ତି। ବସ୍ତୁତଃ, ଭାରତ ବର୍ଷରେ ବସବାସ କରୁଥିବା ସମସ୍ତ ନାଗରିକ ଧର୍ମ ଭିତ୍ତିରେ ଆପଣେଇଥିବା ଦେୱାନୀ ଆଇନ ମଧ୍ୟରେ ଅନେକ ଅସଙ୍ଗତି ଦେଖିବାକୁ ମିଳେ। ଏଇଠି ବିଚାର କରିବାର କଥା ଫୌଜଦାରୀ ମାମଲାରେ ସବୁ ଧର୍ମା ଲମ୍ବୀ ନାଗରିକଙ୍କ ପାଇଁ ଗୋଟିଏ ମାତ୍ର ଆଇନ ରହିଛି ଏବଂ ସମସ୍ତେ ତାହାକୁ ସମ୍ମାନ ଦେଉଛନ୍ତି। ଅସଙ୍ଗତି ଦୂର କରିବାକୁ କେନ୍ଦ୍ର ସରକାରଙ୍କ ସମାନ ସଂହିତା ପ୍ରଣୟନର ପ୍ରୟାସ ଅନେକ ସମସ୍ୟାର ସମାଧାନ କରିପାରିବ। ଆମ ଦେଶର ଗୋଆ ଏବଂ ପୁଡୁଚେରୀରେ ଏକକ ସଂହିତା ଅନୁସୃତ ହେବାବେଳେ ଉତ୍ତରାଖଣ୍ଡ ରାଜ୍ୟ ଏହି ସଂହିତା ଲାଗୁ କରିବାକୁ ଅଣ୍ଟା ଭିଡିଛି। ତେବେ ଅନେକ ପ୍ରଦେଶ ଏହାକୁ ସମର୍ଥନ କରୁଥିବାବେଳେ କିଛି ବିରୋଧୀ ଦଳ ତଥା ମୁସଲିମ ଓ ଖ୍ରୀଷ୍ଟିଆନ ସଂଗଠନ ଏହାକୁ ଘୋର ବିରୋଧ କରୁଛନ୍ତି। ସେମାନଙ୍କ ଯୁକ୍ତି ସମ୍ବିଧାନରେ ପ୍ରଦତ୍ତ ଧାର୍ମିକ ସମାନତା ଓ ଧର୍ମନିରପେକ୍ଷତା ଏହାଦ୍ୱାରା ବାଧାପ୍ରାପ୍ତ ହେବ। ମାତ୍ର ସାମ୍ବିଧାନିକ ବିଶେଷଜ୍ଞଙ୍କ ମତରେ ସେମିତି କିଛି ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ନାହିଁ। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ପରିପ୍ରେକ୍ଷୀରେ ସମାନ ବା ଏକକ ନାଗରିକ ସଂହିତାର ପ୍ରଣୟନ ଅପରିହାର୍ଯ୍ୟ ହୋଇଥିବାରୁ ମାନ୍ୟବର ବିଧି ଆୟୋଗ ଦ୍ୱାରା ଅପେକ୍ଷିତ ସହମତିକୁ ସବୁ ଦେଶବାସୀ ସ୍ୱାଗତ କରି ଜାତି, ଧର୍ମ, ବର୍ଣ୍ଣ ଓ ପେଶା ନିର୍ବିଶେଷରେ ସବୁଜ ସଂକେତ ଦେବା ବିଧେୟ।

*କଟକ - ୭୫୩୦୧୪*

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

## ଧାରାବାହିକ ଉପନ୍ୟାସ

# ଅଙ୍କ ଦୃଶ୍ୟ



 କ୍ଷୀରୋଦ ଦାସ



ଭାଗ-୦୩

'ଆଜ୍ଞା ନମସ୍କାର। ମୁଁ ଶୁଭକାନ୍ତ ସାମଲ।'

ଥାନା ଇନିସ୍‌ପେକ୍ଟରଙ୍କ ଆଗରେ ଠିଆହୋଇ ଶୁଭକାନ୍ତ ନିଜର ପରିଚୟ ଦେଲେ ଏବଂ ସତେ କି ତାଙ୍କ ତଣ୍ଟିରେ ମାଛ କଣ୍ଟାଟିଏ ଅଟକିଯାଇଛି, ସେହିପରି ପୀଡିତ ସ୍ୱରରେ ଯୋଗକଲେ- "ସଞ୍ଜୟ ସାମଲ ବାପା।"

ଅଫିସର୍ ଗୁରୁତ୍ୱପୂର୍ଣ୍ଣ କିଛି ଗୋଟାଏ ଲେଖିବାରେ ବ୍ୟସ୍ତ ଥିବା ସତ୍ତ୍ୱେ ମୁହଁ ଟେକି ଚାହିଁଲେ ସତୁରି ବାସ୍ତରି ବର୍ଷୀୟ ଗୋରା, ଡେଙ୍ଗା, ନହନହକା ଭଦ୍ରବ୍ୟକ୍ତିଙ୍କୁ ଏବଂ ପ୍ରତିନମସ୍କାର ଜଣାଇ ପାଖରେ ରଖାଯାଇଥିବା ଚେୟାର ଆଡକୁ ଇଙ୍ଗିତ କରି କହିଲେ- "ବସନ୍ତୁ ଆଜ୍ଞା।"

ବସିଲେ ନାହିଁ ଶୁଭକାନ୍ତ।

କେଇ ମୁହୂର୍ତ୍ତ ବାଦ ଇନିସ୍‌ପେକ୍ଟର ଲେଖା ବନ୍ଦ କରି ଶୁଭକାନ୍ତଙ୍କୁ ଚାହିଁ କହିଲେ- "ବସନ୍ତୁ ସାର୍। ଆପଣ ଠିଆ ହୋଇଛନ୍ତି ଯେ..."

ଶୁଭକାନ୍ତଙ୍କୁ ଅଫିସର ଜଣକ ଚିହ୍ନା ଚିହ୍ନା ଲାଗିଲେ। ସେ ଟିକେ ନିରିଖେଇ ଚାହିଁ ମନେପକାଇବାକୁ ଚେଷ୍ଟା କଲେ, କିନ୍ତୁ ବିଫଳ ହେଲେ। କହିଲେ- "ଅନେକ ଧନ୍ୟବାଦ ଆପଣଙ୍କୁ। ଏଠାରେ କିନ୍ତୁ ବସିବାର ଅଧିକାର କିମ୍ବା ଯୋଗ୍ୟତା ମୋର ନାହିଁ ଏବେ। ଜଣେ ଅପରାଧୀର ବାପା ହିସାବରେ ମୁଁ ଆସିଛି ଏଠିକି। ଆସିବାକୁ ଇଚ୍ଛା ହେଉ ନଥିଲା। କିନ୍ତୁ ଆପଣଙ୍କ ପାଖରୁ ଡାକରା ଯାଇଥିଲା...।"

: ହଁ ଯେ, ମୁଁ କିନ୍ତୁ କହୁଛି, ଆପଣ ଦୟାକରି ବସନ୍ତୁ। ସିନିୟର ସିଟିଜେନ୍‌ମାନଙ୍କୁ ସମ୍ମାନ ଜଣାଇବା ପୋଲିସ ବିଭାଗର ପ୍ରମୁଖ କର୍ତ୍ତବ୍ୟ। ତା'ଛଡା ଆପଣ ଜଣେ ସମ୍ମାନସ୍ପଦ, ସୁନାମଧନ୍ୟ ବ୍ୟକ୍ତିତ୍ୱ କେବଳ ଏ ସହର ନୁହେଁ, ସାରା ରାଜ୍ୟର। ପ୍ଲିଜ୍, ବସନ୍ତୁ।"

ଇନିସ୍‌ପେକ୍ଟରଙ୍କ ଅନୁରୋଧକୁ ସମ୍ମାନ ଜଣାଇ ବସିଲେ ଶୁଭକାନ୍ତ, ଅନିଚ୍ଛୁକ ମନରେ, କାକୁସ୍ଥ ମୁଦ୍ରାରେ।

ତାଙ୍କୁ ମୁହଁକୁ ଦେଖି ଲାଗୁଥିଲା କେହି ଯେପରି ବାଧ କରି ଜୋରଜବରଦସ୍ତ ତାଙ୍କୁ ଟାଣି ଟାଣି ନେଇ ଆସିଛି ଏପରି ଏକ ସ୍ଥାନକୁ, ଯେଉଁ ସ୍ଥାନ ସହିତ ଏ ଲମ୍ବା ପରମାୟୁ ଭିତରେ ତାଙ୍କ କୌଣସି ପରିଚୟ ନଥିଲା କି ନାହିଁ। ସେ ସମ୍ପୂର୍ଣ୍ଣ ଅନଭିଜ୍ଞ ଏପରି ଏକ ଅଦ୍ଭୁତ ଦୁନିଆ ବିଷୟରେ। ସେ କେବେ କଳ୍ପନା କରି ନଥିଲେ ଜୀବନର ମଙ୍ଗ ଦିନେ ଏପରି ମୋଡି ହୋଇଯିବ, ଯେଉଁଦିନ ତାଙ୍କପରି ସାଦାସିଧା ମଣିଷ ଜଣେ ଆସି ଠିଆହେବ ଥାନାରେ!

ଥାନା, କୋର୍ଟ, କଚେରି ପ୍ରତି ଆଜନ୍ମ ବିମୁଖ ତାଙ୍କ ପରି ମଣିଷର ଏଠି କି କାମ? -ଶୁଭକାନ୍ତ ନିରବରେ ନିଜକୁ ନିଜେ ପଚାରିଲେ, କିନ୍ତୁ ପାଇଲେ ନାହିଁ କିଛି ଉତ୍ତର ନିଜ ଭିତରୁ।

ତାଙ୍କର ଏଠି କାମ?

ସେ ଆଉ ଥରେ ନୁହେଁ, ବାରମ୍ବାର ପଚାରୁଥିଲେ ନିଜକୁ ଏବଂ ଅକୃତକାର୍ଯ୍ୟ ହେଉଥିଲେ ପ୍ରତିଥର।

ଗୋଟେ ଦ୍ୱନ୍ଦ୍ୱ, ଅଭୂତପୂର୍ବ ଏକ ସଂଘର୍ଷ ଚାଲିଥିଲା ତାଙ୍କ ଭିତରେ ଅହରହ। ସେଇଠି ବସି ବସି ସେ ତାଙ୍କ ଲମ୍ବା ପରମାୟୁକୁ ଗଭୀର ଭାବରେ ଅନୁଶୀଳନ କରୁଥିଲେ। କିନ୍ତୁ କିଛି କୂଳ କିନାରା ପାଉ ନଥିଲେ।

କେତେ ସୁନ୍ଦର ଥିଲା ଏ ଜୀବନ! କେତେ ସରଳ ଓ ସାବଲୀଳ! କେତେ ସମ୍ମାନଜନକ ଓ ଗୌରବମୟ! କେତେ ନିରାଡମ୍ବର ଅଥଚ ପ୍ରାଚୁର୍ଯ୍ୟମୟ! କେତେ ପରିପୂର୍ଣ୍ଣ ଆଉ ଶାନ୍ତି ସମାହିତ।

କେଉଁ ଛଟକରେ ଛିନ୍‌ଛତ୍ର ହୋଇଯାଏ ଜୀବନର ସବୁଜ ଉପବନ! କେଉଁ ଛଟକରେ ଛନଛନ ଉଦ୍ୟାନ ରୂପାନ୍ତରିତ ହୋଇଯାଏ ଧୂ ଧୂ ଟାଙ୍ଗରା ମରୁଭୂମିରେ! ମନ୍ଦ ମଧୁର ମଳୟ କେତେ ସହସା ପରିଣତ ହୋଇଯାଏ ଉତ୍ତପ୍ତ ଲୁ'ରେ! ଯାହା ଜାଳିପୋଡି ଛାରଖାର କରିପକାଏ ମଣିଷକୁ, ମଣିଷର ସ୍ୱପ୍ନକୁ, ନରମ ମନକୁ, କୋମଳ ହୃଦୟକୁ!

ଏଇ ସହରରେ ରହିବା ପଞ୍ଚାବନ ବର୍ଷ ହୋଇଗଲାଣି। ମହାକାଳର ଅନନ୍ତ ଗର୍ଭରେ କେତେ ଦିନ, କେତେ ମାସ, କେତେ ପୂର୍ଣ୍ଣମୀ, କେତେ ଅମାବାସ୍ୟା ଲୀନ ହୋଇଗଲାଣି। କେତେଥର ଆକାଶ କୋଳରେ ଖେଳିବଣି ପୂନେଇଁ ଜହ୍ନ!

ସେଇ ସମୟ ଓ ଏଇ ସମୟ ଭିତରେ କେତେ ପ୍ରଭେଦ?

ସେଇ ମଣିଷ ଓ ଆଜିର ମଣିଷ ଭିତରେ କେତେ ତଫାତ୍?

"ପାଣି ଗ୍ଲାସେ ମିଳିପାରିବ କି? ଭାରି ଶୋଷ।" - ବିନତି କରିବା କଣ୍ଠରେ କହିଲେ ଶୁଭକାନ୍ତ।

ସ୍ୱଚ୍ଛ ପାଣି ଗ୍ଲାସେ ଆଣି ପରଷି ଦେଲେ ଜଣେ ମହିଳା କନେଷ୍ଟବଳ। ପାଣି ପିଇସାରି ସାମାନ୍ୟ ଆଶ୍ୱସ୍ତି ଅନୁଭବ କଲେ ସେ। ପକେଟ୍‌ରୁ ରୁମାଲ



ବାହାର କରି ଘର୍ମାକ୍ତ ମୁହଁ ପୋଛିଲେ। ଚଷମା ସଫାକଲେ ଏବଂ ଆଖିରେ ଲଗାଇ ବସିରହିଲେ ଚୁପ୍‌ଚାପ୍।

କିଛି କହିବେ କି ଭଦ୍ରବ୍ୟକ୍ତି! -ମନେ ମନେ ଭାବୁଥିଲେ ଥାନା ଇନିସ୍‌ପେକ୍ଟର। ସେ ଅପେକ୍ଷା କରିଥିଲେ କିଛି ଶୁଣିବା ପାଇଁ ବୟସ୍କ ଭଦ୍ରଲୋକଙ୍କ ମୁହଁରୁ। ଆଦୌ ଅପରିଚିତ ନଥିଲେ ଆକର୍ଷଣୀୟ ଚେହେରାଧାରୀ ଏଇ ମଣିଷ ଜଣକ। କେବଳ ତାଙ୍କର ନୁହନ୍ତି, ସାରା ସହରରେ, ଏପରିକି ସମଗ୍ର ରାଜ୍ୟରେ ସେ ଜଣେ ଖୁବ୍ ଜଣାଶୁଣା ବ୍ୟକ୍ତି। ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗର ଭାରି ନାମକାରୀ ଡାକ୍ତର।

ଡାକ୍ତର ଶୁଭକାନ୍ତ ସାମଲ।

ଏଇ ନାମଟି ହିଁ ଯଥେଷ୍ଟ ରୋଗୀର ରୋଗକୁ ଆଖି ପିଛୁଳାକେ ଭଲ କରିଦେବା ପାଇଁ। ସହରର ଏକ ସଂଭ୍ରାନ୍ତ ଅଞ୍ଚଳରେ ଥିଲା ତାଙ୍କର ଘର ଓ କ୍ଲିନିକ୍।

ବସ୍‌ଷ୍ଟାଣ୍ଡଠାରୁ ମାତ୍ର ଗୋଟିଏ କିଲୋମିଟର ଦୂର ଏକ ଜନବହୁଳ ଛକ ଉପରେ ତାଙ୍କର ସୁଦୃଶ୍ୟ ଦୋତାଲା ଘର। ଯେଉଁଠି ସେ ରୁହନ୍ତି ଉପର ମହଲାରେ ଏବଂ ସମୁଦାୟ ତଳ ମହଲାଟିରେ ଚାଲେ ତାଙ୍କର 'ଆରୋଗ୍ୟମ୍' କ୍ଲିନିକ୍। ସବୁଦିନ, ସବୁ ସମୟରେ ତାଙ୍କ ଘର ଆଗରେ ଜନସମୁଦ୍ର।

କେବଳ ସେଇ ସହର କିମ୍ବା ଆଖପାଖର ଗ୍ରାମାଞ୍ଚଳରୁ ନୁହେଁ, ରାଜ୍ୟର କୋଣ ଅନୁକୋଣରୁ ରୋଗୀମାନେ ଆସନ୍ତି ତାଙ୍କ ପାଖକୁ ରୋଗର ଉପଚାର ଓ ଆରୋଗ୍ୟ ପାଇଁ। ସାମଲ ଡାକ୍ତରର ସୁନା ହାତ ବାଜିଗଲେ ଦିନ କେଇଟାରେ ରୋଗ କୁଆଡେ ଉଭାନ ହୋଇଯିବ, ତାହା ଯେତେ ଗୁରୁତର ରୋଗ ହୋଇଥାଉନା କାହିଁକି। ଗର୍ଭାବସ୍ଥାରେ ଯେତେ ସମସ୍ୟା ଥାଉନା କାହିଁକି, ସାମଲ ଡାକ୍ତର ଦେଖିଲା ମାନେ ସବୁ ଠିକ୍ ହୋଇଯିବ। ଗୁରୁତର ରୋଗ ଛୁ ମାରିବ। ନିରାପଦରେ ମା' ଜରାୟୁର ଅନ୍ଧକାରମୟ ସ୍ଥାନ ତ୍ୟାଗ କରି ନୂତନ ଆଗନ୍ତୁକ ନୂଆ ପୃଥିବୀକୁ ଓହ୍ଲାଇ ଆସିବ କୁଆଁ କୁଆଁର ସଙ୍ଗୀତ ବୋଲି ବୋଲି।

ସର୍ବସାଧାରଣରେ ଏହିପରି ଧାରଣାଟିଏ ବଳବତ୍ତର ଥାଏ ଡାକ୍ତର ଶୁଭକାନ୍ତ ସାମଲଙ୍କ ପ୍ରତି। ସମାଜରେ ଅନ୍ୟ ଡାକ୍ତରମାନଙ୍କର ଯେପରି ଅର୍ଥଲାଳସା ଥିଲା, ସେସବୁର ବହୁ ଉର୍ଦ୍ଧ୍ୱରେ ଥିଲେ ଡାକ୍ତର ଶୁଭକାନ୍ତ। ସରକାରୀ ଚାକିରିରୁ ଅବସର ନେଇସାରିବା ପରେ ସେ ନିଜେ ଖୋଲିଥିଲେ ଏଇ ନର୍ସିଂହୋମ୍ - 'ଆରୋଗ୍ୟମ୍'।

'ଆରୋଗ୍ୟମ୍'ର ଉଦ୍ଦେଶ୍ୟ ନ ଥିଲା ଧନ ରୋଜଗାର। ଥିଲା କେବଳ ରୋଗୀ ସେବା। ତା ବୋଲି ଯେ ଶୁଭକାନ୍ତ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ରୋଗୀସେବା କରୁଥିଲେ, ସେକଥା ନୁହେଁ। ଚିକିତ୍ସା ପାଇଁ ଯେତିକି ଖର୍ଚ୍ଚ ଦରକାର, ତାଠାରୁ ସାମାନ୍ୟ ଅଧିକ ଅର୍ଥ ସେ ଦାବି କରୁ ନଥିଲେ। ତାଙ୍କ ବ୍ୟବହାରରେ ଥିଲା ଏକ ଅପୂର୍ବ ଆତ୍ମୀୟତା। ରୋଗୀମାନଙ୍କ ସହିତ ସେ ଡାକ୍ତର ଭାବେ ନୁହନ୍ତି, ସତେ କି ଅନେକ ଦିନର ଜଣେ ଅତି ଅନ୍ତରଙ୍ଗ ଆତ୍ମୀୟ, ସେହିପରି ମଧୁର କଥାବାର୍ତ୍ତା କରୁଥିଲେ। ଯେଉଁ ରୋଗୀମାନେ ଆର୍ଥିକ ଅନଗ୍ରସର, ଗରିବ ଶ୍ରେଣୀର, ସେମାନଙ୍କ ପାଇଁ ସେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସାର ବ୍ୟବସ୍ଥା କରିଥିଲେ। ଚିକିତ୍ସା ବାଦ, ସେମାନଙ୍କୁ ସାମ୍ପୁଲ ଔଷଧ ବି ବିତରଣ କରୁଥିଲେ।

ରୋଗୀ ମୁହଁରେ ହସ ଦେଖିଲେ ସେ ପାଉଥିଲେ ଅପାର ଆତ୍ମସନ୍ତୋଷ, ଯାହା କେବେ ବି ମିଳେନା ଟଙ୍କା ପଇସା କି ସୁନା ରୁପାରୁ।

ତାଙ୍କର ଏ କାର୍ଯ୍ୟରେ କିନ୍ତୁ ସନ୍ତୁଷ୍ଟ ନଥିଲେ ପତ୍ନୀ ରାଜଲକ୍ଷ୍ମୀ।

: 'ଆରୋଗ୍ୟମ୍ ନର୍ସିଂହୋମ' ବଦଳରେ 'ଆରୋଗ୍ୟମ୍ ଦାତବ୍ୟ ଚିକିତ୍ସାଳୟ' ବୋଲି ସାଇନ୍‌ବୋର୍ଡଟେ କରି ଟାଙ୍ଗିଦିଅ ସାମ୍ନାରେ। ଗାନ୍ଧୀ ଗୋପବନ୍ଧୁ ଯେଉଁଦିନ ମରିଥିଲେ, ଠିକ୍ ସେହିଦିନ ବୋଧହୁଏ ତୁମେ ଜନ୍ମ ହୋଇଥିଲ!" -ତାଚ୍ଛଲ୍ୟ କରନ୍ତି ରାଜଲକ୍ଷ୍ମୀ।

ଏହା ବିଶେଷ ପ୍ରଭାବ ପକାଇ ପାରେନା ଶୁଭକାନ୍ତଙ୍କ ମନରେ। ନିଜ କର୍ମରେ ଥରେ ଜଣେ ସମର୍ପିତ ହୋଇଗଲା ପରେ କାହା ଟୀକ୍କା ଟିପ୍‌ପଣୀ, ଥଟ୍ଟା ତାମସାର କିଛି କାଟ୍‌ତି ନଥାଏ ତା ପାଖରେ। ସେ ପତ୍ନୀଙ୍କୁ ବୁଝାଇବାକୁ ଯାଇ କୁହନ୍ତି -

"ନାରାୟଣ ଆମକୁ ଯେତିକି ଦେଇଛନ୍ତି, ତାହା କଣ ଯଥେଷ୍ଟ ନୁହେଁ! ଅଭାବୀ ମଣିଷଟିଏ ଯଦି ଆମ ଦ୍ୱାରା କିଛି ଉପକୃତ ହୋଇପାରିଲା, ତେବେ କ୍ଷତି କ'ଣ?

(କ୍ରମଶଃ)

## ଚୋରି

ମାନସୀ ରାଗ ତମତମ ମୁହଁରେ ସିତୁର ହାତକୁ ଧରି ଅଭୟଙ୍କ ଆସିବା ବାଟକୁ ଜଗି ବସିଥିଲା। ଶାଶୁ, ଶ୍ୱଶୁର ଯେତେ ପଚାରିଲେ କିଛି କହୁନଥିଲା। ସିତୁ ସେପଟେ ବାରମ୍ବାର ଅନୁରୋଧ କରୁଥିଲା, ପ୍ଲିଜ୍ ମାମା ! ମୋତେ ଛାଡିଦିଅ। ମୁଁ କିଛି ଭୁଲ୍ କାମ କରିନି।

ଅଭୟ ଘରେ ପହଞ୍ଚୁ ପହଞ୍ଚୁ ମାନସୀ ତାଙ୍କ ପଟେ ପାଣି ଗ୍ଲାସଟା ବଢେଇ ଦେଇ ତାଙ୍କ ସାମ୍ନାରେ ମେଞ୍ଚାଏ କଲମ ଓ ପେନସିଲ୍ ଥୋଇଦେଲା। ଅଭୟ ପଚାରିବା ପୂର୍ବରୁ ହିଁ କହିଦେଲା, ଏସବୁ ସ୍କୁଲରୁ ସିତୁ ନେଇ ଆସିଛି। କହିଲେ କହୁଛି ସେ ଚୋରି କରିନି।

ଅଭୟ ମଧ ଏସବୁ ଦେଖି ଚିନ୍ତିତ ହେଲେ ଯେ ପିଲାଟିକୁ ସବୁ ଯୋଗାଇ ଦେବା ସତ୍ତ୍ୱେ ସେ କାହିଁକି ଚୋରି କଲା? ବାପାଙ୍କୁ କିଛି ନ କହି ସବୁତକ କଲମ, ପେନସିଲକୁ ସିତୁ ଠାକୁର ଘରେ ରଖିଦେଇ ମୁଣ୍ଡିଆ ମାଇଲା। ଅଭୟଙ୍କ କୋଳକୁ ଉଠିଯାଇ କହିଲା, ସବୁଦିନ ଜେଜେ ଅନ୍ୟର ବାଡିରୁ ଫୁଲ ନେଇ ଆସନ୍ତି ଓ ଜେଜେମା ତାକୁ ଠାକୁରଙ୍କୁ ଦିଏ। ମୁଁ ବି ସେୟା କଲି। ଏବେ ମୋତେ ଠାକୁର ଆଉ ପନିସମେଣ୍ଟ ଦେବେନି।

ସିତୁ ମୁହଁରୁ ଏତକ ଶୁଣି ସମସ୍ତେ ମୁହଁ ଦେଖାଦେଖି ହେଉଥିଲେ।

## ବନ୍ଧୁ

ଥରେ ଦୁଇଜଣ ଚାଲୁଚାଲୁ ରାସ୍ତାରେ ଧକ୍କା ହୋଇଗଲେ। ଦୁହେଁ ଖୁବ୍ ଦୁଃଖୀ ଜଣାପଡୁଥିଲେ। ଜଣଙ୍କର ଜନ୍ମରୁ କହୁଣୀ ତଳକୁ ହାତ ନଥିଲା, ଆଉଜଣେ ଜନ୍ମାନ୍ଧ। କିଛି ସମୟ ପାଖାପାଖି ବସିଲା ପରେ ଦୁହେଁ ନିଶ୍ଚୟ କଲେ ଯେ ସେମାନେ ସାରାଜୀବନ ଖୁସିରେ ରହିବେ। ଏଥିପାଇଁ ବାଟ ମଧ ଖୋଜିନେଲେ। ଅନ୍ଧ ବ୍ୟକ୍ତି ଜଣକ ଯାହା ନିଜ ହାତରେ ଛୁଇଁଦେଉଥିଲା ତା' ବିଷୟରେ ଅନ୍ୟଜଣକ ତାକୁ ବଖାଣି ଦେଉଥିଲା। ନିଜ ହାତରେ ଯାହା ସେ କରିପାରୁନଥିଲା, ଅନ୍ଧ ଜଣକ ତା' ପାଇଁ ନିଜ ହାତରେ କରିଦେଉଥିଲା। ଅନ୍ଧ ବନ୍ଧୁର କାନ୍ଧରେ ନିଜ କହୁଣୀ ପର୍ଯ୍ୟନ୍ତ ହାତକୁ ରଖି ତାକୁ ରାସ୍ତା ବତେଇ ଦେଉଥିଲା ଆର ବନ୍ଧୁଟି। ଦୁହେଁ ନିଜ ବନ୍ଧୁତା ବଳରେ ନିଜ ନିଜର ଅପାରଗତାକୁ ଲୁଚାଇ ସାରାଜୀବନ ଖୁସିରେ ରହିଲେ।

## ପେଟ

ରତନ ଯେତେ କହିଲେ ବି ସୁକୁନି ବୁଝୁନଥିଲା। ପେଟ ଭିତରେ ପିଲାଟିକୁ ମାରିଦେଲେ ଅନ୍ତତଃ ଗୋଟିଏ ବୋଝ କମିଯିବ। ଆଗରୁ ତ ତିନି ତିନିଟା ବୋଝ ନିଜ ଅନିଚ୍ଛା ସତ୍ତ୍ୱେ ବୋହିବାକୁ ପଡୁଛି। ସୁକୁନି କିନ୍ତୁ କହୁଥିଲା, ଯେଉଁଠି ତିନୋଟି ପିଲା ଖାଉଛନ୍ତି ସେଇଠି ଆଉ ଜଣେ ଖାଇବ ; ମାତ୍ର ସେ ନିଜ ପେଟର ପିଲାକୁ ମାରିବାକୁ ଦେବନି। ଅଭାବ ଅନଟନ ଭିତରେ ନବା ବଦଳିଗଲା। ସୁକୁନିର ପ୍ରସବ ଯନ୍ତ୍ରଣା କଥା ଶୁଣି କାମରୁ ଘରପଟେ ଧାଇଁ ଆସିଲା ବେଳେ ରତନ ପଚାରିଲା,ସଦ୍ୟଜାତ ପିଲାଟି କାଇଁ? ସୁକୁନି ଉତ୍ତର ଦେଲା, ଏଇଠି ତିନି ପିଲାଙ୍କ ପେଟ ଆଉ ସେଇଠି ସେଇ ଜନ୍ମିତ ପିଲାଟିର ପେଟ ସବୁଦିନ ପୂରି ରହୁ ବୋଲି ତାକୁ ସେ ବିକ୍ରି କରିଦେଇଛି।

## କଳଙ୍କ

ଆଜି ସହରରେ ଧର୍ମଘଟ। ତେଣୁ କାମ ବନ୍ଦ। ଶୁଣାଯାଉଛି, କେଉଁ ଗୋଟିଏ ଝିଅ ସହ ଖରାପ କାମ ହେଲା ବୋଲି ତା'ର ଶବକୁ ରାସ୍ତାରେ ଶୁଆଇ ଧାରଣା ଦେଇଛନ୍ତି ଲୋକମାନେ। ଦାବୀ ମୁତାବକ ଟଙ୍କା ମିଳିଲେ ଧର୍ମଘଟରୁ ଓହରିବେ ନଚେତ୍ ଏମିତି ରାସ୍ତାରୋକ୍ ଜାରି ରହିବ। ଧର୍ମଘଟ ନ ଫିଟିଲେ ସୁମିତ୍ରା ଆଉ ରୀନା କାମ ପାଇବେନି। ଭୋକରେ ଶୋଇବାକୁ ବାଧ ହେବେ। ନଳକୂଅରୁ ନିଜ ଦଦରା ଶାଢୀ, ତାଳିପକା ଚଦର ଓ ରୀନାର ସାତସିଆଁ ଫ୍ରକକୁ ଧୋଇ ଆଣି ଛାଣିରେ ଶୁଖାଉଥିଲା ସୁମିତ୍ରା। ରୀନାକୁ ଶୁଣେଇ ଶୁଣେଇ କହୁଥିଲା, ତୋ ସହ କିଏ ଏମିତି କଲେ ଅନ୍ତତଃ ଭଲ ଦି' ପଇସା ମିଳିଯିବ। ଭୋକ ଉପାସରେ ରହିବାକୁ ପଡିବନି କି କାମ ଖୋଜି ଖୋଜି ହିନସ୍ତା ହେବାନି। ସରକାରୀ ସହାୟତା ସହ ବେସରକାରୀ ଅନୁଷ୍ଠାନ ତରଫରୁ ଥଇଥାନ ବ୍ୟବସ୍ଥା ବି ହୋଇଯିବ। କାହା ପାଇଁ ଏହା କଳଙ୍କ ହୋଇପାରେ, ଆମ ପାଇଁ ତ ସୁଖ ଦିନର ଉପହାର ହେବ!



ଲିପ୍‌ସା ପଟେଲ
ଭବାନୀପାଟଣା

## କିଶୋରୀ କବିତା



# ସମ୍ପର୍କର ଶେଷ



ବର୍ଷାରାଣୀ ମହାମଲ୍ଲିକ

ତୁମେ ସଙ୍ଗରେ ହେଲେ
ମୁଁ କେଉଁ ଖୁସିରେ ଥିଲି
ନା ତୁମେ ଗଲା ପରେ
କେଉଁ ଦୁଃଖରେ ଅଛି
ତୁମେ ଥିଲେ ବି ସେହି ଲୁହ
ତୁମ ଅଭାବରେ ବି ସେହି ଲୁହ
ଗୋଟେ କଥା କହିବି
ତୁମ ଠୁଁ ଶହେ ଗୁଣ ଭଲ ଏ ଲୁହ
ତୁମେ ଛାଡ଼ିଗଲ ଅଥଚ
ଲୁହ ଛାଡ଼ି ପାରିଲାନି ମତେ
ତୁମ ସହ ଥିଲେ ବି ସେ ଝରୁଥିଲା
କେତେ ଝରେ ଯେ ସେ
ତାକୁ କଷ୍ଟ ହେଉଥିବ ବୋଲି ମତେ କଷ୍ଟ ହୁଏ
ତୁମେ କିନ୍ତୁ ଏ ସବୁର ବହୁତ ବାହାରେ ନା
ତୁମ ଜନ୍ମଜାତକରେ ଲୁହର ସ୍ଥାନ ନାହିଁ
ଛାଡ଼ ତୁମେ ପୁଣ୍ୟ କରିଛ
ଖୁସିରେ ରୁହ
ସମ୍ପର୍କ ତୁମ ଠାରେ କେଉଁ ବଡ଼ ଜିନିଷ
ସେଥିରେ ତୁମେ ପୁଣି ମତେ ପ୍ରମାଣ ମାଗିଥିଲ
ଏ କେତେ ଭଲ ପାଉଛ ମତେ
ତୁମ ପ୍ରେମର ଗଭୀରତା କେତେ
ସାଗରର ଗଭୀରତା ପରି ନା
ଅନନ୍ତ ଆକାଶ ପରି
ବର୍ଷା ଟୋପା ପରି ନା
ଅଗଣିତ ତାରା ପରି
ଆଉ ଯଦି ପ୍ରମାଣ ନ ଦେଇପାରିଲି
ବିବାହିତା ନାରୀ ଗୋଟେକୁ ଯେଉଁ ପ୍ରକାର
ଘରୋଇ ହିଂସା କରନ୍ତି ସଭିଏଁ ମିଶି
ତମେ ଏକା ହୋଇ ସେତେ
ଜୁଲୁମ କରିବାକୁ ସକ୍ଷମ
ମୁଁ କିନ୍ତୁ ଏକାନ୍ତ ନିସ୍ୱ
ଲୁହ ଯାହା ମତେ ସମବେଦନା ଦେଇଯାଏ....
ସମ୍ପର୍କର ଶେଷ ପରେ..

ବରଗଡ଼
ଦୂରଭାଷ : ୮୨୬୦୬୫୯୩୩୨

# ସୁରିଲା ଜୀବନ ସଙ୍ଗୀତ

ସୁନନ୍ଦା ମହାନ୍ତି





ଯାହା ମିଳିଯାଏ ସେସବୁ ମାଟି ଭଳି ଲାଗେ କିନ୍ତୁ ଯାହା ମିଳିନଥାଏ ସେସବୁ ସୁନା ପରି ଚକଚକ କରୁଥାଏ ଅର୍ଥାତ ପାଇଥିବା ଜିନିଷ, ପଦାର୍ଥ, ମଣିଷ ସବୁ ତୁଚ୍ଛ ମନେ ହୁଅନ୍ତି କିନ୍ତୁ ଅନ୍ୟର ଜିନିଷ, ହାତ ପାଆନ୍ତାରେ ନଥିବା ଜିନିଷ ଓ ମଣିଷ ବହୁ ମୂଲ୍ୟବାନ ଲାଗନ୍ତି। ଯେମିତି ମଣିଷ ସଂସାରରୁ ଚାଲିଯିବା ପରେ ତାର ମୂଲ୍ୟ କେତେ ତାହା ଜଣାପଡେ. ବଞ୍ଚିଥିଲା ବେଳେ ରାଗ, ରୋଷ, ଦ୍ୱେଷ, ଇର୍ଷା, ଅଂହଙ୍କାର, ସ୍ୱାର୍ଥ ଓ ସର୍ତ୍ତ ଛଡା ମଣିଷ କାହାକୁ ଦେଇଛି କ'ଣ? ଟିକେ ଭଲପାଇବା, ଟିକେ ଆନ୍ତରିକତା, ଟିକେ ସୌହାର୍ଦ୍ଦ୍ୟ, ଟିକେ ନିବିଡ଼ତା ଖୋଜି ଖୋଜି ଥକି ପଡୁଥିବା ବେଳେ ସ୍ୱାମୀଙ୍କୁ କହନ୍ତି ସ୍ୱାତୀ, ଆନ୍ତତଃ ବାକି ଜୀବନତକ ମତେ ବନ୍ଧୁଟିଏ ବୋଲି ଭାବ। ସ୍ୱାମୀ ଚାହାଁନ୍ତି ସନ୍ଦିଗ୍ଧ ଦୃଷ୍ଟିରେ ତ ସ୍ୱାତୀ ବିକଳ ହୁଅନ୍ତି, ଆକୁଳ ହୁଅନ୍ତି କିନ୍ତୁ ଅଚଳ ଅଥଳ ଓ କଳକଳ ଛଳଛଳ ହୁଅନ୍ତି। ବାପା ମାଆ ଓ ଭଗବାନଙ୍କ ଆଶୀର୍ବାଦରୁ ପାଇଥିବା ସ୍ୱାମୀଙ୍କୁ ଜୀବନ ସଂଗୀତ ଭଳି ଦେଖୁ ଦେଖୁ କେବେ ଥକି ପଡୁ ପଡୁ, ତାଙ୍କ ଭିତରେ ଥିବା ସମସ୍ତ କାମନାରୂପୀ ଅଂହକାରକୁ ଦେହରେ ମୁଣ୍ଡରେ ବୋଳି ହେଇଯାଆନ୍ତି ନିର୍ବିଘ୍ନରେଓ ପଡିଯାଆନ୍ତି ଶାନ୍ତ। ସ୍ୱାମୀ ବୁଝିପାରନ୍ତି ନାହିଁ କେବେ ବି ସ୍ୱାତୀଙ୍କ ମନକଥା, ଭାବପ୍ରବଣତା ବରଂ ସବୁବେଳେ ସେହି କର୍ତ୍ତବ୍ୟ ଉର୍ଦ୍ଧରେ ନଯିବାକୁ ପରାମର୍ଶ। ଏଣିକି ଏଣିକି ସ୍ୱାମୀ, ସତୀଶ ଟିକେ ଟିକେ ଖୋଲା ବହି ଭଳି ସ୍ୱାତୀଙ୍କ ମନକଥା ପଢିବାକୁ ଚେଷ୍ଟା ତ କରୁଛନ୍ତି କିନ୍ତୁ ହାରିଯାଆନ୍ତି, ଏତେସବୁ ସାହିତ୍ୟ ଭିତରକୁ ପଶି ନପାରି ସିଧା ସିଧା କୁହ ତୁମେ କଣ ଚାହଁ ପଚାରନ୍ତି ତ ଉଦାସ ହୋଇଯାଆନ୍ତି ସ୍ୱାତୀ। ଟିକେ ମନକଥା ବୁଝି ପାରୁନଥିବା ମଣିଷଟା ମନରମଣିଷ କେମିତି ହେଲେ କେଜାଣି ଦ୍ୱନ୍ଦ ଉପୁଜେ ମନରେ। ସ୍ୱାତୀ ବି ନିଜ ପସନ୍ଦ ଅପସନ୍ଦ ସବୁ ସତୀଶଙ୍କ ଭିତରେ ସମାହିତ କରି ହେଇଯାଆନ୍ତି ସ୍ୱୟଂସମ୍ପୂର୍ଣ୍ଣ, ମାରିଦିଅନ୍ତି ଛୋଟ ଛୋଟ ଇଚ୍ଛା, ଏଇ ଯେମିତି ଟିକେ ନନ ଷ୍ଟପ ଗପିବା ସମୁଦ୍ର କୂଳେ ତ ସତୀଶ କୁହନ୍ତି ଚାଲ ଚାଲ ରାତି ହୋଇଗଲେ ଆଖିକି ଆଲୁଅ ପଡି ଗାଡି ଆଗକୁ ବଢିବା କଷ୍ଟ ହେବ। ସେମିତି ନିଜେ ଲେଖିଥିବା ଗଳ୍ପ ବା କବିତାଟିଏ ପଢି ଶୁଣାଇଲେ କୁହନ୍ତି ସତୀଶ, ମୁଁ ଫେରେ ବଜାରରୁ, ଶୁଣେଇବ ରାତିରେ ତ ମନ ମରିଯାଏ ସ୍ୱାତୀଙ୍କର, କେବେ ବି ମନେପକାଇ ମାଗନ୍ତି ନାହିଁ ସତୀଶ, ଦେଖି ଆଣତ ତୁମ ଲେଖାଟି ପଢିବା। ଆଉ ଯଦି କେବେ ସ୍ୱାତୀ ନିଜ ଆଡୁ ବାଧ କରି ଚଷମା ସହିତ ବଢ଼େଇ ଦିଅନ୍ତି ତ ନଜର ପକେଇ, ହେଇଛି କହି ପୁଣି ଫେରେଇଦିଅନ୍ତି ତ ଆହତ କପୋତୀଟିଏ ପରି ସ୍ୱାତୀ କାହିଁକି ଭାଙ୍ଗି ପଡନ୍ତି ନିଜେ ବି ବୁଝି ପାରନ୍ତି ନାହିଁ। ସବୁ ସ୍ତ୍ରୀ ଗୁଡା ତାଙ୍କରି ପରି ନା ସବୁ ସ୍ୱାମୀଗୁଡା ସତୀଶଙ୍କ ଭଳି ଏମିତି ଭାବୁ ଭାବୁ ପୁଣି ନିଜକୁ ନିଜ ଭିତରେ ବନ୍ଦୀ କରିନିଅନ୍ତି ସ୍ୱାତୀ। ନଚେତ ଆଶାନ୍ତି ଶିଖାରେ ପୋଡି ପାଉଁଶ ହେବେ ସେ ନିଜେ, ବରଂ ସତୀଶଙ୍କ ଭଳି ବାସ୍ତବବାଦୀ ହୋଇଗଲେ ଭଲ।

ସେଦିନ, ବିବାହ ବାର୍ଷିକୀରେ ଏକାସଙ୍ଗେ ତିନି ଗୋଟି ପ୍ୟାକେଟ ସ୍ୱାମୀଙ୍କଠାରୁ ପାଇ ଖୁବ ଖୁସି ହୋଇଗଲେ ସ୍ୱାତୀ। ଠାକୁର ପୂଜା, ରୋଷେଇବାସ, ଖିଆପିଆ ସରୁ ପ୍ୟାକେଟ ଖୋଲିବେ ଭାବିଲା ବେଳକୁ ସତୀଶ କହୁଥିଲେ ଏଯାଏଁ ଖୋଲିନ! ଆଉ ଅବସ୍ଥା ଥିବ ତାର ତ ତରବର ଖୋଲି ବସିଲେ ପ୍ୟାକେଟ ତିନିଗୋଟି ସ୍ୱାତୀ। କିନ୍ତୁ ଏ କଣ ଦୁଇଟି ଲିମ୍ବ ଗଛ ସହ ଗୋଟିଏ ବଉଳ ଗଛ। ଚାହିଁଛ କଣ ଶୀଘ୍ର ପୋତି ଦିଅ ନଚେତ ମରିଯିବ ଯେ। ଅନିଚ୍ଛା ସତ୍ତ୍ୱେ ତିନିଗୋଟି ଗଛକୁ ତିନି ଜାଗାରେ ପୋତି ପାଣି ଦେଲା ପରେ ସ୍ୱାତୀ ଅନୁଭବ କଲେ ଏକ ଅନନ୍ୟ ଶକ୍ତି, ସାମର୍ଥ୍ୟ ଓ ମନୋବଳ. ଏଣିକି ଏହି ଗଛ ତିନିଗୋଟିର ଯତ୍ନ ଯେମିତି ତାଙ୍କ ଜୀବନ ସଂଗୀତ।

ଆସ୍ତେ ଆସ୍ତେ ଚେର ଲାଗି ଗଛ ବଡ଼ ହେଉଛି। ତା ସହ ସୁଖ ଦୁଃଖ ହେବା ସହ ସମୟ କାଟି ସ୍ୱାତୀ ବାସ୍ତବ ଦୁନିଆଁ ଦେଖି ଅପୂର୍ବ ଆନନ୍ଦ ମିଳୁଛି ସ୍ୱାତୀଙ୍କୁ, ନା ଅଭିଯୋଗ ନା ଅଭିମାନ। ଏଣିକି ପୁଅ ଝିଅଙ୍କ ଫୋନ ଆସିବାକୁ ନଚାହିଁ କେବଳ ସେହି ତିନିଗୋଟି ଗଛର ଯତ୍ନ କିନ୍ତୁ ଗଛ ବଢିବା ସଙ୍ଗେ ସଙ୍ଗେ କିଛି ସ୍ୱତନ୍ତ୍ରତା ଉପଲବ୍ଧି କରି ସେ ବିଚଳିତ। ଲିମ୍ବ ଗଛରେ ଫୁଲ ଫଳ ଧରୁନି। ନିର୍ବିକାର ସ୍ୱାମୀ କହନ୍ତି, ବ୍ୟସ୍ତ ହେବାର କଣ ଅଛି। ପକ୍ଷୀ କେହି ସେ ଗଛରେ ଆସି ବସୁନି ଉତ୍ତରରେ ବି ସେଇ ଏକା କଥା ସ୍ୱାମୀଙ୍କର। ବଉଳ ଗଛର ମଧ ସେହି ଅବସ୍ଥା।

ସେଦିନ ସ୍ୱପ୍ନ ଦେଖିଲେ ସ୍ୱାତୀ। ଅନେକ ମୟୁର, ଶୁଆ, ଶାରୀ, ହଳଦୀ ବସନ୍ତ ଗଛ ତିନିଗୋଟି ଉପରେ ବସା କରିଛନ୍ତି ଆଉ ଗଛ ତଳେ ହୋମ ଯାଗ ଯଜ୍ଞ ଚାଲିଛି। ସ୍ୱପ୍ନ ବିବରଣୀ ଶୁଣି ସ୍ୱାମୀ ସିନା ନିର୍ଲିପ୍ତ ହସ ହସିଦେଲେ କିନ୍ତୁ ପଣ୍ଡା ସୁଆର ସେବକଙ୍କ ସହିତ ମୁକ୍ତି ମଣ୍ଡପର ନୈଷ୍ଠୀକ ବ୍ରାହ୍ମଣ ଓ ପଣ୍ଡିତ କାକଟପୁର ମଙ୍ଗଳାଙ୍କ ଆଜ୍ଞାମାଳ ସହ ସ୍ୱାତୀଙ୍କ ଘରେ ହାଜର ହେବା, ବଡଠାକୁର ଓ ଜଗନ୍ନାଥଙ୍କ ପାଇଁ ଲିମ୍ବ ଗଛ ଦୁଇଟିକୁ ଚିନ୍‌ହଟ କରିବା ସହ ବଉଳ ଗଛଟିକୁ ରଥର ସେନାପଟା ପାଇଁ ଯୋଗ୍ୟ ବିଚାର କରି ଗଛ ତିନିଗୋଟିକୁ ଯଥା ରୀତି ନୀତି ପୂର୍ବକ ନେଇଯିବା ପରେ ଭୋ ଭୋ କାନ୍ଦୁଥିଲେ ସ୍ୱାତୀ। ସତୀଶ ଯେତେ ବୁଝାଇଲେ ବୁଝୁନଥିଲେ ତ ସ୍ୱାମୀ ପୁଣି ଆଣିଦେଇଥିଲେ ଲିମ୍ବ ଗଛ ଚାରା। ସେଇଟିକୁ ଅତି ଯତ୍ନରେ ଲଗାଇ ସୁଭଦ୍ରା ନାମରେ ଡାକି ସ୍ୱାତୀ ଅନୁଭବ କରୁଥିଲେ ତାଙ୍କ ସ୍ୱାମୀଙ୍କ ଦିବ୍ୟତ୍ୱଭିତରେ ଦେବତ୍ୱ। ଏତେ କଥା ପରେ ବି ସେ ଥିଲେ ନିର୍ଲିପ୍ତ। ଆଜି କାହିଁ ସ୍ୱାତୀଙ୍କୁ ଭାରି ଇଛା ହେଉଥିଲା ସତୀଶଙ୍କ ସହ ମନ୍ଦିର ଯିବାକୁ। କାଳେ ମନା କରିଦେବେ ବୋଲି କିଛି କହିନଥିବା ବେଳେ, ସ୍ୱାମୀ ଯେବେ ତାଙ୍କ ତରଫରୁ ମନ୍ଦିର ଯିବାକୁ ଡାକୁଥିଲେ, ସ୍ୱାତୀଙ୍କୁ ଜୀବନ ସଂଗୀତ ଏତେ ସୁରିଲା ଲାଗୁଥିଲା, ଅବର୍ଣ୍ଣନୀୟ ସେ ଖୁସି ଓ ପରିବେଶ ତଥା ମୁଗ୍ଧ ଓ ସ୍ତବ୍ଧ ବାତାବରଣ।

ସାକ୍ଷୀଗୋପାଳ, ପୁରୀ
ଦୂରଭାଷ : ୯୦୪୦୯୭୭୩୨୭

# କୋଚିଂ ସେଣ୍ଟର ପକ୍ଷରୁ ବନ ମହୋତ୍ସବ ପାଳିତ



**ମାଲକାନଗିରି :** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ଅନ୍ତର୍ଗତ ଗିରିକାନପାଲ୍ଲୀ ପଞ୍ଚାୟତର ଏମ୍.ଭି- ୯୫ ଗ୍ରାମର ପବିତ୍ର ବିଶ୍ୱାସ କୋଚିଙ୍ଗ ସେଣ୍ଟର ତରଫରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। ପବିତ୍ର ବିଶ୍ୱାସ କୋଚିଙ୍ଗ ସେଣ୍ଟରର ଗୋଟିଏ ବର୍ଷ ପୂର୍ତ୍ତି ଅବସରରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଉକ୍ତ କୋଚିଙ୍ଗ ସେଣ୍ଟରର ପ୍ରତିଷ୍ଠିତା ପବିତ୍ର ବିଶ୍ୱାସଙ୍କ କହିବା ଅନୁଯାୟୀ ସେ ଦୀର୍ଘ ବର୍ଷ ଧରି ବହୁ ସ୍ଥାନରେ ତଥା ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଜେ ପାଠପଢିବା ସହିତ ବହୁ ସଂଖ୍ୟକ ପିଲାମାନଙ୍କୁ ପାଠ ମଧ୍ୟ ପଢେଇଛନ୍ତି। ତାଙ୍କର ଗୋଟିଏ ସ୍ୱପ୍ନ ଥିଲା ଯେ ସେ ନିଜ ଗାଁର ପିଲାମାନଙ୍କ ପାଇଁ କିଛି କରିବେ ବୋଲି ହେଲେ ନାନା ପ୍ରକାର ଅସୁବିଧା ହେଉଥିବାରୁ ସେ ତାଙ୍କ ସ୍ୱପ୍ନକୁ ବାସ୍ତବରେ ପରିଣତ କରିପାରୁନଥିଲେ। ହେଲେ ଗାଁର କିଛି ଛାତ୍ରଛାତ୍ରୀ ମାନଙ୍କ ଉତ୍ସାହରେ ଆଜି ସେ ତାହା କରିପାରିଛନ୍ତି ଏବଂ ସେଥିପାଇଁ ସେ ଆଜିର ଏହି ଦିନକୁ ସ୍ମରଣୀୟ କରିବା ପାଇଁ ପ୍ରତି ବର୍ଷ ଏହିପରି ଭାବରେ ସ୍ଥାନୀୟ ଅଞ୍ଚଳରେ ବୃକ୍ଷ ରୋପଣ କରିବେ। ଆପଣଙ୍କ ଅବଗତ ନିମନ୍ତେ ଜଣାଇବାକୁ ଚାହୁଁଛି କି ଯେ ସେ ତାଙ୍କର ଏହି କୋଚିଙ୍ଗ ସେଣ୍ଟର ମଧ୍ୟରେ ଏହି ବର୍ଷ ଦଶମ ଶ୍ରେଣୀରେ ଶତ ପ୍ରତିଶତ ହାସଲ କରିବା ସହିତ ପଞ୍ଚମ ଶ୍ରେଣୀର ଆଦର୍ଶ ପରୀକ୍ଷାରେ ମଧ୍ୟ ଶତ ପ୍ରତିଶତ ହାସଲ କରିପାରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ପରେ କୋଚିଙ୍ଗ ସେଣ୍ଟରରେ ଏକ ପରୀକ୍ଷା ମୂଳକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ପ୍ରଥମ ଶ୍ରେଣୀର ଚନ୍ଦ୍ରିକା ମଣ୍ଡଳ, ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ନବମ ଶ୍ରେଣୀର ମନିଶଙ୍କର ମଣ୍ଡଳ, ତୃତୀୟ ସ୍ଥାନର ଅଧିକାର କରିଛନ୍ତି ପଞ୍ଚମ ଶ୍ରେଣୀର ଲଭଲି ମଣ୍ଡଳ ଏବଂ ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହିଭଳି ଅନେକ ନୂଆ ନୂଆ ଢାଞ୍ଚାରେ ପିଲାମାନଙ୍କୁ ପ୍ରକୃତି ପ୍ରତି ଯତ୍ନବାନ ହେବା ପାଇଁ ଉତ୍ସାହ ଦେଇଥିବାରୁ ସ୍ଥାନୀୟ ମହଲରେ ତାଙ୍କର ଏହି କୋଚିଙ୍ଗ ତଥା ତାହାର ଶିକ୍ଷା ବ୍ୟବସ୍ଥାକୁ ବୁଦ୍ଧିଜୀବୀ ମହଲରେ ବହୁ ପ୍ରଶଂସା କରାଯାଉଛି ଏବଂ ଆଗାମୀ ଦିନରେ ଏହି କୋଚିଙ୍ଗ ସେଣ୍ଟର ଆହୁରି ଅନେକ ସଫଳତା ହାସଲ କରୁ ବୋଲି ସ୍ଥାନୀୟ ଲୋକମାନେ ବ୍ୟକ୍ତ କରିଛନ୍ତି।

# ଆମେରିକାର ମାସାଚ୍ୟୁଟସ ଠାରେ ନୀଳାଦ୍ରି ବିଜେ ଉତ୍ସବ



**ବୋଷ୍ଟନ :** ଆମେରିକାର ମାସାଚ୍ୟୁଟସଠାରେ ଶ୍ରୀ ଜଗନ୍ନାଥଙ୍କର ତୃତୀୟ ବାର୍ଷିକ ରଥଯାତ୍ରା ଉତ୍ସବ,ବାହୁଡ଼ା ଯାତ୍ରା, ସୁନାବେଶ ଏବଂ ନୀଳାଦ୍ରି ବିଜେ ଆଦି ପର୍ବ ମହାସମାରୋହରେ ପାଳନ କରାଯାଇଛି। ନିଉ ଇଂଲଣ୍ଡ ନିବାସୀ ଓଡ଼ିଆ ସମ୍ପ୍ରଦାୟ ଏବଂ ନିଉ ଇଂଲଣ୍ଡ ଶିରିଡ଼ି ସାଇ ପରିବାରର ମିଳିତ ସହଯୋଗରେ, ଏହି ମହୋତ୍ସବମାନ ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଚତୁର୍ଦ୍ଧାମୂର୍ତ୍ତି ବିରାଜମାନ କରୁଥିବା ଗ୍ରେଟର ବୋଷ୍ଟନର ଗ୍ରୋଟନସ୍ଥିତ ୯୯ନଂ ଶିରିଡ଼ି ୱେ ଠାରେ ଅବସ୍ଥିତ ନିଉ ଇଂଲଣ୍ଡ ଶିରିଡ଼ି ସାଇ ମନ୍ଦିରକୁ ଖୁବ ଭବ୍ୟ ଢଙ୍ଗରେ ସଜା ଯାଇଥିଲା। ରଥଯାତ୍ରା ଦିନ ସକାଳେ ଏଠାରେ ବିଗ୍ରହ ପୂଜା ଏବଂ ରଥ ପାଇଁ ହୋମ ଆଦି ନିତିକାନ୍ତି ବୈଦିକ ବିଧି ଅନୁଯାୟୀ ପୂଜାରୀ ସର୍ବଶ୍ରୀ ଗୁଣ୍ଟୁରୁବାଲା ଭେଙ୍କଟ ପବନ, ରାମ ଚରାୟିଲୁ ଓ ମନୋହର ଚନ୍ଦ୍ରଶେଖରଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ମାସାଚ୍ୟୁଟସର ସ୍ଥାନୀୟ ଅଧିବାସୀଙ୍କ ସମେତ ପାର୍ଶ୍ୱବର୍ତ୍ତୀ ରୋଡସ ଆଇଲ୍ୟାଣ୍ଡ, କନେକ୍ଟିକଟ, ନିଉ ହାମ୍ପସାୟାର ଏବଂ ମେନ ଆଦି ରାଜ୍ୟରୁ ପ୍ରାୟ ୮୦୦ ଓଡ଼ିଆ ଓ ଅଣଓଡ଼ିଆ ଶ୍ରଦ୍ଧାଳୁ ସେମାନଙ୍କର ପରିବାରବର୍ଗ, ବନ୍ଧୁ ଓ ପରିଜନମାନଙ୍କ ସହିତ ଆସି ଏହି ପବିତ୍ର ପର୍ବରେ ଯୋଗ ଦେଇଥିଲେ। ଏଠାରେ ଅପରାହ୍ନରେ ଦିଅଁ ମାନଙ୍କୁ ଧାଡ଼ି ପହଣ୍ଡି କରାଯାଇ ସୁନ୍ଦର, ସୁଶୋଭିତ ଏବଂ ବିଭିନ୍ନ ରଙ୍ଗବେରଙ୍ଗର କପଡ଼ା ତଥା ପିପିଲି ଚାନ୍ଦୁଆରେ ସୁସଜ୍ଜିତ ୨୦ ଫୁଟ ଉଚ୍ଚତା ବିଶିଷ୍ଟ ରଥ ଉପରକୁ ନିଆଯାଇଥିଲା। ଉପସ୍ଥିତ ଭକ୍ତମାନେ ପାରମ୍ପରିକ ଛେରା ପହଁରା କାର୍ଯ୍ୟ କରିଥିଲେ। ଏହାପରେ ବହୁ ଆକାଂକ୍ଷିତ ଏବଂ ଦୀର୍ଘ ପ୍ରତିକ୍ଷିତ ରଥଟଣା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସଂଗଠକ ଓ ଦର୍ଶକମାନଙ୍କର ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଧ୍ୱନି ଏବଂ ଶଙ୍ଖ, ଘଣ୍ଟ, କରତାଳ, ମର୍ଦ୍ଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଗହଗହ ନାଦ ତଥା ଭଜନ, କୀର୍ତ୍ତନ ଏବଂ ଓଡ଼ିଶୀ ନୃତ୍ୟର ମୃଦ୍ୟୁମନ୍ଦ ଝଙ୍କାର ମଧ୍ୟରେ ରଥଟିକୁ ମନ୍ଦିର ବେଢ଼ାର ଚାରିପଟେ ଦୁଇ କିଲୋମିଟର ପର୍ଯ୍ୟନ୍ତ ଟଣାଯାଇ ପୁଣି ସାଇ ମନ୍ଦିର ସାମ୍ନାକୁ ଫେରାଇ ଅଣାଯାଇଥିଲା। ଚଳିତବର୍ଷର ରଥଯାତ୍ରାକୁ କେନ୍ଦ୍ର କରି ଉପସ୍ଥିତ ଭକ୍ତ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ, ଅସୀମ ଉନ୍ମାଦନା ଓ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା। ମାସାଚ୍ୟୁଟସର ରାଜରାସ୍ତାରେ ରାଜକୀୟ ଠାଣିରେ ରଥାରୂଢ଼ ଜଗତର ନାଥ ଜଗନ୍ନାଥଙ୍କର ଯାତ୍ରା ଏବଂ ଭକ୍ତ ଓ ଭଗବାନଙ୍କର ମହା ମିଳନର ଦୃଶ୍ୟ ବେଶ୍ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା। ରଥଟି ମନ୍ଦିର ପରିସରକୁ ଫେରିବା ପରେ ଠାକୁର ମାନଙ୍କୁ ରୋଷଣୀ କରି ଗର୍ଭଗୃହ ଭିତରକୁ ନିଆଯାଇ ରତ୍ନସିଂହାସନରେ ଆସୀନ କରାଯାଇଥିଲା। ସନ୍ଧ୍ୟାରେ ଦିଅଁ ମାନଙ୍କୁ ପୁରୀ ମନ୍ଦିର ଶୈଳୀରେ ସୁନାବେଶ କରାଯିବା ପରେ ଆଳତି ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷର ପାର୍ବଣରେ ମୁଖ୍ୟ ଆକର୍ଷଣ ଶ୍ରୀ ମନ୍ଦିରର ଆନନ୍ଦ ବଜାର ଭଳି ଏଠାରେ ପ୍ରସ୍ତୁତ ଛପନ ଭୋଗ ଥିଲା। ଏହି ସ୍ୱାଦିଷ୍ଟ ପ୍ରସାଦକୁ ଶ୍ରୀ ଜୀଉ ମାନଙ୍କୁ ଅର୍ପଣ କରାଯିବା ପରେ ଉପସ୍ଥିତ ଆଗନ୍ତୁକ ମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ରଥଯାତ୍ରା ଅବସରରେ ଆୟୋଜିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ମନଲୋଭା ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ ଏବଂ ସୁମଧୁର ଭଜନ ଗାୟନ ସ୍ଥାନ ପାଇଥିଲା। ସମଗ୍ର ସମାରୋହକୁ ବିପୁଳ ଭାବରେ ସଫଳ କରାଇବାରେ ମନ୍ଦିରର ବୋର୍ଡ ସଦସ୍ୟ, ସଂସ୍ଥାପକ ସଦସ୍ୟ, ବର୍ତ୍ତମାନ ଓ ପୂର୍ବତନ ଟ୍ରଷ୍ଟି ବୃନ୍ଦ, ପରିଚାଳନା ବୋର୍ଡ ସଦସ୍ୟ ଏବଂ ଗ୍ରେଟର ବୋଷ୍ଟନସ୍ଥିତ ସମଗ୍ର ଓଡ଼ିଆ ସମ୍ପ୍ରଦାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାସ୍ତା ନାହିଁ ...

ଆମ୍ବୁଲାନ୍ସ ନିକଟରେ ପହଞ୍ଚି ତାକୁ ମେଡିକାଲ ନେଇଯାଇଥିଲେ। ତେବେ ରାଜ୍ୟରେ ଦୁର୍ଗମ ଅଞ୍ଚଳର ରୋଗୀଙ୍କୁ ଠିକଣା ସମୟରେ ମେଡିକାଲରେ ପହଞ୍ଚାଇବା ନିମନ୍ତେ ସରକାର ବାଇକ ସେବା କାର୍ଯ୍ୟକାରୀ କରିଥିଲେ ମଧ୍ୟ ଏହିପରି କ୍ଷେତ୍ରରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ସେହିପରି ଗ୍ରାମବାସୀ ଗାଁକୁ ଗୋଟିଏ ଭଲ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାହା ହୋଇପାରିଲା ନାହିଁ। ତେବେ ବର୍ଷା ଦିନ ମାନଙ୍କରେ ଗ୍ରାମବାସୀ ଏଭଳି ଅନେକ ସମସ୍ୟା ଦେଇ ଗତି କରୁଥିଲେ ସୁଦ୍ଧା ସେମାନଙ୍କ ଦୁଃଖ ନ ଶୁଣିବାକୁ ପ୍ରଶାସନ ସତେ ଅବା ଭୀଷ୍ମ ପ୍ରତିଜ୍ଞା ନେଇଛନ୍ତି। ତେବେ ଗ୍ରାମକୁ ତୁରନ୍ତ ଗୋଟିଏ ସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ଗ୍ରାମର ବାବୁଲୁ ମୁର୍ମୁ, ରାମ ରାୟ ହଂସଦା, ସୀମାନ ହେମ୍ବ୍ରମ ପ୍ରମୁଖ ଦାବି କରିଛନ୍ତି।

### ଜହ୍ନ ରାଇଜକୁ

ଏହି ମିସନରେ ଏକ ୨ ମିଟର ଉଚ୍ଚ ଲ୍ୟାଣ୍ଡର ରହିଛି, ଯାହା ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରି ସେଠାରେ ଏକ ରୋଭରକୁ ନିୟୋଜିତ କରିବ। ରୋଭର ପ୍ରାୟ ଦୁଇ ସପ୍ତାହ ଧରି ଚାଲିବ ଏବଂ ଅନେକ ପରୀକ୍ଷାନିରୀକ୍ଷା କରିବ ବୋଲି ଆଶା କରାଯାଉଛି। ଇସ୍ରୋର ପୂର୍ବ ମିସନ ଚନ୍ଦ୍ରଯାନ-୨ ୨୦୨୦ରେ ସଫଳତାର ସହ ଏକ ଅର୍ବିଟରକୁ ନିୟୋଜିତ କରିଥିଲା। ତେବେ ଦୁର୍ଭାଗ୍ୟବଶତଃ ଚନ୍ଦ୍ରଯାନ-୩ ପାଇଁ ଉଦ୍ଦିଷ୍ଟ ଅବତରଣ ସ୍ଥଳ ନିକଟରେ ଏକ ଦୁର୍ଘଟଣାରେ ଏହାର ଲ୍ୟାଣ୍ଡର ଓ ରୋଭର ନଷ୍ଟ ହୋଇଯାଇଥିଲା। ଆଜିପର୍ଯ୍ୟନ୍ତ କେବଳ ସୋଭିଏତ୍ ଦେଶ, ଆମେରିକା ଓ ଚୀନ୍ ଚନ୍ଦ୍ରରେ ସଫଳ ଅବତରଣ କରିଛନ୍ତି। ଚନ୍ଦ୍ରଯାନ-୩ର ସଫଳତା ପରେ ଏହି ତାଲିକାରେ ଯୋଡ଼ିହେବ ଭାରତ। ମହାକାଶ ଗବେଷଣା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କିର୍ତ୍ତୀମାନ ସ୍ଥାପିତ କରି ଭାରତ ସଫଳତାର ସହିତ ଚନ୍ଦ୍ରଯାନ-୩ ଉତକ୍ଷେପଣ କରିଛି।

### ସରକାର ଭରିବେ ...

କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା ସୁବିଧା ଯୋଗାଇ ଦେବାକୁ ପଞ୍ଜିକୃତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମି ପାଇଁ ଚାଷୀଙ୍କୁ ଫସଲ ବୀମା ନିମନ୍ତେ ଆଉ ପ୍ରିମିୟମ ଅର୍ଥ ଦେବାକୁ ପଡ଼ିବ ନାହିଁ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟର କୌଣସି ଚାଷୀ ଆଉ ଫସଲବୀମାରୁ ବଞ୍ଚିତ ହେବେ ନାହିଁ। ସମବାୟ ବିଭାଗ ପକ୍ଷରୁ ଏଭଳି ଚାଷୀଙ୍କ ପ୍ରିମିୟମ ରାଶି ସିଧାସଳଖ ବୀମା କମ୍ପାନୀକୁ ଦିଆଯିବ। ତେବେ ୨ହେକ୍ଟରରୁ ଅଧିକ ଜମି ଥିବା ଚାଷୀ ପୂର୍ବଭଳି ୨ ପ୍ରତିଶତ ପ୍ରିମିୟମ ରାଶି ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମାର ସୁବିଧା ନେଇପାରିବେ। ସୂଚନାଯୋଗ୍ୟ, ରାଜ୍ୟରେ ଫସଲ ବୀମା ଯୋଜନାରେ ପ୍ରାୟ ୧୦ରୁ ୧୨ଲକ୍ଷ ଚାଷୀଙ୍କ ୧୦ଲକ୍ଷ ହେକ୍ଟର ଜମି ପଞ୍ଜିକୃତ ହୋଇଥାଏ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଭୋଟରଙ୍କୁ ନିଜଆଡ଼କୁ ଆକୃଷ୍ଟ କରିବାକୁ ବିଜେଡି ସରକାର ନିର୍ବାଚନୀ ବର୍ଷରେ ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା।

### ସାମ୍ନାକୁ ଆସିଲା ...

ଟ୍ରାଫିକ୍ ଡ୍ୟୁଟି କରୁଥିଲେ। ନିର୍ବାଚନ ବେଳେ ଦିନେ ନବ ଓ ତାଙ୍କ ସମର୍ଥକଙ୍କ ଗାଡ଼ିକୁ ଯାଞ୍ଚ କରିଥିଲେ ଗୋପାଳ ଦାସ। ଏହି ସମୟରେ ନବ ଦାସଙ୍କ ସମର୍ଥକ ତାଙ୍କୁ ଧମକାଇବା ସହ ଗାଳିଗୁଳଜ କରିଥିଲେ। ନବଙ୍କ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଓ ସମର୍ଥକଙ୍କ ଧମକ ପାଇ ଭୟଭୀତ ହୋଇ ଯାଇଥିବା ଗୋପାଳ ଦାସ ଚେକିଂ ନ କରି ଗାଡ଼ି ଛାଡ଼ି ଦେଇଥିଲେ। ଏହି ଘଟଣା ପରେ ନିଜ ଜୀବନ ପ୍ରତି ବିପଦ ଥିବା ଅନୁଭବ କରୁଥିଲେ ଗୋପାଳ ଦାସ। ଏପରିକି ନବ ଦାସଙ୍କ ସମର୍ଥକ ତାଙ୍କୁ ଜୀବନରୁ ମାରି ଦେବେ ବୋଲି ତାଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଥିଲା। ତେଣୁ ନିଜେ ମରିବା ପୂର୍ବରୁ ନବ ଦାସଙ୍କୁ ମାରିବା ପାଇଁ ଗୋପାଳ ମନସ୍ଥ କରି ଏହି କାଣ୍ଡ ଭିଆଇଥିବା କ୍ରାଇମବ୍ରାଞ୍ଚ ଚାର୍ଜସିଟ୍‌ରେ ଉଲ୍ଲେଖ ଅଛି।

### ରଦ୍ଦି କାଗଜ ...

ସଂପର୍କରେ ଯାହା କୁହାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ସେ କହିଛନ୍ତି, ଚାର୍ଜସିଟ୍ ତଥ୍ୟ ଅନୁସାରେ ଗାଡ଼ି ପାର୍କିଂକୁ ନେଇ ନବ ଦାସ ସମର୍ଥକଙ୍କ ସହ ଗୋପାଳନ ଦାସର ପାଟିତୁଣ୍ଡ ହୋଇଥିଲା। ଏହା କିନ୍ତୁ ପର୍ଯ୍ୟାପ୍ତ ନୁହେଁ। କେବେ ସେହି ଘଟଣା ଘଟିଥିଲା ସେ ନେଇ କିଛି ଉଲ୍ଲେଖ ନାହିଁ। କେବେ ଛୋଟ ବଚସାକୁ ନେଇ ହତ୍ୟାକାଣ୍ଡ ହୁଏ କି? ହତ୍ୟାକାଣ୍ଡର ସତ୍ୟାସତ୍ୟ ଜାଣିବା ପାଇଁ ଗୋପାଳ ଓ ନବଙ୍କ ମୋବାଇଲ୍ ଟ୍ରାକ୍ କରାଯାଇଥିଲା କି? କଲ୍ ରେକର୍ଡକୁ ତଦନ୍ତ ପରିସରଭୁକ୍ତ କରାଯାଇଥିଲା କି? ନବଙ୍କୁ ଭେଦ କରିଥିବା ଗୁଳି ଏ ଯାଏଁ ମିଳିନି। ଏଥିରୁ ଜଣାପଡୁଛି ତଥ୍ୟ ସଂଗ୍ରହରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ତଦନ୍ତ ସମାଧିସ୍ଥ ହୋଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

### ହେବେ ଦେଶର ...

ବୋଲି ବିଜେଡି କହିଛି। ୧୯୯୭ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ରାଜନୈତିକ କ୍ୟାରିଅର୍ ଆରମ୍ଭ କରିଥିଲେ। ମାର୍ଚ୍ଚ ୨୦୦୦ରେ ସେ ପ୍ରଥମ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ନବୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ୨୩ ବର୍ଷ ଧରି ନବୀନ ପଟ୍ଟନାୟକ ଓଡ଼ିଶାର ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ନିରାପତ୍ତା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ସେହିପରି ଶିଳ୍ପାୟନରେ ଓଡ଼ିଶାର ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ବିଦେଶ ପୁଞ୍ଜିନିବେଶରେ ଓଡ଼ିଶା ଦେଶରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏସବୁ ସମ୍ଭବ ହୋଇପାରିଛି ନବୀନଙ୍କ ଦୃଢ ନେତୃତ୍ୱ ଓ ସ୍ଥିର ସରକାର ପାଇଁ। ନବୀନଙ୍କ ଅନେକ ଜନହିତକାରୀ ଯୋଜନା ଏବେ ଦେଶକୁ ବାଟ ଦେଖାଉଛି। ଦେଶରେ ଲମ୍ବା ସମୟ ଧରି ମୁଖ୍ୟମନ୍ତ୍ରୀ ପଦବୀରେ ରହିବାରେ ପ୍ରଥମ ସ୍ଥାନରେ ରହିଛନ୍ତି ସିକ୍କିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପଓ୍ୱନ କୁମାର ଚାମଲିଙ୍ଗ। ଜୁଲାଇ ୨୨ରେ ନବୀନ ଦ୍ୱିତୀୟ ଦୀର୍ଘତମ ଅବଧିର ମୁଖ୍ୟମନ୍ତ୍ରୀ ହେବେ। ୨୩ ବର୍ଷ ଶାସନରେ ନବୀନଙ୍କ ନାଁରେ ରେକର୍ଡ ନୂଆ ନୁହେଁ। ଶ୍ରେଷ୍ଠ ପ୍ରଶାସନ, ନମ୍ବର ୱାନ୍ ମୁଖ୍ୟମନ୍ତ୍ରୀ ସହ ବିଭିନ୍ନ ରେକର୍ଡ ରହିଛି ନବୀନଙ୍କ ନାଁରେ।

### ମାମଲା ...

ମୋଟ୍ ୨,୩୨,୩୬୩ଟି ମାମଲା ରୁଜୁ ହୋଇଥିଲାବେଳେ ବିଚାରପତିମାନଙ୍କ ଦ୍ୱାରା ୭୧୩୬୮ଥର ଶୁଣାଣିରେ ୨,୦୨,୨୧୦ଟି ମାମଲାର ଫଇସଲା ହୋଇଛି । ଏହି ଅବଧିରେ ଜିଲ୍ଲା କୋର୍ଟରେ ଫଇସଲା ହାର ୮୭.୦୨% ରହିଛି । ୨୦୨୨ ଜାନୁୟାରୀରୁ ଜୁନ୍ ମଧ୍ୟରେ ୨,୩୫,୬୨୦ଟି ମାମଲା ରୁଜୁ ଓ ୬୦୬୩୨ଥର ଶୁଣାଣିରେ ୧,୫୫,୭୧୨ଟି ମାମଲାର ଫଇସଲା ହୋଇଛି। ସେହିପରି ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୧,୮୯,୩୧୫ଟି ମାମଲା ରୁଜୁ ଓ ୩୬୪୦୩ଥର ଶୁଣାଣିରେ ମୋଟ ୯୦,୨୩୮ଟି ମାମଲାର ଫଇସଲା ହୋଇଛି। ୨୦୨୧ରେ ଜିଲ୍ଲା କୋର୍ଟଗୁଡ଼ିକରେ ମାମଲା ଫଇସଲା ହାର ୪୭.୬୭% ଥିବାବେଳେ ୨୦୨୨ରେ ଏହା ୬୬.୦୯%କୁ ବୃଦ୍ଧି ପାଇଥିଲା । ଅବଶ୍ୟ ୨୦୨୨ ଜୁନ୍ ୩୦ତାରିଖ ସୁଦ୍ଧା ଜିଲ୍ଲା କୋର୍ଟରେ ମୋଟ ୧୮,୬୮,୮୯୭ଟି ମାମଲା ବିଚାରାଧୀନ ଥିବାବେଳେ ୨୦୨୩ ଜୁନ୍ ଶେଷବେଳକୁ ଏହି ସଂଖ୍ୟା ହ୍ରାସ ପାଇଁ ୧୮,୫୬,୨୫୩କୁ ହ୍ରାସ ପାଇଛି । ବିଭିନ୍ନ କାରଣ ଯଥା- କୋର୍ଟରେ ବାର୍ ଓକିଲଙ୍କ ଅନୁପସ୍ଥିତି, ଓକିଲଙ୍କ ମୃତ୍ୟୁ, ବିଚାରପତିମାନଙ୍କ ଛୁଟି ଆଦି କାରଣରୁ ମଧ୍ୟ ବିଗତବର୍ଷମାନଙ୍କରେ ଜିଲ୍ଲାସ୍ତରର କୋର୍ଟ କାର୍ଯ୍ୟ ପ୍ରଭାବିତ ହୋଇଛି। ତେବେ ସୁପ୍ରିମକୋର୍ଟଙ୍କ ୨୦୨୨ ଡିସେମ୍ବର ୧୨ ଓ ୧୪ତାରିଖ ରାୟ ପରେ ଏସବୁ ପରିସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ହୋଇଛି। ୨୦୨୩ ଜାନୁୟାରୀରୁ କୋର୍ଟରେ ବାର୍ ସଦସ୍ୟ(ଓକିଲ)ମାନେ ଆଉ ଅନୁପସ୍ଥିତ ରହୁନାହାନ୍ତି । ଏହି କାରଣରୁ ଜିଲ୍ଲା କୋର୍ଟଙ୍କ କାର୍ଯ୍ୟ ନଷ୍ଟ ଅବଧି ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ଜିଲ୍ଲା ନ୍ୟାୟପାଳିକାଙ୍କ କାର୍ଯ୍ୟ ନଷ୍ଟ ଅବଧି ୨୦୨୧ ମସିହାର ପ୍ରଥମ ୬ମାସରେ ୨,୪୧,୬୦୫ ଘଣ୍ଟା ଥିବାବେଳେ ୨୦୨୨ ମସିହାର ଏହି ଅବଧିରେ ତାହା ୧,୧୧,୨୨୩.୮ଘଣ୍ଟା ଥିଲା । କିନ୍ତୁ ୨୦୨୩ ପ୍ରଥମାର୍ଦ୍ଧ(ଜାନୁୟାରୀରୁ ଜୁନ୍ ଶେଷ)ରେ ଏହା ୩୮.୯୮ଘଣ୍ଟାକୁ ହ୍ରାସ ପାଇଛି। ଜିଲ୍ଲାସ୍ତରରେ ନୂଆ କୋର୍ଟ ଖୋଲାଯିବା, ଟ୍ରାଏଲ କୋର୍ଟରେ କେସଗୁଡ଼ିକୁ ବ୍ୟବସ୍ଥିତ କରିବା, ଟ୍ରାଏଲ କୋର୍ଟରେ ବିଚାରପତିଙ୍କ ନିଯୁକ୍ତି, ଇ-କୋର୍ଟ ବ୍ୟବସ୍ଥା ଯୋଗୁ କୋର୍ଟଙ୍କ କାର୍ଯ୍ୟ ନଷ୍ଟ ଅବଧି ହ୍ରାସ ପାଇଛି । କେବଳ ସେତିକି ନୁହେଁ ରାଜ୍ୟ ସରକାରଙ୍କ ଅବକାରୀ ଓ ଜଙ୍ଗଲ ବିଭାଗ ସମେତ ବିଭିନ୍ନ ବିଭାଗ ନିଜର ମାମଲା ପ୍ରତ୍ୟାହାର କରିନହେବା ଓ ଲୋକ ଅଦାଲତଗୁଡ଼ିକରେ ମାମଲାର ଫଇସଲା ଯୋଗୁ ଜିଲ୍ଲାସ୍ତରରେ ଫଇସଲା ହାର ବୃଦ୍ଧି ପାଇଛି ବୋଲି ରିପୋର୍ଟ କାର୍ଡରେ ଦର୍ଶାଯାଇଛି।

**ବନ ମହୋତ୍ସବ ବନାମ ଜଙ୍ଗଲ ପଦା**

# କାହା ଛତ୍ରଛାୟାରେ କାଠ ମାଫିଆ ସକ୍ରିୟ



**ଅସ୍ତରଙ୍ଗ :** ସାରା ରାଜ୍ୟରେ ପାଳନ ହେଉଛି ୭୪ତମ ବନ ମହୋତ୍ସବ ଅନୁରୂପ ଭାବେ ପୁରୀ ଜିଲ୍ଲା ବନଖଣ୍ଡ ଅନ୍ତର୍ଗତ ଅସ୍ତରଙ୍ଗ ବନାଞ୍ଚଳର ଗଙ୍ଗାଦେବୀ ମୁହାଁଣ ଠାରେ ଗତ ଗୁରୁବାର ଦିନ ପାଳନ ହୋଇଯାଇଛି। ଏହି ଉତ୍ସବରେ ଗୃହ ରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀଜିଲ୍ଲା ପରିଷଦ ଉପାଦକ୍ଷ ସ୍ୱାଧୀନ କୁମାର ନାୟକ, ସମସ୍ତ ବନବିଭାଗ କର୍ମଚାରୀ, ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ। ଗତ କିଛି ବର୍ଷ ହେବ ସାରା ରାଜ୍ୟରେ ଯେଉଁଭଳି ଭାବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି ସେଥିରୁ ମୁକ୍ତି ପାଇବା ପାଇଁ ସାଧାରଣ ଜନତାଙ୍କ ସମେତ ବନ ବିଭାଗର ପ୍ରମୁଖ ଭୂମିକା ରହିଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ରୋକିବା ପାଇଁ ବୃକ୍ଷ ରୋପଣ କରି ଜଙ୍ଗଲ ସୃଷ୍ଟି କରିବା ନିହାତି ଆବଶ୍ୟକ, କିନ୍ତୁ ଏଠି ଦେଖାଯାଉଛି ତାହାର କିଛି ବ୍ୟତିକ୍ରମ। ପରିବେଶ ସନ୍ତୁଳନ ବିଗିଡ଼ିବା ହେଉ କି ବିଭିନ୍ନ ତରିକାରେ ଅବାଧରେ ହେଉଥିବା ଜଙ୍ଗଲରୁ କାଠ ଚୋରା ଚାଲାଣ ହେଉଥିବାରୁ ଦିନକୁ ଦିନ ଜଙ୍ଗଲ ପଦା ହେବାରେ ଲାଗିଛି। ଯେତିକି ପରିମାଣରେ କାଠ କର୍ପୋରେସନକୁ ଯାଉଛି ସେତିକି ପରିମାଣରେ ଜଙ୍ଗଲ ସୃଷ୍ଟି କରାଯାଉ ନାହିଁ। ଯାହା ପରିବେଶବିତ ମାନଙ୍କୁ ଚିନ୍ତାରେ ପକାଉଛି। ଅସ୍ତରଙ୍ଗ ବନାଞ୍ଚଳ, ଗ୍ରାମାଞ୍ଚଳ, ରାସ୍ତା ଘାଟରୁ ପ୍ରତିଦିନ ଶହ ଶହ ଗଛ କଟାଯାଉଛି ଯାହାର ସିଧାସଳଖ ପ୍ରଭାବ ପରିବେଶ ଉପରେ ପଡୁଛି। ଜଗନ୍ନାଥ ପ୍ରକଳ୍ପ ନାମରେ ହୋଇଥିବା ପ୍ରକଳ୍ପ ଅନୁସାରେ ବନବିଭାଗ ପକ୍ଷରୁ ପ୍ରତି ଦଶ ବର୍ଷରେ ପୁରୁଣା ଝାଉଁ କାଠ କଟା ଯିବା ନେଇ ବ୍ୟବସ୍ଥା ରହିଛି କିନ୍ତୁ ଏହି ବ୍ୟବସ୍ଥା ଭିତରେ ଅନେକ ଅବ୍ୟବସ୍ଥା ମଧ୍ୟ ଦେଖିବାକୁ ମିଳିଛି। ଅନେକ ଅଳ୍ପ ବର୍ଷର ଝାଉଁ ଗଛ କଟାଯାଉଥିବା ଅଭିଯୋଗ ହେଉଛି। କାହା ଛତ୍ରଛାୟାରେ କାଠ ମାଫିଆ ସକ୍ରିୟ ହେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

**ବିଜୁ ଛାତ୍ର ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

# ‘ସୋସିଆଲ ମିଡିଆରେ ସକ୍ରିୟ ରୁହ’

**ଭୁବନେଶ୍ୱର :** ବିଜୁ ଛାତ୍ର ଜନତା ଦଳର ସଦସ୍ୟମାନେ ସୋସିଆଲ ମିଡିଆରେ ଅଧିକରୁ ଅଧିକ ସକ୍ରିୟ ହୁଅନ୍ତୁ। ବିରୋଧୀଙ୍କ ବିଭ୍ରାନ୍ତିକର ତଥ୍ୟକୁ ପ୍ରତିରୋଧ କରନ୍ତୁ। ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ବିରୋଧୀ ମିଛ କାହାଣୀରେ ବିଶ୍ୱାସ କରନ୍ତି। କିନ୍ତୁ ଆମେ ପ୍ରକୃତ ତଥ୍ୟ ସହିତ ବିରୋଧୀଙ୍କ ସାମ୍ନା କରିବା ଓ ଲୋକଙ୍କୁ ମୌଳିକ ଅଧିକାର ପ୍ରଦାନ କରିବା। ବିଜୁ ଛାତ୍ର ଜନତା ଦଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ପରାମର୍ଶ ଦେବା ସହିତ ବିରୋଧୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଛାତ୍ରମାନେ ଦେଶର ଓ ସମାଜର ଭବିଷ୍ୟତ। ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ରାଜ୍ୟ ସରକାର ମଜଭୁତ କରିଛନ୍ତି। ଶିକ୍ଷା ଓ ତାଲିମ ଉପରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଦେଶରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଛି। ୨ ହଜାର ମସିହାରେ ରାଜ୍ୟରେ ୬ଟି ବିଶ୍ୱବିଦ୍ୟାଳୟ ଥିଲା। ଆଜି ୧୮ଟି ବିଶ୍ୱବିଦ୍ୟାଳୟ ହୋଇଛି। ୨ ହଜାର ମସିହାରେ ୩ଟି ସରକାରୀ ମେଡିକାଲ କଲେଜ ଥିଲା। ଏବେ ୧୧ଟି ସରକାରୀ ମେଡିକାଲ କଲେଜ ହୋଇଛି। ସେହିପରି ସାମାଜିକ କାର୍ଯ୍ୟକ୍ରମରେ ନିୟୋଜିତ ହୋଇ ରକ୍ତଦାନ ଓ ବୃକ୍ଷରୋପଣ କରୁଥିବାରୁ ବିଜୁ ଛାତ୍ର ଜନତା ଦଳ ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକାରିଣୀରେ ପାରିତ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଯାଇଥିଲା। ବୈଠକରେ ରାଜନୈତିକ, ସାଙ୍ଗଠନିକ, ସଂକଳ୍ପ ଓ ଧନ୍ୟବାଦ ପ୍ରସ୍ତାବ ପାରିତ ହୋଇଛି। ଓଡ଼ିଶାରେ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇଛି। ନବୀନ ଓଡ଼ିଶା ଗଠନ ପାଇଁ ଛାତ୍ରଛାତ୍ରୀମାନଙ୍କ ଭୂମିକା କ’ଣ ରହିବ, ସେ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୈଠକରେ ଗୁରୁମନ୍ତ୍ର ଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଓ ୫ ହଜାର ହଷ୍ଟେଲ ନିର୍ମାଣ ସହିତ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କୁ ପଢ଼ାଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ। ସେ କହିଛନ୍ତି, ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଛାତ୍ରବୃତ୍ତି ହ୍ରାସ କରୁଛି। ସେଥିପାଇଁ ବିଜୁ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ। ଟ୍ରାଇବାଲ ୟୁନିଭର୍ସିଟି ସ୍ଥାପନ ପାଇଁ କେନ୍ଦ୍ର ପାଖରେ ଦାବି କରାଯିବ। କେନ୍ଦ୍ର ନ ଶୁଣିଲେ ଜୋରଦାର ଆନ୍ଦୋଳନ କରାଯିବ।

**ମନ୍ତ୍ରୀ ତୁଷାର କାନ୍ତି ଓ ସ୍ୱାଧୀନଙ୍କ ଉପରେ ବଢୁଛି ଭୋଟରଙ୍କ ଭରସା**

# ବିଜେପି ଛାଡି ବିଜେଡିରେ ମିଶିଲେ



**ଅସ୍ତରଙ୍ଗ :** କାକଟପୁର ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀ ତୁଷାର କାନ୍ତି ବେହେରା ଓ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ କୋରଣା ପଞ୍ଚାୟତରେ ଦଳ ପକ୍ଷରୁ ଏକ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରତୁରାଜ ରାଉତଙ୍କ ସଭାପତିତ୍ୱରେ ମିଶ୍ରଣ ପର୍ବ ଆୟୋଜିତ କରାଯାଇଥିଲା। ଏଥିରେ ଦୁଇ ଯୁବ ନେତାଙ୍କ ସହିତ ବ୍ଲକ ସଭାପତି କେଦାରନାଥ ବିଶ୍ୱାଳ, ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁ, ବରିଷ୍ଠ ନେତା କୁଞ୍ଜବିହାରୀ ପ୍ରଧାନ ୨ ଜିଲ୍ଲା ପରିଷଦ ସଭ୍ୟା ସ୍ୱରସ୍ୱତୀ ସ୍ୱାଇଁ, ବନିତା ବେହେରା, ସରପଞ୍ଚ ମଧୁସ୍ମିତା କାଣ୍ଡି, ସମିତି ସଭ୍ୟା କମଳା ରାଉତ, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସାଂସଦ ପ୍ରତିନିଧି ଚମ୍ପକ ବାରିକ, ସଂଯୋଜକ ପୂର୍ବତନ ସରପଞ୍ଚ ନିର୍ମଳ ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ବିରୋଧରେ ଲଢ଼ି ପରାଜିତ ହୋଇଥିବା ପ୍ରାର୍ଥୀ, ତାଙ୍କ ପ୍ରତିନିଧି ରିଙ୍କୁ ବେହେରା ଓ ତାଙ୍କ ସମର୍ଥକ, ସେହିପରି ଆଳସାହି ପଞ୍ଚାୟତ ଆଳସାହିର ହାଟକିଶୋର ସ୍ୱାଇଁ, ଭ୍ରମରବର ସ୍ୱାଇଁ, ପାଟସନ୍ଦରପୁର ଗ୍ରାମର ଅଭୟ ବେହେରା ବିଜେପି ଛାଡି ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି, ମନ୍ତ୍ରୀ ତୁଷାରକାନ୍ତିଙ୍କ କାର୍ଯ୍ୟ ଦକ୍ଷତା ଓ ଉପାଧ୍ୟକ୍ଷ ସ୍ୱାଧୀନଙ୍କ ଦୃଢ଼ ସଂଗଠନରେ ପ୍ରଭାବିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି ବୋଲି କହିଛନ୍ତି। ବଜେଡିର ପୂର୍ବତନ ବିଧାୟକ ସୁର ସେଠୀ ଦଳରେ ରହି ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କର୍ମୀ ମାନେ ଅଭିଯୋଗ କରିଥିଲେ। ଉପସ୍ଥିତ ନେତା ମାନେ କହିଥିଲେ ଖୁବଶୀଘ୍ର ରାଜ୍ୟ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ସାହିତ୍ୟ ସାରଥି - ଗୌରୀଶଙ୍କର



ଅକ୍ଷୟ କୁମାର ରାଉତ

ଓଡିଆ ଜାତି ଦାରୁଣ ସଙ୍କଟର ସମ୍ମୁଖିନ ହୋଇ ଅତ୍ୟାଚାର, ଅନ୍ୟାୟ, ଅନୀତି, ପରାଧୀନତାରେ ସଢୁଥିବା ବେଳେ ଉତ୍କଳର ପ୍ରାଣ, ପ୍ରଜ୍ଞାପୁରୁଷ ସାହିତ୍ୟ ସାରଥୀ ପ୍ରବୀଣ ସାମ୍ବାଦିକ କର୍ମବୀର ଗୌରିଶଙ୍କର କଟକ ଜିଲ୍ଲାର ଦୀକ୍ଷିତ ପଡାରେ ୧୮୩୮ମସିହା ଜୁଲାଇ ୧୩ ତାରିଖ ଆଷାଢ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପିତା ସଦାଶିବ ରାୟ ଓ ମାତା ଅନ୍ନପୂର୍ଣ୍ଣା ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ତାଙ୍କର ପୂର୍ବ ପୁରୁଷ ମାନେ ଷୋଡଶ



ସମ୍ବାଦ ପତ୍ରିକା

THE UTKAL DIPIKA.

WEEKLY EDITION.

ଶତାବ୍ଦୀରେ ବର୍ଦ୍ଧମାନ ଜିଲ୍ଲାସ୍ଥ ଚମ୍ପାପୁରରୁ ଆସି ଓଡିଶାର ଦୀକ୍ଷିତ ପଡାରେ ବାସ କରୁଥିଲେ। ତାଙ୍କ ସାଙ୍ଗିଆ ଥିଲା ବସୁ ବା ବୋଷ ପରେ ସେ ରାୟ ଭାବରେ ପରିଚିତ ହେଲେ। ଶିବ ପାର୍ବତୀଙ୍କ ଆଶୀର୍ବାଦରେ ଜନ୍ମ ହୋଇଥିବାରୁ ତାଙ୍କର ନାମ ଗୌରିଶଙ୍କର ରଖାଯାଇଥିଲା।

ପିଲାଦିନେ ଗୌରୀଶଙ୍କର ଗାଁ ଚାଟଶାଳିରେ ଓଡିଆ ଭାଷା ଶିକ୍ଷା ଆରମ୍ଭ କରିଥିଲେ, ପରେ ସେ ସରକାରୀ ଭାଷା ର୍ପାସୀକୁ ଗୁରୁ ମକ୍ତବର ଅଖୁନଜୀ ଠାରୁ ଶିକ୍ଷା କରିଥିଲେ। ରେଭେନ୍‌ସା କଲିଜିଏଟ୍ ବିଦ୍ୟାଳୟରୁ ଏଣ୍ଟ୍ରାନ୍ସ ପରୀକ୍ଷାରେ କୃତିତ୍ୱ ପଦର୍ଶନ କରି ବୃତି ପାଇ ଉଚ୍ଚ ଶିକ୍ଷା ନିମନ୍ତେ କଟକରୁ ହୁଗୁଳି ଯାତ୍ରା କରିଥିଲେ। ବାପାଙ୍କ ଆଦେଶରେ ଗୌରୀଶଙ୍କର ହୁଗୁଳିରୁ କଟକ ଫେରି କକା ଭବାନୀ ପ୍ରସାଦଙ୍କ ପରାମର୍ଶ କ୍ରମେ ବାଲେଶ୍ୱର ସ୍କୁଲରେ ତୃତୀୟ ଶିକ୍ଷକ ଭାବେ ମାସିକ ୨୦ ଟଙ୍କା ଦରମାରେ ନିଯୁକ୍ତ ହେଲେ। ସେହି ସମୟରେ ସେ ସ୍କୁଲରେ ରାଧାନାଥ ରାୟ ଓ ବୈକୁଣ୍ଠ ନାଥ ଦେ ପାଠ ପଢୁଥିଲେ। ୧୮୫୯ ମସିହାରେ କମିସନରଙ୍କ ଅପର୍ଫିସରେ ଜଣେ ଅମଲା ଭାବେ ନିଯୁକ୍ତ ହେଲେ। କମିଶନର ମିଜି.ଏଫ୍ କକବର୍ଣ ତାଙ୍କ କାର୍ଯ୍ୟ ଦକ୍ଷତାରେ ସନ୍ତୁଷ୍ଟ ହୋଇ ସ୍ଥାୟୀ କିରାଣି ପଦରେ ନିଯୁକ୍ତି କରିଥିଲେ। ଗୌରୀଶଙ୍କର ମନି ଅର୍ଡର ଏଜେଣଟଓ ଟ୍ରେଜେରୀ କିରାଣି ଷ୍ଟାଫ୍ ଭାବରେ କାମ କରୁଥିବା ସମୟରେ ଜଏଣଟ ମାଜିଷ୍ଟ୍ରଟ ଆମଷ୍ଟ୍ରଙ୍ଗ୍ ସାହେବଙ୍କ ମନିଅର୍ଡରକୁ ସମୟ ଗଡିଯାଇଥିବାରୁ ଫେରାଇ ଦେଇଥିଲେ। ଏହି କଥାରେ ଆମଷ୍ଟ୍ରଙ୍ଗ୍ ରାଗିଥିଲେ ମଧ ପରେ ଗୌରୀଶଙ୍କରଙ୍କର ମହାନତା ପାଖରେ ହାର ମାନି ଥିଲେ। ୧୨ ବର୍ଷ କିରାଣି ପଦବୀରେ କାର୍ଯ୍ୟ କରିବା ପରେ କଟକ ଅଦାଲତରେ ଟ୍ରାନ୍ସଲେଟର ପୋଷ୍ଟରେ ମି ମାକ୍ ଫରସନ୍ ମାସିକ ୧୦୦ଟଙ୍କା ଦରମାରେ ନିଯୁକ୍ତ ଦେଲେ। ଉକ୍ତ ଚାକିରିରେ ପ୍ରାୟ ୨୦ ବର୍ଷ ସେ କାମ କରିଥିଲେ। ଗୌରୀଶଙ୍କର ରଘୁନାଥପୁର ମାଣିକ ରାମ ମିତ୍ରଙ୍କ କନ୍ୟାଙ୍କୁ ବୈଦିକ ରିତିରେ ବିବାହ କରିଥିଲେ। ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ଥିଲେ, ମଧ ତାଙ୍କ ଔରଶରୁ ଜନ୍ମିତ ପୁଅମାନଙ୍କର ଅକାଳ ବିୟୋଗ ଘଟିଥିଲା କେବଳ ତିନୋଟି କନ୍ୟା ସନ୍ତାନ ଜୀବିତ ଥିଲେ। ୧୮୭୫ ମସିହାରେ ତାଙ୍କ ପତ୍ନିଙ୍କର ବିୟୋଗ ଘଟିଲା। ସେ ପୁନଃ ବିବାହ ନକରି ବ୍ରହ୍ମଚାରୀ ଜୀବନ ଅତିବାହିତ କଲେ।

ନଅଙ୍କ ଦୃଭିକ୍ଷ ସମୟରେ ଗୌରୀଶଙ୍କର ଦେବଦୂତ ପରି ଓଡ଼ିଆ ମାନଙ୍କୁ ଜୀଇଁବାକୁ ରାହା ଦେଖାଇଥିବାରୁ ତାଙ୍କର ଲିଖିତ ଅଭୀଯୋଗ ମି.ଜର୍ଜ.କାଂପେଲ ଖଜଣା ଛାଡ଼ କରିବା ଓ ବନ୍ଦୋବସ୍ତର ମିଆଦ ୩୦ବର୍ଷକୁ ବଢାଇ ଦେଇଥିଲେ। ନଅଙ୍କ ଦୃଭିକ୍ଷର ଭୟା ଭୟତାର ଅନୁଭବ ଗୌରୀଶଙ୍କରଙ୍କୁ ବ୍ୟଥିତ କଲା। ଗୌରୀଶଙ୍କର, ବିଚିତ୍ରନନ୍ଦ ଦାସ, ଜଗମୋହନ ରାୟ ୩ଜଣ ମିଳିତ ହୋଇ ୭୫୦୦ ଟଙ୍କାରେ କଟକ ପ୍ରିଣ୍ଟ ପ୍ରେସ୍ ପ୍ରତିଷ୍ଠା କରିଥିଲେ। ଏହା ପୂର୍ବରୁ ଖ୍ରୀଷ୍ଟଧର୍ମ ସମ୍ପର୍କିତ ପୁସ୍ତକ ଛାପା ପାଇଁ ମିଶନ ପ୍ରେସ୍ ନାମକ ଏକ ପ୍ରେସ୍ ଓଡ଼ିଶାରେ ଥାଏ। କଟକ ପ୍ରିଣ୍ଟ କମ୍ପାନୀର ଗୌରୀଶଙ୍କର ସେ ସେକ୍ରେଟେରି ଓ ପରିଚାଳକ ଥିଲେ। ଓଡ଼ିଆ ପାଞ୍ଜିକୁ ପ୍ରଥମ ଥର ପାଇଁ କଟକ ପ୍ରିଣ୍ଟିଂ କମ୍ପାନୀ ପ୍ରକାଶ କଲା। ତା ପରେ ସିଦ୍ଧାନ୍ତ ଦର୍ପଣ। ଗୌରୀଶଙ୍କରଙ୍କ ପ୍ରଚେଷ୍ଟାରେ କଟକ ପ୍ରିଣ୍ଟିଂପ୍ରେସ୍ ସମଗ୍ର ଓଡ଼ିଶାର ସଂସ୍କୃତିକ, ସାହିତୀକ, କଳା, ଭାସ୍କର୍ଯ୍ୟ ଓ ରାଜନୈତିକ ଅଲୋଚନା ଓ କ୍ରିୟାକଳାପର କେନ୍ଦ୍ର ସ୍ଥଳି ପାଲଟିଗଲା। ୧୮୬୬ ମସିହା ଅଗଷ୍ଟ ମାସରୁ ଉତ୍କଳ ଦୀପିକା ପ୍ରକାଶ ପାଇଲା। 'ଉତ୍କଳ ଦୀପିକା' ଉତ୍କଳ ଭାଷାର ସୁରକ୍ଷା, ରାଜା ପ୍ରଜାଙ୍କର ମତ ଓ ସାମାଜିକ ସ୍ଥିତି ଉପରେ ଗୁରୁତ୍ୱ ଆରୋପ କରି ଉତ୍କଳର ମୁଖପତ୍ରରୂପେ ରାଜ ଦ୍ୱାରରେ ଗୃହୀତ ହେଉଥିଲା। ଦୀର୍ଘ ୫୦ବର୍ଷ ଧରି ଗୌରୀଶଙ୍କରଙ୍କର ଉତ୍କଳ ଦୀପିକାର ପ୍ରତିଷ୍ଠାତା ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। 'ଦୀପିକାରେ' ଗଳ୍ପ, କବିତା, ପ୍ରବନ୍ଧ, ଇତିହାସ, ରାଜନୈତିକ କାର୍ଯ୍ୟ କଳାପ ଆଦି ବିଭିନ୍ନ ଦିଗ ଉପରେ ସାରଗର୍ଭକ ଆଲୋଚନା ମୂଳକ ଲେଖାମାନ ପ୍ରକାଶ ପାଉଥିଲା। ପଣ୍ଡିତ ଗୋବିନ୍ଦ ରଥ ଗୌରୀଶଙ୍କରଙ୍କ ସହାୟତାରେ ଅନେକ ଲେଖକ ମାନଙ୍କୁ ନେଇ ପାଠ୍ୟ ପୁସ୍ତକ ରଚନା କରିଥିଲେ।

'ଓଡ଼ିଶା ଆସୋସିଏସନ୍' ବା ଉତ୍କଳ ସଭାର ଗୌରୀଶଙ୍କରଙ୍କର ଥିଲେ ସମ୍ପାଦକ। ଏହିସଭା ମାଧ୍ୟମରେ ଓଡ଼ିଶା ଓ କଟକର ହିତକଳ୍ପେ ବିଭିନ୍ନ ବିଷୟମାନ ଉପରେ ଧ୍ୟାନ ଦିଆଯାଉଥିଲା। ଗୌରୀଶଙ୍କର ୧୯୦୫ ମସିହାରେ ଏହି ସଭା କର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଗୌରୀଶଙ୍କର ରାୟବାହାଦୁର , ଗୋକୁଳା ନନ୍ଦ ଚୌଧୁରି ଓ କେତେଜଣ ବିଶିଷ୍ଟ ବ୍ୟକ୍ତି ମିଶି 'ଓଡ଼ିଆ ଲୋକସଭା' ନାମକ ଏକ ନୂତନ ଦଳ ଗଠନ କରିଥିଲେ । ଜାତୀୟ ମହାସଭା ବା କଂଗ୍ରେସ ସହିତ ଉତ୍କଳର ସମ୍ବନ୍ଧ ଦୃଢ ରଖିବା ପାଇଁ ସେ ପ୍ରତି ବର୍ଷ ଉକ୍ତ ମହାସଭାକୁ ଉତ୍କଳ ସଭାରୁ ପ୍ରତିନିଧି ପ୍ରେରଣାର ପକ୍ଷପାତି ଥିଲେ। ସେ ଜାତୀୟ ମହାସଭାରେ ଯୋଗଦାନକୁ ମହାନ ପୂଣ୍ୟ କାର୍ଯ୍ୟ ମନେକରୁଥିଲେ। ୧୯୧୫ ମସିହାରେ ସୁଦୂର କରାଚିଅଧିବେଶନକୁ ଯାତ୍ରା କରିଥିଲେ ଜରାଜୀର୍ଣ୍ଣ ଦେହରେ।

ସଙ୍ଗୀତ ଓ ଲୋକ ସାହିତ୍ୟକୁ ଦୀର୍ଘ ସ୍ଥାୟୀ କରିବା ପାଇଁ ଗୌରୀଶଙ୍କର ଧନ ମନ ନିୟୋଜିତ କରିଥିଲେ। ସେ ପ୍ରାଚୀନ କାବ୍ୟ ଓ ସୁନ୍ଦର ଛାନ୍ଦ ମାନ ରଚନା କରି ସୁମଧୁର କଣ୍ଠରେ ବୋଲିପାରୁଥିଲେ। ସେ ପ୍ରତି ସପ୍ତାହର ମଙ୍ଗଳ ବାର ଓ ଶନିବାରରେ ପ୍ରିଣ୍ଟିଙ୍ଗ୍ କମ୍ପାନୀର ଦ୍ୱିତଳ ଗୃହରେ ପାଲା ଗାୟକ,ସଙ୍ଗୀତଜ୍ଞ,ବାଦକ ଓ ମିତ୍ର ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟ କରୁଥିଲେ। ଆମନ୍ତ୍ରିତ ବନ୍ଧୁମାନଙ୍କୁ ସେ ସମ୍ମାନର ସହିତ ଉପାଦେୟ ଭୋଜ୍ୟାଦି ପୂର୍ବକ ଉତରୀୟ ପ୍ରଦାନ କରୁଥିଲେ। ଏହି ସଭାରେ ଆସୁ କବି ମାନଙ୍କୁ ଉଚ୍ଚ ପ୍ରଶଂସା କରୁଥଲେ। ସଙ୍ଗୀତ ଶିକ୍ଷା ଓ ଶ୍ରବଣ ଦ୍ୱାରା ଆତ୍ମା ପରମ ସୁଖ ଓ ଶାନ୍ତି ପ୍ରାପ୍ତ ହେବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା।

ନାରୀ ସୃଷ୍ଟି କର୍ତା ଓ ସନ୍ତାନର ପ୍ରଥମ ଗୁରୁ। ତେଣୁ ଗୌରୀଶଙ୍କର ନାରୀ ଶିକ୍ଷାକୁଗୁରୁତ୍ୱ ଦେବାପାଇଁ ୧୮୬୮ ମସିହାରେ ଏକ ଚାଳ ଘରେ ଛଅ ସାତ ଜଣ ବାଳିକାଙ୍କୁ ନେଇ, କଟକ ହିନ୍ଦୁ ବାଳିକା ବିଦ୍ୟାଳୟ ସ୍ଥାପିତ କରିଥିଲେ। ପରିବର୍ତୀ ମୂହୁର୍ତରେ ତାହା ରେଭେନ୍ସା ହିନ୍ଦୁ ବାଳିକା ବିଦ୍ୟାଳୟରେ ନାମିତ ହେଲା। କୁମାରୀ ସରଳା ଦେବୀ ଝିଅ ମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଶିକ୍ଷା ପ୍ରଣାଳୀ ପରିବର୍ତନର ପରାମର୍ଶ ଗୌରୀଶଙ୍କରଙ୍କୁ ଦେଇଥିଲେ। ସେହି ନିୟମ ଅନୁସାରେ ପ୍ରଥମ ବର୍ଷ ଅକ୍ଷର, ଦ୍ୱିତୀୟ ବର୍ଷ ଅଙ୍କ, ସଂଗୀତ ଓ କ୍ରୀଡ଼ା ଶିକ୍ଷା ଦିଆଯିବ। ତୃତୀୟ ବର୍ଷ ଘରକରଣାର ହିସାବ ପତ୍ର, ହିନ୍ଦୀ କହିବା ଓ ବୁଝିବା, ସିଲାଇ ଆଦି ଶିକ୍ଷା ଦିଆଗଲା। ଚତୁର୍ଥ ବର୍ଷରେ ବ୍ୟାକରଣ , ଭୂଗୋଳ, ହିନ୍ଦୀ ପାଠ,ଚିତ୍ର, ନକ୍ସା, ରନ୍ଧନ, ସ୍ୱାସ୍ଥ୍ୟ ବିଜ୍ଞାନ ଉପରେ ଗୁରୁତ୍ୱ ଦିଆଗଲା। ପଂଚମ ବର୍ଷରେ ଇଂରେଜୀ ସଂଯୋଜନା ଉପରେ ନକ୍ସା ଦିଆଗଲା। ଷଷ୍ଠ ବର୍ଷରେ ସଂସ୍କୃତ ଜ୍ଞାନରେ ତାଲିମ ଦିଆଗଲା। ସପ୍ତମ ବର୍ଷରେ ମୌଳିକ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଗଲା। ଗୌରୀଶଙ୍କର ପୌରାଣିକ ଉପାଖ୍ୟାନ, ଐତିହାସିକ ବୀତତ୍ୱ, ସାମାଜିକ ମୂଲ୍ୟବୋଧକୁ ନେଇ ସେ ପାଠ୍ୟକ୍ରମ ମାଧମରେ ନାରୀମାନଙ୍କୁ ଶିକ୍ଷା ଦେବା ପାଇଁ ପ୍ରଚେଷ୍ଟା କରିଥିଲେ। ୧୮୭୦ ମସିହାରେ ଗୌରୀଶଙ୍କର ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ କଟକ ବ୍ରହ୍ମ ମନ୍ଦିରର ଅନ୍ୟତମ ଟ୍ରଷ୍ଟି ଥାଇ ଏହାର ରକ୍ଷା ଓ ଉନ୍ନତି ପାଇଁ ଚିନ୍ତା ଓ ଯତ୍ନ କରୁଥିଲେ। ବସ୍ତୁତଃ ଗୌରୀଶଙ୍କର ବ୍ରାହ୍ମଧର୍ମ ଓ ବ୍ରହ୍ମୋପାସନାକୁ ସନାତନ ଧର୍ମର ସାର ଓ ଶ୍ରେଷ୍ଠ ଅଙ୍ଗ ବୋଲି ମନେ କରୁଥିଲେ। ଜନସାଧାରଙ୍କ ଉପକାର ସକାଶେ ସେ କଟକରେ ଟାଉନ ହଲ୍ ନିର୍ମାଣ କରିଥିଲେ।





୧୯୦୫ ମସିହାରେ କାୟସ୍ଥମାନଙ୍କ କ୍ଷତ୍ରିୟତ୍ୱ ପ୍ରତିପାଦନ ନିମନ୍ତେ ବଙ୍ଗ ଦେଶରେ ଆନ୍ଦୋଳନ ଆରମ୍ଭ ହେଲା। ସେ ସମୟରେ ଗୌରୀଶଙ୍କର କଟକରେ କାୟସ୍ଥ ସଭାର ସଭାପତି ଥିଲେ। କାୟସ୍ଥ ମାନେ ଗୌରୀଶଙ୍କରଙ୍କ ନେତୃତ୍ୟରେ ଉପବୀତ ଧାରଣ କଲେ। ସେଥିପାଇଁ କାୟସ୍ଥ ସମାଜ ତାଙ୍କୁ ସମାଜଚ୍ୟୁତ କରିଥିଲା। ଏକ ବର୍ଷ ପରେ କାୟସ୍ଥ ସଭା ପୁଣି ସ୍ୱେଚ୍ଛାକ୍ରମେ ସାଧାରଣସଭା ଆହ୍ୱାନ କରି ଗୌରୀଶଙ୍କରଙ୍କୁ ଆପ୍ୟାୟିତ କରିଥିଲେ ଓ ସମାଜଚ୍ୟୁତ ରଦ୍ଦ କରିଥିଲେ। ଗୌରୀଶଙ୍କରଙ୍କ ନାତୁଣୀ ଶ୍ରୀମତୀ ଶୈଳକାଳା ଅଳ୍ପ ବୟସରେ ବିଧବାହୋଇଥିଲେ। ଗୌରୀଶଙ୍କର ଶୈଳବାଳାକୁ ସ୍ୱଗୃହକୁ ଆଣି ବାଳିକା ବିଦ୍ୟାଳୟରେ ତାହାର ପଢାପଢିର ବ୍ୟବସ୍ଥା କରିଥିଲେ। ଗୌରୀଶଙ୍କରଙ୍କୁ ସାମାଜିକ ନିର୍ଯାତନାର ଭୟ ଦେଖାଇ ଉକ୍ତ କାର୍ଯ୍ୟରୁ ବିରତ ପାଇଁ କାୟସ୍ଥମାନେ ଚେଷ୍ଟା କରିଥିଲେ। ଗୌରୀଶଙ୍କର ତାଙ୍କ ନୀତିରେ ଅଟଳ ରହିଥିଲେ। ୧୯୧୬ ମସିହାରେ ଗୌରୀଶଙ୍କର ରାୟ ବାହାଦୂର ଉପାଧି ପାଇଥିଲେ।

୧୯୧୭ ମସିହା ମାର୍ଚ୍ଚ ମାସ ୫ ତାରିଖ ପ୍ରେସ୍ ଘରେ ହଠାତ୍ ସଂଜ୍ଞାହୀନ ହୋଇପଡ଼ିଲେ, ମାର୍ଚ୍ଚ ୭ ତାରିଖ ରାତ୍ର ୯.୩୦ ମିନିଟ୍ ରେ ଓଡ଼ିଆ ଜାତିର କର୍ମ ପୁରୁଷ, ଓଡ଼ିଆ ଭାଷାର ପ୍ରାଣ କେନ୍ଦ୍ର, ବାଗ୍ମୀ ପୁରୁଷ ସବୁଦିନ ପାଇଁ ଆଖି ବୁଜି ଦେଲେ। ଗୌରୀଶଙ୍କରଙ୍କ ଅମ୍ଳାନ ପ୍ରତିଭା ତଥା କୀର୍ତ ତାଙ୍କୁ ଚିର ଅମର କରି ରଖିବ। ଏ ଜାତି ଏ ଭାଷା ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କର ଗୁଣଗାନ ଜୟ ଜୟକାର କରୁଥିବ।

*ପାରାଦ୍ୱୀପ ଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ : ୯୯୩୭୬୯୧୪୭୫*

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' ଆରମ୍ଭ

**ଭୁବନେଶ୍ୱର :** ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ସହିତ ଗାଁ ଗାଁରେ ଥିବା ପୂଜାସ୍ଥଳ ଓ ଐତିହାସିକ ଗୁରୁତ୍ୱ ବହନ କରୁଥିବା ସ୍ଥାନ ଗୁଡିକର ସୁରକ୍ଷା ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଓଡିଶାର ଗାଁ ଗୁଡିକରେ ଥିବା ପୂଜାସ୍ଥଳ ତଥା ଅନ୍ୟାନ୍ୟ ଐତିହାସିକ ଗୁରୁତ୍ୱ ଥିବା ସ୍ଥାନର ବିକାଶ ସହିତ ଡିଜିଟାଲ ଭିତ୍ତିଭୂମିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଛନ୍ତି ଏକ ନୂଆ ଯୋଜନା 'ଆମ ଓଡିଶା ନବୀନ ଓଡିଶା'। ଏହି ଯୋଜନାର ଅଂଶ ସ୍ୱରୂପ ପୂଜା ଓ ଐତିହାସିକ ସ୍ଥାନର ବିକାଶ ତଥା ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ସୁବିଧାର ବିକାଶ ନିମନ୍ତେ ପ୍ରତ୍ୟେକ ଗାଁରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରାଯାଇପାରିବ। ପଞ୍ଚାୟତ ଗୁଡିକରେ ଆଧୁନିକ ଭିତ୍ତିଭୂମିର ବିକାଶ ପାଇଁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରିବ। ରାଜ୍ୟ କ୍ୟାବିନେଟ ଏହି ଯୋଜନାକୁ ଅନୁମୋଦନ ଦେଇଛି। ଯୋଜନା ଉପରେ ନିଜର ଆଭିମୁଖ୍ୟ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନାରେ ରହିଛି ଏକ ନୂଆ ଓଡିଶା, ଏକ ଆକାଂକ୍ଷୀ ଓଡିଶା ଗଠନର ପରିକଳ୍ପନା। ଏଭଳି ଏକ ଆଧୁନିକ ଓଡିଶା ଯାହା କି ଆମର ମୌଳିକ ମୂଲ୍ୟବୋଧ ଉପରେ ପର୍ଯ୍ୟବେସିତ। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଓଡିଶା ସବୁବେଳେ ତା'ର ସଂସ୍କୃତି, ତା'ର ପରମ୍ପରା ଓ ଇତିହାସ ସହିତ ଦୃଢ ଭାବରେ ଯୋଡି ହୋଇ ରହିଛି। ଓଡିଶା ହେଉଛି ସେହି ଭୂମି ଯେ କି ସାରା ବିଶ୍ୱକୁ




ଜଗନ୍ନାଥ ସଂସ୍କୃତି ପରି ମହାନ ସଂସ୍କୃତି ସହ ପରିଚିତ କରାଇଛି। ଜଗନ୍ନାଥ ସଂସ୍କୃତି ବିଶ୍ୱପ୍ରେମ, ସେବା ଓ ସମାନତାକୁ ଗୁରୁତ୍ୱ ଦେଇଛି। ସମସ୍ତଙ୍କୁ ସମାନ ଭାବରେ ଆଦରି ନେଇଛି। ଜାତି ଓ ସଂପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ନିଜର କରିପାରିଛି ବୋଲି ସେ କହିଛନ୍ତି। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ପାଇଁ ଆମେ ଏହି ଯୋଜନାରେ ଏକ ଐତିହାସିକ ପଦକ୍ଷେପ ନେଇଛୁ ବୋଲି ପ୍ରକାଶ କରି ସେ କହିଲେ ଯେ ଏଥିରେ ସ୍ଥାନୀୟ ପୂଜାସ୍ଥଳୀ ତଥା ଐତିହାସିକ ଗୁରୁତ୍ୱ ଥିବା ସ୍ଥାନମାନଙ୍କର ସୁରକ୍ଷା ଏବଂ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗର ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଗ୍ରାମପଞ୍ଚାୟତ ଏହି ଯୋଜନାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରି କାମ କରିପାରିବେ। ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଇତିହାସ ଓ ଆଧ୍ୟାତ୍ମିକତା ସହ ଯୋଡି ହୋଇ ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି ବୋଲି ମତ ଦେଇ ସେ କହିଥିଲେ ଯେ ଆମର ଭବିଷ୍ୟତ ବଂଶଧରମାନଙ୍କ ନିମନ୍ତେ ସେସବୁ ସ୍ଥାନମାନଙ୍କର ସଂରକ୍ଷଣ ଓ ସୁରକ୍ଷା ଜରୁରୀ। 'ଆମ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡିକ ହିଁ ଏହି କାମକୁ ଅଧିକ ଦକ୍ଷତାର ସହ କରିପାରିବ ବୋଲି ସେ ଦୃଢ ବିଶ୍ୱାସ ପ୍ରକଟ କରିଥିଲେ। ନୂଆ ଓଡିଶା ତା'ର ମୂଳ ଭିତ୍ତିକୁ ସୁଦୃଢ ରଖିବା ସହିତ ଦୂର ଦିଗ୍ୱଳୟକୁ ଛୁଇଁବା ନିମନ୍ତେ ତାର ଡେଣାକୁ ଅଧିକ ପ୍ରସାରିତ କରିବ ବୋଲି ସେ ମତ ଦେଇଥିଲେ। ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ ଏଣିକି କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକ (ଜୁନିୟର ଏକଜ୍ୟୁକିଟିଭ ଆସିଷ୍ଟାଣ୍ଟ)କୁ ପଦୋନ୍ନତିରେ ବିଶେଷ ଅଗ୍ରାଧିକାର ମିଳିବ। ପୂର୍ବରୁ ଥିବା ୫ ପ୍ରତିଶତ ପଦୋନ୍ନତି କୋଟାକୁ ରାଜ୍ୟ ସରକାର ୨୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୁଇ ଭାଷାକୁ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିସ୍ ନିମନ୍ତେ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। କୁଇ ଭାଷାକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲେ ରାଜ୍ୟର ପ୍ରାୟ ୭ଲକ୍ଷରୁ ଊର୍ଦ୍ଧ୍ୱ କୁଇ ଭାଷାଭାଷୀ ଜନଜାତି ଉପକୃତ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ହାତୀଙ୍କ ଦେହରେ ହେବ 'ରେଡିଓ କଲରିଂ'

## ସାଟେଲାଇଟ୍‌ରୁ ଗତିବିଧି ଜାଣିବାକୁ ବନ ବିଭାଗର ସ୍ୱତନ୍ତ୍ର ଯୋଜନା

**ଭୁବନେଶ୍ୱର:** ହାତୀଙ୍କ ଗତିବିଧି ଅନୁଧ୍ୟାନ ପାଇଁ ହେବ ରେଡିଓ କଲରିଂ। ରେଡିଓ କଲରିଂ କରି ସାଟେଲାଇଟ୍ ଜରିଆରେ ହାତୀଙ୍କ ଉପରେ ରହିବ ନଜର। କେଉଁ ହାତୀ କେଉଁଆଡ଼େ ଯାଉଛି ଓ କେତେ ସମୟ କେଉଁଠାରେ ରହୁଛି ତାହାର ତଥ୍ୟ ରଖାଯିବ। ଏମିତି କରି ହାତୀ ମଣିଷ ଲଢ଼େଇରେ ହ୍ରାସ ଓ ହାତୀଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତି କମ୍ କରିବା ପାଇଁ ରାଜ୍ୟ ବନ ବିଭାଗ ପକ୍ଷରୁ ଯୋଜନା କରାଯାଇଛି। ଏଥିପାଇଁ ବେଙ୍ଗାଲୁରୁର 'ଏସିଆନ୍ ନେଚର କଞ୍ଜରଭେସନ୍ ଫାଉଣ୍ଡେସନ'ର ସହଯୋଗ ନିଆଯାଇଥିବା ବେଳେ ରେଡିଓ କଲରିଂରେ ସେମାନେ ସହଯୋଗ କରିବେ ବୋଲି ଚୁକ୍ତି ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଜଙ୍ଗଲରୁ ୩ଟି ହାତୀଙ୍କୁ ରେଡିଓ କଲରିଂ କରାଯିବ। ଏହି ପ୍ରକ୍ରିୟା ଦ୍ୱାରା ସାଟେଲାଇଟ୍ ମାଧ୍ୟମରେ ହାତୀମାନଙ୍କର ତଥ୍ୟ ମିଳିବ ଓ ଏହାକୁ ଅନୁଧ୍ୟାନ କରି ହାତୀଙ୍କ ଉପରେ ନଜର ରଖାଯିବ ବୋଲି ଯୋଜନା ହୋଇଛି। ଘଟଣା ସମ୍ପର୍କରେ ପିସିସିଏଫ୍ (ବନ୍ୟପ୍ରାଣୀ) ଏସ୍‌କେ ପୋପଲି କହିଛନ୍ତି ଯେ ଦନ୍ତା ହାତୀଙ୍କର ରେଡିଓ କଲରିଂ କରାଯିବ। ସାଧାରଣତଃ ହାତୀ ପଲଗୁଡ଼ିକୁ ମା' ହାତୀମାନେ ନେତୃତ୍ୱ ନେଇଥାନ୍ତି। ହେଲେ ଦନ୍ତାମାନେ ଏକୁଟିଆ ବୁଲିବା ସହ ସେମାନେ ଅଧିକ ପ୍ରତିକ୍ରିୟାଶୀଳ ହୋଇଥାନ୍ତି। ତେବେ ରେଡିଓ କଲରିଂ ସହାୟତାରେ ସେମାନଙ୍କର ସମ୍ପୂର୍ଣ୍ଣ ଗତିବିଧି ଉପରେ ନଜର ରଖାଯିବ। ରେଡିଓ କଲରିଂ କରିବା ପରେ ସାଟେଲାଇଟ୍ ମାଧ୍ୟମରେ ହାତୀମାନଙ୍କର ତଥ୍ୟ ସଂଗ୍ରହ କରାଯିବ। ପ୍ରଥମ ପର୍ଯ୍ୟାୟରେ ଚନ୍ଦକା ସମେତ ଦୁଇଟି ଜଙ୍ଗଲରୁ ୩ ଟି ହାତୀଙ୍କୁ ଚିହ୍ନଟ କରାଯାଇ ଏହି ରେଡିଓ କଲରିଂ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ପିସିସିଏଫ୍ କହିଛନ୍ତି। ଏହି ବ୍ୟବସ୍ଥା ଲାଗୁ ହେବା ପରେ ହାତୀମାନଙ୍କର ତଥ୍ୟ ସାଟେଲାଇଟ୍ ଜରିଆରେ ହସ୍ତଗତ ହେବ। ଏହି ତଥ୍ୟ ଆଧାରରେ ହାତୀଟି କେଉଁ ଆଡ଼େ ଯାଉଛି ତାହା ସୂଚନା ପାଇବା ପରେ ବନ ବିଭାଗର କ୍ଷେତ୍ରୀୟ କର୍ମଚାରୀଙ୍କୁ ଅବଗତ କରିବ। ଯାହାଦ୍ୱାରା ହାତୀ ମଣିଷ ଲଢ଼େଇ ହ୍ରାସ ପାଇବ ବୋଲି ଲକ୍ଷ୍ୟ ରହିଛି। ହାତୀ ମଣିଷ ସଂଘର୍ଷରେ କେତେବେଳେ ମଣିଷ ଜୀବନ ଯାଉଛି ତ କେତେବେଳେ ହାତୀଙ୍କ ପ୍ରାଣ ଯାଉଛି। ଅନେକ ସମୟରେ ହାତୀ ଶିକାରୀଙ୍କର ଦ୍ୱାରା ମୃତ୍ୟୁମୁଖରେ ପଡୁଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଙ୍କ ଜୀବନ ଯାଉଛି। ଏପରି ଦୁର୍ଘଟଣା ପ୍ରାୟତଃ ରାତିରେ ଘଟୁଥିବାରୁ, ହାତୀର ପ୍ରକୃତ ଲୋକେସନ ଚିହ୍ନଟ କରିବାକୁ ତଥା ରିୟଲ ଟାଇମ୍ ଜାଣିବାକୁ ସମସ୍ୟା ହେଉଛି। ଏହି ନୂଆ ପ୍ରୟାସ ରାତିର ଅନ୍ଧକାରରେ ହାତୀ ଉପରେ କଡ଼ା ନଜର ରଖିବା ସହିତ ୨୪ ଘଣ୍ଟିଆ ରିୟଲ ଟାଇମ୍ ଆଲର୍ଟ ଦେଇପାରିବ ବୋଲି ଲକ୍ଷ୍ୟ ରହିଛି। ଏହା ପୂର୍ବରୁ ରାଜ୍ୟର କିଛି ବନଖଣ୍ଡରେ ଥର୍ମାଲ ଡ୍ରୋନ ବ୍ୟବହାର କରି ହାତୀ ଉପରେ ନଜର ରଖାଯାଉଛି। ହାତୀ-ମଣିଷ ସଂଘର୍ଷ ରୋକିବା ସହିତ ମୃତ୍ୟୁମୁଖରୁ ହାତୀଙ୍କୁ ରକ୍ଷା କରିବାକୁ ଥର୍ମାଲ ଡ୍ରୋନ ବ୍ୟବସ୍ଥା କରାଯାଇଛି। ଏହି ଡ୍ରୋନ ବ୍ୟବହାର ଦ୍ୱାରା ହାତୀଙ୍କ ପ୍ରକୃତ ଗତିବିଧି ଜାଣି ହେଉଛି। ରାତିର ଅନ୍ଧକାରରେ ଘଞ୍ଚ ଜଙ୍ଗଲରେ ସେମାନଙ୍କ ଚାଲିଚଳଣ ସହ ସେମାନେ କେଉଁଆଡ଼େ ମୁହାଁଉଛନ୍ତି ଆଦି ସବୁ ତଥ୍ୟ ଟିକିନିଖି ମିଳିପାରୁଛି। କେବଳ ସେତିକି ନୁହେଁ, ରୋଗିଣା ହାତୀଙ୍କୁ ଉଦ୍ଧାର କରିବା, ଦୁର୍ଗମ ଜଙ୍ଗଲରେ ହାତୀଙ୍କୁ ଖୋଜିବା ପାଇଁ ମଧ ଏହାର ବ୍ୟବହାର କରିହେବ। ଗୋଟିଏ ଦଳରେ କେତୋଟି ହାତୀ ଅଛନ୍ତି, ସେଥିରେ କେତୋଟି ଛୁଆ ହାତୀ ଅଛନ୍ତି, ସବୁ ଟିକିନିଖି ଖବର ଥର୍ମାଲ ଡ୍ରୋନ୍‌ରେ ଜାଣି ହେଉଛି। ଏହି ଡ୍ରୋନ ଦ୍ୱାରା ବନ୍ୟ ଜନ୍ତୁଙ୍କ ଶରୀର ତାପମାତ୍ରା ଆକଳନ କରାଯାଇ ଜଙ୍ଗଲରେ ଥିବା ହାତୀଙ୍କ ଗତିବିଧି ଜାଣି ହେଉଛି। ୫୦ ମିଟର ଦୂରରେ ହାତୀ ଥିଲେ ବି ଡ୍ରୋନ ମାଧ୍ୟମରେ ସେମାନେ କେଉଁ ମୁହାଁ ହେଉଛନ୍ତି ଜାଣି ହେଉଛି। ରେଳ ଲାଇନ୍ ମୁହାଁ ହାତୀଙ୍କ ନିକଟରେ ଡ୍ରୋନ ଶବ୍ଦ ପହଞ୍ଚିଲେ ସେମାନେ ଡ୍ରୋନର ଶବ୍ଦ ଶୁଣି ଅଲଗା ଦିଗ ଆଡ଼େ ମୁହାଁଉଛନ୍ତି।

## ସତ୍‌ସଙ୍ଗ ବିହାର ଓ ପଳାଶୁଣୀରେ ଦୁଇଟି ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ଖୁବଶୀଘ୍ର: ଅପରାଜିତା

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ସତସଙ୍ଗ ବିହାର ଓ ପଳାଶୁଣୀଠାରେ ଖୁବଶୀଘ୍ର ଦୁଇଟି ଫୁଟ ଓଭର ବ୍ରିଜ୍ ନିର୍ମାଣ କରାଯିବ ବୋଲି ବିଜେପି ସାଂସଦ ଅପରାଜିତା ଷଡଙ୍ଗୀ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ନିଜର ରିପୋର୍ଟ କାର୍ଡ ଜାରି କରିବା ସହ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରରେ ସେ କ'ଣ ସବୁ କାର୍ଯ୍ୟ କରିଛନ୍ତି ତା'ର ହିସାବ ଦେଇଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ସତସଙ୍ଗ ବିହାରଠାରେ ଫୁଟଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଅଗଷ୍ଟ ପହିଲାରୁ ଆରମ୍ଭ ହେବ ଓ ହଂସପାଳଠାରେ ଫୁଟ୍ ଓଭରବ୍ରିଜ୍ କାର୍ଯ୍ୟ



ଚଳିତବର୍ଷ ଡିସେମ୍ବର ୩୧ତାରିଖ ସୁଦ୍ଧା ଶେଷ ହେବ। ଯଦିଓ ସେ ସାଂସଦ ଭାବେ ନିର୍ବାଚିତ ହେବାର ପ୍ରଥମବର୍ଷ ହିଁ ପଳାଶୁଣୀଠାରେ ଫୁଟଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ପାଇଁ ପଦକ୍ଷେପ ନେଇଥିଲେ କିନ୍ତୁ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଏହି ନିର୍ମାଣ କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହୋଇଛି। ଶ୍ରୀମତୀ ଷଡ଼ଙ୍ଗୀ ତାଙ୍କ କାର୍ଯ୍ୟକାଳରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ମୋଟ ୬୪୬୨.୭୯କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ କରାଇବାପରେ ସକ୍ଷମ ହୋଇଛନ୍ତି। ଏଥିରେ ୩୦ଟି ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ, ୯ଟି ଫ୍ଲାଏଓଭର, ୪ଟି ଫୁଟ୍ ଓଭର ବ୍ରିଜ, କ୍ୟାପିଟାଲ ରିଜନ ରିଙ୍ଗ ରୋଡ୍ ଓ ଖୋର୍ଦ୍ଧା ଟାଉନ୍ ବାଇପାସ୍ ରୋଡ୍ ନିର୍ମାଣ କାର୍ଯ୍ୟ ସାମିଲ ଅଛି। ଏସବୁ ପ୍ରକଳ୍ପର କାର୍ଯ୍ୟକୁ ସେ ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି। ଯାହାଫଳରେ ଏହା ନିର୍ଦ୍ଧାରିତ ସମୟରେ ଶେଷ ହେବ ଓ ଗୁଣାତ୍ମକମାନର କାର୍ଯ୍ୟ ହୋଇପାରିବ। ଏସବୁ ବ୍ୟତୀତ ବିଭିନ୍ନ ଅସୁବିଧାରେ ଥିବା ଲୋକମାନଙ୍କ ଅନୁରୋଧ ଆଧାରରେ ସେ ୮୨ଟି ଆବେଦନକୁ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟକୁ ପଠାଇ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରାୟ ୨.୧୦କୋଟି ଟଙ୍କା ରିଲିଜ୍ କରାଇବାରେ ସଫଳ ହୋଇଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ ନିଜ କାର୍ଯ୍ୟର ହିସାବ ଦେବା ସହ ଲୋକଙ୍କ ଅଭିଯୋଗ ଶୁଣାଣି ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି କହିଛନ୍ତି।

### ବାହାନଗା ଟ୍ରେନ୍ ଟ୍ରାଜେଡି

## କେତେ ସତ କହିଲେ ଅଭିଯୁକ୍ତ ?

**ଭୁବନେଶ୍ୱର :** ବାହନଗା ଟ୍ରେନ ଟ୍ରାଜେଡିରେ ଆଉ ୧୦ ଜଣ ରେଳବାଇ କର୍ମଚାରୀଙ୍କୁ ସିବିଆଇର ସମନ। ଖୁବଶୀଘ୍ର ସେମାନେ ସିବିଆଇରେ ହାଜର ହୋଇ ନିଜର ପକ୍ଷ ରଖିବେ। ଅନ୍ୟ କିଛି କର୍ମଚାରୀଙ୍କୁ ପଚରାଉଚରା କରି ସିବିଆଇ ଛାଡ଼ିଦେଇଥିବା ସୂଚନା ମିଳିଛି। ସେପଟେ ଗିରଫ ତିନି ଅଧିକାରୀ ସିନିୟର ସେକ୍ସନ ଇଂଜିନିୟର ଅରୁଣ ମହାନ୍ତି, ସେକ୍ସନ ଇଂଜିନିୟର ମହମ୍ମଦ ଅମ୍ଭୀର ଖାନ ଓ ଟେକ୍ନିସିଆନ ପପୁ କୁମାରଙ୍କର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି ଶେଷ ହୋଇଥିବା ବେଳେ ସେମାନଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସିବିଆଇ ସେମାନଙ୍କୁ ଆଉ ଥରେ ରିମାଣ୍ଡରେ ନେବାକୁ ଆବେଦନ କରି ନଥିବାରୁ ଅଭିଯୁକ୍ତମାନଙ୍କୁ ପୁଣି ଜେଲ୍ ପଠାଇ ଦିଆଯାଇଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି କେତେ ସତ କହିଲେ ଅଭିଯୁକ୍ତ। ଖୋଲିଲେ କି ଷଡ଼ଯନ୍ତ୍ରର ଗୁମର। ଦ୍ୱିତୀୟ ପର୍ଯ୍ୟାୟରେ ମିଳିଥିବା ୪ଦିନିଆ ରିମାଣ୍ଡରେ



ଗିରଫ ୩ ରେଳ ଅଧିକାରୀଙ୍କୁ ମାରାଥନ୍ ଜେରା କରିଥିଲା। ସିଗନାଲିଂ ତ୍ରୁଟି ପାଇଁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ କେଉଁ ପରିସ୍ଥିତିରେ ଏମିତି ହେଲା, ଦୁର୍ଘଟଣା ପରେ କାହିଁକି ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ ଚାଲିଥିଲା, ଏହା ପଛରେ ଷଡ଼ଯନ୍ତ୍ର ରହିଛି କି ଆଦି ଅନେକ ଦିଗରୁ ଛାନଭିନ କରାଯାଉଛି। ରେଲୱେ ସେଫ୍ଟି କମିଶନଙ୍କ ତଦନ୍ତ ରିପୋର୍ଟ ସିବିଆଇ ତଦନ୍ତରେ ବେଶ ସହାୟକ ହୋଇଥିବା ଜଣାପଡିଛି।

### ଶ୍ରୀଲୋକନାଥ ମନ୍ଦିର ବିକାଶ ପାଇଁ ମାଷ୍ଟର ପ୍ଲାନ୍

## ଖର୍ଚ୍ଚ ହେବ ୨୮ କୋଟି

**ପୁରୀ:** ବିକାଶ ପଥରେ ଶ୍ରୀକ୍ଷେତ୍ର। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ସ୍ଥାନରରେ ଐତିହ୍ୟ ନଗରୀ ପୁରୀ। ଗୋଟିଏ ପଟେ ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ଏବେ ଆଗେଇ ଚାଲିଛି ଅନ୍ୟାନ୍ୟ ବିକାଶ କାର୍ଯ୍ୟ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଣ୍ଡାର ରକ୍ଷକ ତଥା ପ୍ରସିଦ୍ଧ ଶୈବପୀଠ ବାବା ଶ୍ରୀଲୋକନାଥ ଦେବଙ୍କ ପୀଠର ବିକାଶ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏନେଇ ୨୮ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ବେଳେ ପୂର୍ବରୁ ୫ଟି ସଚିବ ପୁରୀ ଗସ୍ତରେ ଆସି ସମୀକ୍ଷା କରିବା ସହ ସେବାୟତ ଓ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଓବିସିସି, ରେଭିନ୍ୟୁ ଟିମ୍, କଣ୍ଟ୍ରାକ୍ଟରଙ୍କ ଉପସ୍ଥିତିରେ ତହସିଲଦାରଙ୍କ ପକ୍ଷରୁ ଡିମାରକେସନ କରାଯାଇଛି। ମୁଖ୍ୟତଃ କେଉଁ ସ୍ଥାନରେ ଜଳ ନିଷ୍କାସନ ନେଇ ସ୍ୱତନ୍ତ୍ର ଡ୍ରେନେଜ ବ୍ୟବସ୍ଥା ରହିବ, ପ୍ରବେଶ ପଥକୁ ଚଉଡ଼ା ସହ ସୌନ୍ଦର୍ଯ୍ୟକରଣ, ଜାଗର, ପଙ୍କୋଦ୍ଧାର ଏକାଦଶୀ, ଶ୍ରାବଣ ସୋମବାର ଭଳି ଦିନରେ ଭିଡ଼ ନିୟନ୍ତ୍ରଣ ପାଇଁ କିପରି ପଦକ୍ଷେପ ଗ୍ରହଣ କରାଯିବ, ଭକ୍ତ ଶ୍ରଦ୍ଧାଳୁଙ୍କ ଆନୁସଙ୍ଗିକ ମୌଳିକ ସମସ୍ୟାର କିଭଳି ସମାଧାନ କରାଯାଇପାରିବ ସେନେଇ ଜଏଣ୍ଟ ସର୍ଭେ କରାଯାଇଛି। ସେହିପରି ମନ୍ଦିର ଚାରିପଟେ ୬ ମିଟରର ପାଦଚଲା ରାସ୍ତା ନିର୍ମାଣ, ଦୁଇ ଚକିଆ, ଚାରିଚକିଆ ପାର୍କିଂ ପାଇଁ ବିସ୍ତୃତ ଜାଗାର ବ୍ୟବସ୍ଥା ସହ ପାର୍ବତୀ ସାଗରର ସୌନ୍ଦର୍ଯ୍ୟକରଣ ଓ ଜାଗର ପଡ଼ିଆର ବି ବିକାଶ କରାଯିବ। ଆଶ୍ରୟସ୍ଥଳୀ, ସେବା କେନ୍ଦ୍ର ନେଇ ପ୍ରସ୍ତାବିତ ପ୍ଲାନ ରହିଥିବା ବେଳେ ବାହାରୁ ଦର୍ଶନ ପାଇଁ ୬ଟି ଧାଡ଼ି ବ୍ୟବସ୍ଥା କରାଯିବ। ଏହାସହ ଭେଣ୍ଡିଂଜୋନ୍, ଶୌଚାଳୟ ଆଦିର ନିର୍ମାଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ୧୪ ଏକର ପରିମିତ ଅଞ୍ଚଳରେ ଲୋକନାଥ ମନ୍ଦିରର ବିକାଶ ନେଇ ଲକ୍ଷ୍ୟ ରଖାଯାଇଥିବା ବେଳେ ଜମି ଅଧିଗ୍ରହଣ ନେଇ କୌଣସି ସମସ୍ୟା ନଥିବା କହିଛି ପ୍ରଶାସନ।

## ବିକାଶ ପଥେ ପଶ୍ଚିମ ଓଡ଼ିଶା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଶ୍ଚିମ ଓଡିଶାରେ ମୁଖ୍ୟମନ୍ତ୍ରୀ ସଭାଗୃହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ପଶ୍ଚିମ ଓଡିଶାର ପ୍ରାୟ ୨୦୦୦ଟି କଲ୍ୟାଣ ମଣ୍ଡପ ଓ ସ୍ଥାନୀୟ ସଭାଗୃହ ଗୁଡିକର ନିର୍ମାଣ ହାତକୁ ନିଆଯିବ। ଏଥିପାଇଁ ୨୫ କୋଟି ଟଙ୍କା ବିନିଯୋଗ କରାଯିବ। ଏହାଦ୍ୱାରା ପଶ୍ଚିମ ଓଡିଶାର ଜନସାଧାରଣଙ୍କ ସାମାଜିକ ଓ ସାଂସ୍କୃତିକ ଜୀବନ ଆହୁରି ସକ୍ରିୟ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫ଟି ଉପକ୍ରମରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ପ୍ରକାଶ କରି ଏହିସବୁ ଭିତ୍ତିଭୂମି କାମ ଠିକ୍ ସମୟରେ ଶେଷ ହେବ ଓ ଏହାର ଗୁଣାତ୍ମକ ମାନ ମଧ ବହୁତ ଭଲ ରହିବ ବୋଲି ସେ ଆଶାପ୍ରକାଶ କରିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ ୩୩.୫୮ କୋଟି ଟଙ୍କା ବିନିଯୋଗରେ ଅନେକ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ପଶ୍ଚିମ ଓଡିଶାର ବିକାଶ ପାଇଁ ସେ ସବୁବେଳେ ସ୍ୱତନ୍ତ୍ର ଧ୍ୟାନ ଦେଇଆସିଛନ୍ତି। ପଶ୍ଚିମ ଓଡିଶା ବିକାଶ ପରିଷଦର ବଜେଟ ଦୁଇ ଗୁଣ ହେବା ସହିତ ଏହାର କାର୍ଯ୍ୟକ୍ରମ ମଧ ବୃଦ୍ଧି ପାଇଛି। ଜନପ୍ରତିନିଧି ମାନଙ୍କ ସହିତ ଆଲୋଚନା କରି ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ ବିକାଶ ପରିଷଦକୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ। ପଶ୍ଚିମ ଓଡିଶାର ବିକାଶ କ୍ଷେତ୍ରରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାର ବିକାଶରେ ପଶ୍ଚିମ ଓଡିଶାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୃଷି, ଶିଳ୍ପ, ଖଣି, ଶିକ୍ଷା ଏବଂ କଳା ଓ ସଂସ୍କୃତିରେ ସମୃଦ୍ଧ ହେଉଛି ପଶ୍ଚିମ ଓଡିଶା। ପର୍ଯ୍ୟଟନର ବିକାଶ ପାଇଁ ମା ସମଲେଶ୍ୱରୀ, ହରିଶଙ୍କର ଓ ନୃସିଂହନାଥ

### ୭ ଉନ୍ନତିମୂଳକ ପ୍ରକଳ୍ପ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ମନ୍ଦିରର ରୂପାନ୍ତର କାମ ଚାଲିଛି। ଏହା ସହିତ ଆହୁରି ଅନେକ ମନ୍ଦିର ଓ ଭିତ୍ତିଭୂମି କାମ ପାଇଁ ମଧ ପଦକ୍ଷେପ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଜରିଆରେ ସବୁ କାମ ତଦାରଖ କରୁଛି। ପଶ୍ଚିମ ଓଡିଶା ଖୁବ ଶୀଘ୍ର ବିକାଶର ସବୁ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ବୋଲି ସେ କହିଥିଲେ। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ ଠାରେ ଜଳସଂପଦ ମନ୍ତ୍ରୀ ଟୁକୁନି ସାହୁ, ବରଗଡ ଠାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ, ଦେବଗଡ ଠାରେ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ପ୍ରମୁଖ ଯୋଗ ଦେଇ ପଶ୍ଚିମ ଓଡିଶାର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ଯୋଜନାବଦ୍ଧ କାର୍ଯ୍ୟକ୍ରମର ଉଚ୍ଚପ୍ରଶଂସା କରିଥିଲେ। ୫-ଟି ଉପକ୍ରମରେ ସବୁ କାର୍ଯ୍ୟକ୍ରମ ଠିକ୍ ସମୟରେ ଆରମ୍ଭ ହୋଇ ଶେଷ ହେବା ସହିତ ପଶ୍ଚିମ ଓଡିଶାର ବିକାଶ ତ୍ୱରାନ୍ୱିତ ହୋଇପାରୁଛି ବୋଲି ସେମାନେ ମତ ଦେଇଥିଲେ। ବୈଠକରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ ଏହାର ସିଇଓ ଅଜିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଘାଟିତ ପ୍ରକଳ୍ପ ମଧ୍ୟରେ ବଲାଙ୍ଗୀର ଗଡିଆଜୋର ସେତୁ, ଟିଟିଲାଗଡ ଟାଉନହଲ୍, ବରଗଡ ଇକୋ ଟୁରିଜିମ୍, ଭିତ୍ତିଭୂମି, ଦେବଗଡ କଲେଜର ନୂଆ ଅଡିଟୋରିଅମ, କଳାହାଣ୍ଡି ବ୍ରଜମୋହନ ହାଇସ୍କୁଲର ନୂଆ ହଷ୍ଟେଲ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନୂଆ ଅଡିଟୋରିଅମ ଓ କୁଚିଣ୍ଡା କଲେଜର ଅଡିଟୋରିଅମ ରହିଛି। ଭିତ୍ତିଭୂମି ରଖାଯାଇଥିବା ପ୍ରକଳ୍ପ ମଧ୍ୟରେ ବରଗଡ ଜନ୍ଦୋଲ ଗାଁର କମ୍ୟୁନିଟି ହଲ୍, ବରୋମୁଣ୍ଡା କଳାଗ୍ରାମ, କଟାବାହାଲ ପର୍ଯ୍ୟଟନ କେନ୍ଦ୍ର ଏବଂ କଳାହାଣ୍ଡିର ବିଭିନ୍ନ ଜଳାଶୟର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ଏବଂ ସମ୍ବଲପୁର କେସିଆବାହାଲ ଠାରେ ନୂତନ ବହୁମୁଖୀ ହଲ୍‌ର ନିର୍ମାଣ କାମ ରହିଛି।

## ସେତୁ ଯୋଜନାରେ ଚିତ୍ରକୋଣ୍ଡା ଓ କୋରୁକୁଣ୍ଡା ବ୍ଲକ

**ଭୁବନେଶ୍ୱର :** ସେତୁ ଯୋଜନାରେ ସ୍ୱାଭିମାନ ଅଞ୍ଚଳରେ ଦ୍ରୁତ ପରିବର୍ତ୍ତନକୁ ଉପଲବ୍ଧି କରି ଚିତ୍ରକୋଣ୍ଡା ବ୍ଲକ୍‌ର ଅବଶିଷ୍ଟ ୯ ଗୋଟି ପଞ୍ଚାୟତ ଯଥା – ଆନ୍ଦ୍ରପାଲ୍ଲୀ, ପଣସପୁଟ, ଜୋଡାମ୍ବୋ, ରାଲିଗଡା, ପେପରମେଟଲା, ବଡପଦା, ଗଜଲମାମୁଣ୍ଡି, ଜନ୍ତ୍ରୀ ଓ ଧୁଳିପୁଟ ଏବଂ କୋରୁକୁଣ୍ଡା ବ୍ଲକ୍‌ର ନାକାମାମୁଡି ପଞ୍ଚାୟତ ସହିତ ମୋଟ ୧୦ ଗୋଟି ଅନୁନ୍ନତ ପଞ୍ଚାୟତକୁ ସେତୁ ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସେତୁ ଯୋଜନାରେ ବ୍ୟୟ ଅଟକଳ ୫୦ କୋଟିରୁ ୧୦୦ କୋଟିକୁ କରିବା ପାଇଁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ଚିତ୍ରକୋଣ୍ଡା ବ୍ଲକ୍‌ର ୯ ଗୋଟି ବିଛିନ୍ନାଞ୍ଚଳ ପଞ୍ଚାୟତକୁ ଗୁରୁପ୍ରିୟା ସେତୁ ଦ୍ୱାରା ସଂଯୋଗ କରାଯାଇଅଛି, ଯାହା



ସ୍ୱାଭିମାନ ଅଞ୍ଚଳ ନାମରେ ନାମିତ। ଏହି ଅନୁନ୍ନତ ଅଞ୍ଚଳର ଲୋକମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ସେତୁ ଯୋଜନା ୨୦୧୮ ମସିହାରୁ କାର୍ଯ୍ୟକାରି ହେଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫-ଟି ସଚିବ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମାର୍ଚ୍ଚ ୨୮ ତାରିଖରେ ମାଲକାନଗିରିର ଚିତ୍ରକୋଣ୍ଡା ବ୍ଲକ୍ ପରିଦର୍ଶନ କରିଥିଲେ ଓ ଲୋକମାନଙ୍କ ସ୍ୱାର୍ଥ, ସେମାନଙ୍କର ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଏହି ଅଞ୍ଚଳର ଶାନ୍ତି ଓ ସୁରକ୍ଷା ପାଇଁ ନିୟୋଜିତ ଅର୍ଦ୍ଧସାମରିକ ବାହିନୀ ପ୍ରତିଷ୍ଠାନର ଭିତ୍ତିଭୂମି ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ସେତୁ ଯୋଜନାରେ ୯ କୋଟି ୬୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି।

## ଚଳିତ ଶିକ୍ଷାବର୍ଷରୁ ହାଇସ୍କୁଲ ପିଲା ପଢ଼ିବେ କୋଡିଂ ଓ ଆଇଟି

**ଭୁବନେଶ୍ୱର :** ଚଳିତ ଶିକ୍ଷାବର୍ଷରୁ ରାଜ୍ୟର ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲର ଛାତ୍ରଛାତ୍ରୀମାନଙ୍କୁ 'କୌଶଳୀ' ସ୍କୁଲ କ୍ଲବ୍ ଜରିଆରେ ପ୍ରଯୁକ୍ତିବିଦ୍ୟା ଓ କୋଡିଂ ଶିକ୍ଷା ପ୍ରଦାନ କରାଯିବ। ସେଥିପାଇଁ ବିଜ୍ଞାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବର୍ତ୍ତମାନ ସମୟର ଆହ୍ୱାନ ଅନୁସାରେ ଛାତ୍ରଛାତ୍ରୀଙ୍କର ପ୍ରଯୁକ୍ତିବିଦ୍ୟା ଓ କୋଡିଂ ଶିକ୍ଷାର ଆବଶ୍ୟକତାକୁ ଭିତିକରି ଏଭଳି ଏକ ନୂତନ ପାଠ୍ୟକ୍ରମକୁ ବିଶେଷ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ କହିଛି। ସୂଚନା ଅନୁସାରେ, ପିଲାମାନଙ୍କୁ ପ୍ରଯୁକ୍ତିବିଦ୍ୟା (ଆଇଟି) ଓ କୋଡିଂ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟସ୍ତରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜଧାନୀ ଭୁବନେଶ୍ୱରର ୩ଟି ହାଇସ୍କୁଲରେ ଗତକାଲିଠୁ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବ୍ଲକସ୍ତରରୁ ୮୯ଜଣ ବିଜ୍ଞାନ ଶିକ୍ଷକଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ସାମିଲ କରାଯାଇଛି। ସେମାନଙ୍କୁ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ଏହି ପ୍ରଶିକ୍ଷଣ ଦେଉଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ବିଜ୍ଞାନ ଶିକ୍ଷକମାନଙ୍କୁ ଏହି ମୁଖ୍ୟ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେବେ ବୋଲି ଜଣାପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ 'ମୋ ସ୍କୁଲ' ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛି। ହାଇସ୍କୁଲଗୁଡ଼ିକରେ ସ୍କୁଲ କ୍ଲବ୍ ମାଧ୍ୟମରେ ଆକାଂକ୍ଷୀ ପାଠ୍ୟକ୍ରମର ପ୍ରଚଳନ କରାଯାଉଛି। ପାଠ୍ୟକ୍ରମରେ ୪ଟି ସ୍କୁଲ କ୍ଲବ୍ (କ୍ରୀଡାଙ୍ଗନ, କୌଶଳୀ, ସାହିତ୍ୟ ସୃଜନୀ, ଜିଜ୍ଞାସା) ନୂତନ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହାକୁ ସଫଳ ପରିଚାଳନା ପାଇଁ ଏବେ ମୁଖ୍ୟ ପ୍ରଶିକ୍ଷକଙ୍କୁ ପ୍ରଶିକ୍ଷଣ ରାଜ୍ୟସ୍ତରରେ ଦିଆଯାଉଛି। ଗତ ସପ୍ତାହରେ କ୍ରୀଡ଼ାଙ୍ଗନ କ୍ଲବ ନିମନ୍ତେ ପ୍ରଶିକ୍ଷଣ ଶେଷ ହୋଇଛି। ଏବେ କୌଶଳୀ କ୍ଲବର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପର୍ଯ୍ୟାୟକ୍ରମେ ପ୍ରତି ବ୍ଲକରୁ ଜଣେ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ପରବର୍ତ୍ତୀ ସମୟରେ ମୁଖ୍ୟ ପ୍ରଶିକ୍ଷକମାନେ ବ୍ଲକସ୍ତରରେ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେବେ। ଜାତୀୟସ୍ତରରେ କାର୍ଯ୍ୟ କରୁଥିବା ବିଭିନ୍ନ ଅନୁଷ୍ଠାନର ସହଭାଗିତାରେ 'ମୋ ସ୍କୁଲ' ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରୁଛି।




PLOT FOR SALE

MOUZA:BHOLA

N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha

Contact : 8658607286


## ବାରଙ୍ଗରେ ହେବ ଷ୍ଟକୟାର୍ଡ

**କଟକ :** ମେଟ୍ରୋ ଟ୍ରେନ୍ ପାଇଁ ବାରଙ୍ଗରେ ତିଆରି ହେବ ଷ୍ଟକୟାର୍ଡ ଓ ରିପ୍ୟାରିଂ ୟାର୍ଡ। ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୂଳିଆ ଯାତାୟତ କରିବ ଏହି ମେଟ୍ରୋ ଟ୍ରେନ୍। ତେବେ ସେହି ସମୟରେ ଯଦି କୌଣସି ଯାନ୍ତ୍ରିକ ତ୍ରୁଟି ହୁଏ କିମ୍ବା କୌଣସି ଅସୁବିଧା ତା'ର ତୁରନ୍ତ ସମାଧାନ ପାଇଁ ଏହି ୱାର୍କସପ୍ କରାଯିବ। ଏନେଇ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବାରଙ୍ଗ ଅଞ୍ଚଳରୁ ୫୦ ଏକର ଜମିର ସ୍ଥାନ ନିରୂପଣ କରାଯାଇଛି। ଖୁବଶୀଘ୍ର ଏହି ସ୍ଥାନ ନିରୂପଣ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟିନୀ ସୂଚନା ଦେଇଛନ୍ତି।

## ସମାଜସେବୀ ବିଶ୍ୱଜିତ୍ ପଟ୍ଟନାୟକ ସମ୍ବର୍ଦ୍ଧିତ

**ଭୁବନେଶ୍ୱର :** ସ୍ଥାନୀୟ ବୁଦ୍ଧମନ୍ଦିର ସଭାଗୃହରେ ଗଙ୍ଗାଧର ମହାପାତ୍ର ଫାଉଣ୍ଡେସନ୍ ପକ୍ଷରୁ ଅନୁଷ୍ଠିତ ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ଆଇନଜ୍ଞ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ୧୧୦ତମ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ କହିଥିଲେ ଗଙ୍ଗାଧର ମହାପାତ୍ର ସ୍ୱାଧୀନତା ପୂର୍ବ ଓ ପର, ଦୁଇ କାଳଖଣ୍ଡର ଭିନ୍ନ ଅନୁଭବର ମଣିଷ ଥିଲେ। ସେ କାଳରେ ତାଙ୍କ ଭଳି ରାଜନେତାଙ୍କ ପାଇଁ ବଡ଼ ସମ୍ପତ୍ତି ଥିଲା ଲୋକସମ୍ପତ୍ତି। କିନ୍ତୁ ଏବେ ଯେକୌଣସି ଉପାୟରେ ନିର୍ବାଚନ ଜିତିବା, ରାଜନୀତିରେ ମୂଳ ଲକ୍ଷ୍ୟ ହୋଇଛି। ବର୍ତ୍ତମାନ ଆଉ ବ୍ୟକ୍ତି-ବ୍ୟକ୍ତି, ଦଳ-ଦଳ ଭିତରେ ନିର୍ବାଚନ ହେଉନାହିଁ। ମୁଖ୍ୟବକ୍ତା 'ସୁବାର୍ତ୍ତା'ର ସଂପାଦକ ପ୍ରଦ୍ୟୁମ୍ନ ଶତପଥୀ କହିଲେ, ମଣିଷକୁ କିପରି ଭଲ ପାଇବାକୁ ହେବ, ତାହା ଗଙ୍ଗାଧର ମହାପାତ୍ରଙ୍କଠାରୁ ଶିଖିବା କଥା। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କ ସମେତ 'ଏକମାତ୍ର'ର ସାମ୍ବାଦିକ ତଥା ସମାଜସେବୀ ବିଶ୍ୱଜିତ୍ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।






PLOT FOR SALE

MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455


## ମହିଳା ସଂରକ୍ଷଣ ବିଲ୍ ପାସ୍ ପାଇଁ ପୁଣି ଦିଲ୍ଲୀରେ ସ୍ୱର ଉଠାଇବ ବିଜେଡି

**ଭୁବନେଶ୍ୱର :** ସଂସଦରେ ଶୀଘ୍ର ମହିଳା ସଂରକ୍ଷଣ ବିଲ୍ ପାସ୍ ଦାବି ପୁଣି ଜୋରଦାର ହେବ। ଦେଶର ପ୍ରଥମ ରାଜନେତା ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରଖିବା ପାଇଁ ଦାବି କରିଆସୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଦାବିକୁ ୨୨ଟି ରାଜନେ ?ତିକ ଦଳର ସମର୍ଥନ ମିଳିଛି। ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ କରିବାକୁ ବିଜେଡି ସାଂସଦମାନେ ବାରମ୍ବାର ସ୍ୱର ଉଠାଇଛନ୍ତି। କେନ୍ଦ୍ର ସରକାର କିନ୍ତୁ ନିଦାବିଷ୍ଟୁ ସାଜିଛନ୍ତି। ଏଥର ସଂସଦର ମୌସୁମୀ ଅଧିବେଶନରେ ଏହି ଦାବି ଜୋରଦାର ହେବ। ବିଜେଡି ପୁଣିଥରେ ଏହି ବିଲ ତୁରନ୍ତ ପାସ କରିବାକୁ ସଂସଦରେ ଦାବି ଉଠାଇବ ବୋଲି ସାଂସଦ ଶର୍ମିଷ୍ଠା ସେଠୀ କହିଛନ୍ତି। ରାଜନୀତିର ସବୁ ପ୍ଲାଟଫର୍ମରେ ମହିଳାଙ୍କୁ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଢ଼େଇ ଜାରି ରଖିଥିବା ବିଜେଡି ସାଂସଦ କହିଛନ୍ତି। ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଜେଡି ସବୁବେଳେ କାମ କରୁଛି। ପଞ୍ଚାୟତ ଓ ପୌର ନିର୍ବାଚନରେ ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେଇଥିଲା ବିଜେଡି। ୩୦ଟି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ମଧ୍ୟରୁ ୨୧ ଜଣ ମହିଳାଙ୍କୁ ବିଜେଡି ଅଧ୍ୟକ୍ଷ ପଦରେ ବସାଇଛି। ରାଜ୍ୟର ୩ଟି ନିର୍ବାଚିତ ମହାନଗର ନିଗମ ମଧ୍ୟରୁ ୨ଟିର ମହିଳା ମେୟର ଅଛନ୍ତି। ଲୋକସଭାରେ ୨୧ ଜଣ ସାଂସଦଙ୍କ ମଧ୍ୟରୁ ୭ଜଣ ଓ ରାଜ୍ୟସଭାରେ ୨ଜଣ ମହିଳା ପ୍ରତିନିଧିତ୍ୱ କରୁଛନ୍ତି। ବିଧାନସଭା ଓ ଲୋକସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ଦେଇଥିଲା ଦଳ। ମିଶନ ଶକ୍ତି ଜରିଆରେ ୮୦ ଲକ୍ଷରୁ ଅଧିକ ମହିଳାଙ୍କୁ ସଶକ୍ତ କରାଯାଇଛି। ସଂସଦ ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ଲାଗି ଲଢ଼େଇ ଜାରି ରଖିଛି ଦଳ। ବିଜେଡି ସ୍ୱରରେ ସ୍ୱର ମିଳାଇଛି କଂଗ୍ରେସ । ତୁରନ୍ତ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ବିଲ ପାସ କରିବାକୁ ଦଳ ଦାବି କରିବା ସହ କେନ୍ଦ୍ର ଉପରେ ବର୍ଷିଛି। ୨୦୧୦ରୁ ରାଜ୍ୟସଭାରେ ମହିଳା ସଂକ୍ଷଣ ବିଲ୍ ପାସ୍ ହୋଇଛି। ସେବେଠାରୁ ଲଗାତର ଭାବେ ବିଜେଡି ଲୋକସଭାରେ ମହିଳା ସଂରକ୍ଷଣ ବିଲ ପାସ୍ କରିବାକୁ ଦାବି କରିଆସୁଛି। ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ମହିଳା ସଂରକ୍ଷଣ ବିଲ୍ ଦାବି ଦେଶର ରାଜନୀତିକୁ ହଲଚଲ କରିବାର ସମ୍ଭାବନା ରହିଛି।


Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି